

ଶାହଙ୍କୁ କେଜ୍ରିୱାଲଙ୍କ ନିଶାନା | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପରଦାକୁ ଫେରିଲେ ହିନା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୫ Vol. 21 No-285 13 JANUARY 2025 MONDAY BHUBANESWAR ସୋମବାର, ୧୩ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଆଜିଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧(ଭାସ୍କର ନ୍ୟୁଜ): ସୋମବାରଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ। ରାଜ୍ୟରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ନେଇ ସୋମବାର ଦିନ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ । -ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷର ହେବ । ମିଳିଥିବା ସୂଚନା ଅନୁସାରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଉଭୟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହେବ ।

### ବରଗଡ଼ ଧନୁଯାତ୍ରା ଅନୁଦାନ ୧ କୋଟିକୁ ବୃଦ୍ଧି

ବରଗଡ଼,୧୨।୧(ଭାସ୍କର ନ୍ୟୁଜ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଅନୁଦାନ ରାଶି ୧ କୋଟିକୁ ବୃଦ୍ଧି ହୋଇଛି। ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂସଙ୍କ ଦରବାରରେ ହାଜର ହୋଇ ଏହି ଘୋଷଣା କରିଛନ୍ତି । ପୂର୍ବରୁ ଏହି ଅନୁଦାନ ରାଶି ୧୦ଲକ୍ଷ ଟଙ୍କା ରହିଥିଲା। ଏହି ରାଶିରୁ ୧୭୦ଜଣ କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ଜାତୀୟ ଯୁବ ଦିବସରେ ମୁଖ୍ୟମନ୍ତ୍ରୀ

# ବିବେକାନନ୍ଦ ପ୍ରତିଭା ଅମଳିନ



ଭୁବନେଶ୍ୱର,୧୨।୧(ଭାସ୍କର ନ୍ୟୁଜ): ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତିତ୍ୱ ନୁହେଁ ବରଂ ଏକ ଚିରଞ୍ଜିବୀ ଚେତନା । ଏହି ନାମ ଏକ ଅତୁଳନୀୟ ଆଦର୍ଶ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନବୋଧକୁ ଉପଲବ୍ଧି କରିବାର ପବିତ୍ର ଓଁକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଯୁବ ଦିବସ ପାଳନ ଅବସରରେ କହିଛନ୍ତି । ଭୁବନେଶ୍ୱର ରାମକୃଷ୍ଣ ମିଶନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ବିବେକାନନ୍ଦଙ୍କ ଛବି ଆଜି ପର୍ଯ୍ୟନ୍ତ ଜଣେ ତେଜସ୍ୱୀ, ବାଗ୍ମୀ ଓ ମହାନ୍ ସଂଗ୍ରାମୀ ସନ୍ୟାସୀ ଭାବେ ଅମଳିନ ରହିଛି । ବିବେକାନନ୍ଦ ଥିଲେ ଜଣେ ଯୁବ ସନ୍ୟାସୀ ଯିଏ କି ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ । ସେ ପୁଣି କହିଥିଲେ ଆଜି ଆମେ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଯୁବ ଦିବସ ଭାବେ ପାଳନ କରୁଛୁ । ଆମର ଯୁବ ସମାଜ ଯେତେ ଉନ୍ନତି କରୁ, ଯେତେ ସଫଳ ହେଉ, ଜଣେ ଭାରତୀୟ ଭାବରେ ପ୍ରଥମେ ଗର୍ବ ଅନୁଭବ କରିବା ଏବଂ ଭାରତୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ଦର୍ଶନ ତତ୍ତ୍ୱକୁ ଜାଣିବା ଓ ଏହାର ପ୍ରଚାର ପ୍ରସାର କରିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାମୀ ବିବେକାନନ୍ଦଙ୍କର ଚିକାଗୋ ଧାର୍ମିକ ସଭାରେ ଅଭିଭାଷଣ ଏକ ନୂଆ ଇତିହାସ ସୃଷ୍ଟି କରିଥିଲା । ଏହା ମାଧ୍ୟମରେ ଭାରତର ଧାର୍ମିକ ଓ ଦର୍ଶନ ତତ୍ତ୍ୱ ସମ୍ପର୍କରେ ବିଶ୍ୱ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଥିଲା ଏବଂ ଆମେ ଆମ ଧାର୍ମିକ ଓ ଦର୍ଶନ ତତ୍ତ୍ୱର ମହତ୍ତ୍ୱକୁ ବୁଝିଥିଲୁ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି । ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ଆମ ଯୁବ ସମାଜର । ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶ ତଥା ରାଜ୍ୟର ଅର୍ଥନୈତିକ ସମୃଦ୍ଧି ପାଇଁ ଉଦ୍ୟମ କରିବା ସହିତ ଆମ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଆସନ୍ତୁ ଏହି ଦିବସ ଅବସରରେ ସଂକଳ୍ପନେବା । ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ କହିଥିଲେ ଯେ, ଭାରତୀୟ ଯୁବ ସମାଜ ପାଇଁ ଏକ ଅଦ୍ୱିତୀୟ ପ୍ରେରଣା ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ସ୍ୱାମୀ ବିବେକାନନ୍ଦ ଭାରତବର୍ଷର ଆତ୍ମାକୁ ଜାଗରିତ କରିଥିଲେ । ଭାରତ ବର୍ଷକୁ ନେଇ ସ୍ୱାମୀଜୀଙ୍କ ଅଭିମାନ ଓ ସ୍ୱାଭିମାନ ଥିଲା ଅତୁଳନୀୟ । ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କମ୍ ବୟସରୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ପାଇଁ ପରାମର୍ଶ ଦେଇ ସେ କହିଥିଲେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଯଦି ଆମେ ଅନୁପାଳନ କରିବା ତେବେ ଆମ ଜୀବନରେ ବହୁତ ବଡ ପରିବର୍ତ୍ତନ ଆସିବ । ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ କହିଥିଲେ ଯେ, ସ୍ୱାମୀ ବିବେକାନନ୍ଦ ଥିଲେ ଭାରତୀୟ ଯୁବ ସମାଜର ପ୍ରତୀକ । ଚିକାଗୋରେ ସ୍ୱାମୀଜୀଙ୍କ ତିନି ମିନିଟର ବକ୍ତବ୍ୟ ତାଙ୍କୁ ବିଶ୍ୱବିଖ୍ୟାତ କରିଦେଇଥିଲା। ଭାରତର ଯୁବ • ପୃଷ୍ଠା ୫ ଦେଖନ୍ତୁ

## ୟଙ୍ଗ ଲିଡର ଡାଏଲଗ୍ କାର୍ଯ୍ୟକ୍ରମରେ ମୋଦୀ

# ଯୁବଗୋଷ୍ଠୀ ବିକଶିତ ଭାରତ ଗଠନର ନାୟକ




ନୂଆଦିଲ୍ଲୀ,୧୨।୧: ଦେଶର ଯୁବକମାନଙ୍କ ସହିତ ମୋର ଉତ୍ତମ ବନ୍ଧୁତା ଭଳି ସମ୍ପର୍କ ରହିଛି। ସେମାନେ ବିକଶିତ ଭାରତ ଗଠନର ନାୟକ। ଦେଶର ଯୁବଶକ୍ତି ଭାରତକୁ ଖୁବ୍‌ଶୀଘ୍ର ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବେ ବୋଲି ରବିବାର ନୂଆଦିଲ୍ଲୀର ଭାରତମଣ୍ଡପମ୍‌ରେ ଆୟୋଜିତ ୟଙ୍ଗ ଲିଡର ଡାଏଲଗ୍ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ କହିଛନ୍ତି, ଯୁବକମାନଙ୍କ ସହ ଆଲୋଚନା କଲାବେଳେ ବିକଶିତ ଭାରତର ଏକ ଚିତ୍ର ମଧ୍ୟ ମୁଁ ଦେଖୁଛି। କେଉଁଠାରେ ଭଲ ଆୟ ହେବ ଏବଂ କେଉଁଠାରେ ଭଲଭାବରେ ପଢ଼ିବା ପାଇଁ ଅଧିକରୁ ଅଧିକ ସୁଯୋଗ ମିଳିବ ଏ କଥା କହି ଆମେ ବିକଶିତ ହୋଇପାରିବୁ ନାହିଁ । ଯେତେବେଳେ ଆମ ପ୍ରତ୍ୟେକ ନିଷ୍ପତ୍ତିର ମାନଦଣ୍ଡ ସମାନ ହେବ, ଯେତେବେଳେ ଆମର ପ୍ରତ୍ୟେକ ପଦକ୍ଷେପ ସମାନ ହେବ ସେତେବେଳେ ଆମେ ବିକଶିତ ଭାରତ ଗଠନ କରିପାରିବା। ତେବେ ବିଶ୍ୱର କୌଣସି ଶକ୍ତି ଆମକୁ ବିକାଶରୁ ରୋକିପାରିବ ନାହିଁ ବୋଲି ମୋଦୀ ଦୃଢୋକ୍ତି ବାଢିଥିଲେ। ସେ କହିଥିଲେ, ମୁଁ ଲାଲକିଲ୍ଲାରୁ • ପୃଷ୍ଠା ୫ ଦେଖନ୍ତୁ

## ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଛ ମାଫିଆଙ୍କ ଆତଙ୍କରାଜ

# ଗୁଳିକରି ୮ ମତ୍ସ୍ୟଜୀବୀଙ୍କୁ ଛଡ଼ାଇନେଲେ

ରାଜନଗର,୧୨।୧(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଗଭୀର ସମୁଦ୍ର ମଧ୍ୟରେ ଗୁଳି ଫୁଟିଛି। ବନ ବିଭାଗ ପାଟ୍ରୋଲିଂ ଟିମ୍ ଉପରେ ମାଛ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣ ନେଇ ସୂଚନା ମିଳିଛି। ବେଆଇନ ଭାବେ ଏହି ଅଭୟାରଣ୍ୟରୁ ମାଛ ମାରୁଥିବା ତାରିଣୀ-୩ ଟ୍ରଲର ସହ ୯ଜଣଙ୍କୁ ବନ ବିଭାଗ କାବୁ କରି କାର୍ଯ୍ୟାଳୟକୁ ଆଣୁଥିବାବେଳେ ମାଛ ମାଫିଆମାନେ ୬ଟି ଟ୍ରଲର ନେଇ ବନ ବିଭାଗ କର୍ମଚାରୀଙ୍କ ଉପରକୁ ସଂଘବଦ୍ଧ ଆକ୍ରମଣ କରିବା ଆଲୋଡ଼ନ ସୃଷ୍ଟି କରିଛି। ମାଛ ମାଫିଆମାନେ ଗୁଳି ଫୁଟାଇ ୮ ମତ୍ସ୍ୟଜୀବୀଙ୍କୁ ଜୋର ଜବରଦସ୍ତ ବନବିଭାଗ କର୍ମଚାରୀଙ୍କଠାରୁ • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର
ପୃଷ୍ଠା-୨
Page-2
ଭୁବନେଶ୍ୱର
Bhubaneswar
୧୩.୦୧.୨୦୨୫
13.01.2025



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାୟାବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ମହାକାଳପଡାସ୍ଥିତ ଆଶ୍ରମବାଲିକୁଦାର ଲକ୍ଷ୍ମୀନାରାୟଣ ବିଦ୍ୟାପୀଠରେ ଶନିବାର ମେଧାବୃତ୍ତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ତଥା ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମେରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ କରିବା ସହିତ ସେମାନଙ୍କ ଭବିଷ୍ୟତ କିଭଳି ଭଲ ଭାବରେ ଗଢିପାରିବେ ସେ ସମ୍ପର୍କରେ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଏଥିସହିତ ମୁଖ୍ୟପୃଷ୍ଠପୋଷକ ଡ. ଦାସ କହିଥିଲେ ଯେ ପ୍ରତିବର୍ଷ ଏହି ବିଦ୍ୟାଳୟର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବ। ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ବାୟାବାବାଙ୍କ ପ୍ରତିମୂର୍ତ୍ତିରେ ପ୍ରଫେସର ଡ. ଦାସ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ପ୍ରତିଭାପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ପୁରାତନ ଛାତ୍ର ବିକ୍ରମାଦିତ୍ୟ ସାହୁ, ରାଜେନ୍ଦ୍ର ରାଉତ, ବିଜୟ ବେହେରା, ନିହାରରଞ୍ଜନ ଦାସ, ନାରାୟଣ ବେହେରା, ଅଶୋକ କୁମାର ପାଇତାଳ ଓ ମହନ୍ତ ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟବତିତ ନିକଟସ୍ଥ ବାୟାବାବା ଆଶ୍ରମର ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

## ଅଗ୍ନି ବିପନ୍ନଙ୍କୁ ସହାୟତା



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ଧୂଳିପଦା ଦାସସାହିରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୬ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଏହି ଖବର ପାଇବା ପରେ ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରି ତିହିଡ଼ିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଘ ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତା ପ୍ରାଦାନ କରିବା ସହିତ ସମବେଦନା ଜଣାଇଛନ୍ତି। ସଂଘ ପକ୍ଷରୁ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ, ଘରୋଇ ଉପକରଣ, ଶୀତବସ୍ତ୍ର, ପିନ୍ଧାବସ୍ତ୍ର ଇତ୍ୟାଦି ପ୍ରଦାନ କରିବା ସହିତ ସରକାରଙ୍କ ପକ୍ଷରୁ ବିପନ୍ନଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇ ଦେବାକୁ ନିବେଦନ କରିଥିଲେ। ସଂଘର ସଭାପତି ରାଜୀବ କୁମାର ନାୟକ, ରାମଚନ୍ଦ୍ର ନାୟକ, ରବିଶଙ୍କର ଦାସ, ବସନ୍ତ କୁମାର ଦାସ, ଅଭିରାମ ଦାସ, ଦେବବ୍ରତ ସାହୁ, ସେକ ଲିୟାକତ, ପ୍ରଫୁଲ୍ଲ କୁମାର ସେନାପତି, ଅଶୋକ ନାୟକ, ବିଶ୍ୱଜିତ୍ ନାୟକ, ଆଶିଷ ପଣ୍ଡା, ରଶ୍ମିରଂଜନ ନାୟକ, ଭରତ କୁମାର ସାହୁ, ବୈକୁଣ୍ଠ ମଲିକ, ଗୌରାଙ୍ଗ ନାୟକ ପ୍ରମୁଖ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରିଥିଲେ।

# ସରିଲା ଅମଳ, ଆନ୍ଧ୍ରମୁହାଁ ହେଲେ ଶ୍ରମିକ



ମାଲକାନଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଧାନ ଅମଳ ସରିଥିବାବେଳେ ମଣ୍ଡି ମଧ୍ୟ ଏକ ପ୍ରକାର ସରିଆସିଲାଣି। ଏଥିସହ ମାଣ୍ଡିଆ ମଣ୍ଡି ଆରମ୍ଭ ହୋଇଥିବାରୁ ଫସଲ ଅମଳ ସରିଲାଣି ବର୍ତ୍ତମାନ ନିଜ ଅଞ୍ଚଳରେ କାମ ମିଳୁନଥିବାରୁ ଶ୍ରମିକମାନେ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଆଜି ମାଥିଲି ବ୍ଲକର ଦୁର୍ଗମ ନାୟକଗୁଡ଼ା ପଞ୍ଚାୟତର ବହୁ ଗ୍ରାମର ଶ୍ରମିକମାନେ କାମ କରିବା ପାଇଁ ଆନ୍ଧ୍ରପ୍ରଦେଶକୁ ଯାଉଥିବା ଦେଖିବାକୁ ମିଳିଥିଲା। ଦଲାଲମାନେ ଗାଁ ଗାଁ ବୁଲି ଲୋକଙ୍କୁ ଯୋଗାଡ଼ କରିବା ପରେ ସେମାନଙ୍କୁ ବିଭିନ୍ନ କମ୍ପାନି ଏବଂ କନଷ୍ଟ୍ରକ୍ସନ କମ୍ପାନୀରେ କାମରେ ଲଗାଇଥାନ୍ତି। ପୁଣି ଏହି ଶ୍ରମିକମାନେ ବର୍ଷା ହେବା ମାତ୍ରେ ଗାଁକୁ ଫେରିଥାନ୍ତି। କିନ୍ତୁ ବହୁ ସମୟରେ ଅଧିକା ଟଙ୍କା ରୋଜଗାର ଲୋଭରେ ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ନିର୍ଯାତିତ ହେଉଥିବାର ନଜିର ରହିଛି। ଏଥିସହ କମ୍ପାନୀ ଗୁଡ଼ିକରେ କାମ କରିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଦିବ୍ୟାଙ୍ଗ ପାଲଟିଥାନ୍ତି। ବାରମ୍ବାର ଏଭଳି ଅଘଟଣ ଘଟୁଥିଲେ ହେଁ ବାଧ ହୋଇ ଜିଲ୍ଲାରୁ ଶତାଧିକ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ଦଲାଲମାନେ ପ୍ରଥମ ଗାଁ ଗାଁରେ ପହଞ୍ଚି ଅଧିକ ଟଙ୍କା ରୋଜଗାରର ପ୍ରଲୋଭନ ଦେଖାନ୍ତି। ଏଥିସହ ମାଗଣା ଖାଇବା ଓ ରହିବା ବ୍ୟବସ୍ଥା ଥିବା କହିଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତିକୁ ଭୁଲି ଯାଇ ଜବରଦସ୍ତ କାମ କରିବାକୁ ଧମକାଇଥାନ୍ତି। ଜିଲ୍ଲାର ଶ୍ରମିକମାନେ ଦାଦନ ଖଟିବାକୁ ପ୍ରତିବର୍ଷ ଯାଉଥିଲେ ଏନେଇ ଜିଲ୍ଲା ଶ୍ରମ ବିଭାଗ ପାଖରେ କୌଣସି ଖବର ନାହିଁ। ଶ୍ରମିକମାନଙ୍କୁ ନେବା ପାଇଁ ଠିକାଦାରମାନେ ଲାଇସେନ୍ସ କରିବା କଥା। କିନ୍ତୁ ବାହାର ଦଲାଲମାନେ ଆସି ଶ୍ରମିକଙ୍କୁ ପ୍ରଲୋଭିତ କରି ବାହାର ରାଜ୍ୟକୁ ଚାଲାଣ କରିବାରେ ସଫଳ ହେଉଛନ୍ତି ସୂଚନାଯୋଗ୍ୟ ଜିଲ୍ଲାରେ ପ୍ରାୟତଃ ମନରେଗା କାମ ମେସିନ ଦ୍ୱାରା କରାଯାଉଥିବା ବେଳେ ଶ୍ରମିକମାନଙ୍କ ଖାତାରେ ଟଙ୍କା ଆସିଥାଏ। ଠିକାଦାରମାନେ ଶ୍ରମିକମାନଙ୍କୁ କିଛି ଟଙ୍କା ଦେଇ ସବୁ ଟଙ୍କା ନେଇ ଯାଇଥାନ୍ତି। ଜିଲ୍ଲାର ମାଥିଲି, ମାଲକାନଗିରି ବ୍ଲକରୁ ସର୍ବାଧିକ ଦାଦନ ପଡ଼ୋଶୀ ଆନ୍ଧ୍ରକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି। ଦଲାଲମାନେ ବିଶେଷ କରି ନାବାଳକ ଏବଂ ନାବାଳିକାମାନଙ୍କୁ ଟାର୍ଗେଟ କରୁଛନ୍ତି। ଅଳ୍ପ ମଜୁରୀରେ ଏମାନେ ଅଧିକ କାମ କରୁଥିବାରୁ ଗାଁ ଗାଁରେ ବୁଲି ନାବାଳକ ଏବଂ ନାବାଳିକାଙ୍କୁ ଖୋଜିଥାନ୍ତି। ଦାଦନ ରୋକିବା ନେଇ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ବେଳେ ଶ୍ରମିକଙ୍କୁ କାମ ଯୋଗାଇବାରେ ଏକ ପ୍ରକାର ବିଫଳ ହୋଇଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି।

## ଅଳିଆ ସଫେଇ ଗାଡ଼ି କ୍ରୟରେ ଦୁର୍ନୀତି ଅଭିଯୋଗ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ଗତ ସେପ୍ଟେମ୍ବର ୧୬ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛତା ପାଇଁ ଦେଶବ୍ୟାପୀ ଜନତାଙ୍କୁ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସହ ସଫେଇ ମିତ୍ରଙ୍କୁ ସମ୍ମାନିତ କରାଯାଇ ପ୍ରତି ପଞ୍ଚାୟତ ମୁଖ୍ୟାଳୟ ପାଇଁ ଏକ ସଫେଇ ଗାଡି ପ୍ରଦାନ କରାଯାଇଥିଲା। ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ଆଠଟି ପଞ୍ଚାୟତରେ ପରିମଳ ପରିବହନ ଲାଗି ଏହି ସଫେଇ ଗାଡ଼ି ପ୍ରଦାନ କରାଯିବା ସହ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଥିଲା। ଦୈନିକ ସଫେଇ ମିତ୍ରମାନେ ଏହି ଗାଡିରେ ଅଳିଆ ଆବର୍ଜନା ଜନବସତି ଠାରୁ ଦୂରକୁ ନେଇ ଫୋପାଡୁ ଥିଲେ। ତେବେ ମାସ କେଇଟା ବିତି ନାହିଁ ବିଭିନ୍ନ ପଞ୍ଚାୟତରେ ସଫେଇ ଗାଡ଼ିଗୁଡିକ ଅଚଳ ହୋଇଯାଇଛି। ଯାହାକୁ ନେଇ ଗତ ଶୁକ୍ରବାର ପଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକାଲ ଗଭର୍ଣ୍ଣାନ୍ସ ବୈଠକରେ ସ୍ଥାନୀୟ ୱାର୍ଡ ମେମ୍ବରଙ୍କ ସମେତ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ଗର୍ଜିଛନ୍ତି। ଏହି ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କ୍ରୟ କରାଯାଇଥିବା ଏହି ସଫେଇ ଗାଡିଗୁଡିକୁ ତରବରିଆ ଭାବେ କ୍ରୟ କରାଯାଇଥିବା ବେଳେ ଏକ ବଡ ଧରଣର ଦୁର୍ନୀତିର ଆଭାସ ମିଳୁଥିବା ନେଇ ସ୍ଥାନୀୟ ୱାର୍ଡ ମେମ୍ବର ଅଭିଯୋଗ କରିଛନ୍ତି। ଗତ ୪ ତାରିଖ ଦିନ ଆରଡିସିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ ସଫେଇ କର୍ମଚାରୀଙ୍କୁ ଦରମା ମିଳୁନଥିବା ଓ ପ୍ରାଣୀଧନ ଚିକିତ୍ସାଳୟକୁ ଏକ ରାସ୍ତା ନିର୍ମାଣ ଲାଗି ମଧ୍ୟ କୁହାଯାଇଛି। ଏଥିସହ ପୁରୁଣା ଓ ନୂଆ ବ୍ଲକ କାର୍ଯ୍ୟାଳୟରେ ରହିଥିବା ସରକାରୀ କୋଠାଗୁଡିକରେ ବ୍ଲକ କର୍ମଚାରୀ ରହୁନଥିବାବେଳେ କାଲିମେଳା ଓ ମାଲକାନଗିରିରୁ ଦୈନିକ ଯାତାୟତ କରୁଥିବାରୁ ବିଭାଗୀୟ ସେବା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଗତ ଦିନରେ ଏ ନେଇ ପଡିଆ ବ୍ଲକ ଅଧକ୍ଷା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ଏ ଦିଗରେ କୌଣସି ଦୃଷ୍ଟି ଦିଆଯାଉ ନଥିବା କୁହାଯାଇଛି। ଏଥିପାଇଁ ସମସ୍ତ ପଞ୍ଚାୟତଗୁଡିକରେ ଯୋଗାଇ ଦିଆଯାଇଥିବା ଅଳିଆ ସଫେଇ ଗାଡିଗୁଡିକ କେଉଁଠାରୁ ଓ କିଭଳି କ୍ରୟ କରାଯାଇଛି ତାହାର ତଦନ୍ତ କଲେ ଏକ ବଡ ଧରଣର ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ବୈଠକରେ କୁହାଯାଇଛି।

## ମାଲ୍ୟାବନ୍ତ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭିନ୍ନକ୍ଷମଙ୍କୁ ସଚେତନତା ଓ ଶୀତବସ୍ତ୍ର ପ୍ରଦାନ



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଭିନ୍ନକ୍ଷମ ସଚେତନତା ଓ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଆଜି ସକାଳ ୧୦ ଘଟିକା ସମୟରେ ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱରା ଏକ ଭିନ୍ନକ୍ଷମ ସଚେତନତା ସଭା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଏଚଇପିର ସାଧାରଣ ପରିଚାଳକ ରାଧାମଧବ ଓଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମିତିର ଉପଦେଷ୍ଟା ବିଜୟ ପ୍ରଧାନ, କୋରୁକୋଣ୍ଡା ବ୍ଲକ (ବି ଆର ପି) ରତିକାନ୍ତ ମହନ୍ତ ଓ ମୁଖ୍ୟ ବକ୍ତାଭାବେ ଚିତ୍ତରଞ୍ଜନ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ବନ୍ଦନା ବଂଶୀ ମାଧ୍ୟମରେ କରାଯାଇଥିଲା ଏହାପରେ ଶ୍ରୀ ମହନ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆସିଥିବା ସମସ୍ତ ଦିବ୍ୟାଙ୍ଗ ମାନଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। କିଭଳି ଭିନ୍ନକ୍ଷମ ପ୍ରମାଣପତ୍ର ପାଇବେ ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ମାଧ୍ୟମରେ କିଭଳି ସରକାରଙ୍କ ଜନ ମଙ୍ଗଳକାରୀ କାର୍ଯ୍ୟ ଗୁଡିକରେ ସାମିଲ ହୋଇପାରିବେ। ଏଥିସହିତ ପ୍ରମାଣପତ୍ର ପାଇବା ପାଇଁ ହେଲେ ପ୍ରଥମେ ଅନଲାଇନ କରିବା ଏହାପରେ ପ୍ରତ୍ୟେକ ମାସର ପ୍ରଥମ ଓ ତୃତୀୟ ଶନିବାର ଦିନ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯାଇ ନିଜର ପ୍ରମାଣପତ୍ର ପାଇପାରିବେ ଏବଂ ଏହି ମାସ ୧୯ ତାରିଖରେ କୋରୁକୋଣ୍ଡା ବ୍ଲକ ଓ ବାଲିମେଳା ଏନଏ ସି ରେ ଏକ ଭିନ୍ନକ୍ଷମ ଶିବିର ଆୟୋଜନ ହେବାକୁ ଯାଉଛି। ତତ୍ସହିତ ୭୦ ପ୍ରତିଶତ ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ୧୦୦୦୦ ଟଙ୍କା ପ୍ରଦାନ ମଧ୍ୟ କରୁଛନ୍ତି ବୋଲି ସଚେତନ କରାଯାଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପ୍ରଦ୍ୟୁମ୍ନ ସ୍ୱାଇଁ ପରିଚାଳନା କରିଥିଲେ।

# ଭୁବନେଶ୍ୱରରେ ଚମକିଲେ ବଣ୍ଡା ଯୁବତୀ

**ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେଇ ହେଲେ ଫାଷ୍ଟ ରନର୍ସଅପ୍**



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଭଳି ଆଦିବାସୀ ବହୁଳ ବଣ ଜଙ୍ଗଲଘେରା ଜିଲ୍ଲାର ଜଣେ ବଣମଲ୍ଲୀର ମହକ ଆଜି ସାରା ଓଡିଶାକୁ ବିମୋହିତ କରିଛି। ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ଟ୍ରାଇବାଲ ଗ୍ଲୋବାଲ ଫେଷ୍ଟରେ ଚମକିଛନ୍ତି ମାଲକାନଗିରି ଜିଲ୍ଲାର ବଣ୍ଡାଘାଟିର ଆଦିମ ଜଣଜାତିର ଝିଅ ଆଦିବାରୀ ବଡ଼ନାୟକ ଯାହାକୁ ନେଇ ଜିଲାରେ ଖୁସିର ଲହରୀ ଖେଳି ଥିବା ବେଳେ ଜିଲ୍ଲା ପାଇଁ ଏହା ଏକ ଗର୍ବର ବିଷୟ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ ୧୦ ଜାନୁୟାରୀରେ ଆରମ୍ଭ ହୋଇଥିବା ଟ୍ରାଇବାଲ ଗ୍ଲୋବାଲ ଫେଷ୍ଟରେ ଆଦିବାସୀ ଯୁବତୀମାନଙ୍କ ମଧ୍ୟରେ ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରଯାଇଥିଲା, ଏଥିରେ ଭାଗ ନେଇଥିଲେ ଜିଲ୍ଲାର ବଣ୍ଡା ଯୁବତୀ ଆଦିବାରୀ। ଉତ୍ତମ ପ୍ରଦର୍ଶନ ଯୋଗୁଁ ସେ ଉପବିଜେତା ହୋଇଥିଲେ। ଏହି ପ୍ରତିଯୋଗିତାରେ ସାରା ଓଡିଶାରୁ ୪୦ ଜଣ ଆଦିବାସୀ ରମଣୀ ଭାଗ ନେଇଥିଲେ। ସେ ମଧ୍ୟରୁ ବଣ୍ଡାଘାଟିରୁ ବଣ୍ଡା ଯୁବତୀ ଆଦିବାରୀ ବଡନାୟକ ଗ୍ଲୋବାଲ ଟ୍ରାଇବଲ କୁଇନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ରନର୍ସଅପ ଭାବେ ବିଜେତା ହୋଇ ବଣ୍ଡା ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ, ମୂଳ ମୂଲ୍ୟବୋଧ, ରୀତିନୀତି ଏବଂ ସଂସ୍କୃତିକୁ ନିଜ ପୋଷାକ ଏବଂ ଅଳଙ୍କାର ସହିତ ବଜାୟ ରଖି ବଣ୍ଡା ଘାଟି ଏବଂ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ନିଜର ଅଦମ୍ୟ ଇଛା ଶକ୍ତି ଏବଂ କିଛି ଅଲଗା କରିବାର ନିଶା ଆଜି ତାଙ୍କୁ ଏହି ସଫଳତା ଆଣି ଦେଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ରାଜ୍ୟରେ ଚାରିଆଡ଼େ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପରିବହନ ବିଭାଗ, ପୋଲିସ ବିଭାଗ, ଟ୍ରାଫିକ୍ ପୋଲିସ ବିଭାଗ ଦ୍ୱାରା ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଚାଲୁରହିଛି। ଏହି କ୍ରମରେ ବାଲିଚନ୍ଦ୍ରପୁରସ୍ଥିତ ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲ ପକ୍ଷରୁ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ବିଭିନ୍ନ ସଚେତନାତ୍ମକ ପ୍ଲକ କାର୍ଡ଼ ଧରି ସ୍ଲୋଗାନ ଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ପରିକ୍ରମା ପୂର୍ବକ ସଚେତନ ବାର୍ତ୍ତା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ, ପ୍ରକାଶ କୁମାର ରାଉତରାୟ ଓ ଶିକ୍ଷୟତ୍ରୀ ତୃପ୍ତିମୟୀ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ




ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଅଧକ୍ଷ ପରୀକ୍ଷିତ ସାହୁ, ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ,ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ କିଶୋର କୁମାର ପାଲ, ବାଣିଜ୍ୟ ଅଧ୍ୟାପକ ଦିବାକର ଚନ୍ଦ୍ର ଦେ, ପିଇଟି ପୂର୍ଣ୍ଣଚନ୍ଦ୍ର ମିଶ୍ର,ବାଣିଜ୍ୟ ଅଧ୍ୟାପକ ଜଗଦୀଶ ପଟ୍ଟନାୟକ, ଅଧ୍ୟାପିକା ରେଣୁକା ସାମଲ,ନୂତନ ଭାବେ ଯୋଗ ଦେଇଥିବା ଇତିହାସ ବିଭାଗର ଅତିଥି ଅଧ୍ୟାପିକା ରୁକ୍ମିଣୀ ଟାକ୍ରୀ, କିରାଣୀ ପ୍ରଲ୍ଲୀଭା ଭୂୟାଁ, ଗ୍ରନ୍ଥାଗାରିକ ସତ୍ୟ ନାରାୟଣ ନାୟକ ମଂଚାସୀନ ହୋଇ ଯୁବଶକ୍ତିର ବିକାଶ ଓ ସମାଜରେ ଯୁବସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ବାଣୀ ସମ୍ପର୍କରେ ଆଲୋଚନା ମଧ୍ୟ ଆଲୋଚନା କରାଯାଇଥିଲା। ଦିଲୀପ କୁମାର ପଦ୍ଧାର, ପିଅନ ସଦାରାମ କେଉଟ ବୁଦ୍ଧିଶ୍ୱର ମଣ୍ଡଳ, ରାତ୍ରି ଜଗୁଆଳି ବିଭୀଷଣ ଗଣ୍ଡ ଏବଂ ମହିଳା ପିଅନ ଭବାନୀ ପନକା ପରିଚାଳନା କରିଥିଲେ।

# କେନ୍ଦୁଝର ସଦର ତହସିଲରେ ବଢୁଛି ଜବରଦଖଲ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ତହସିଲ ଏବଂ କେନ୍ଦୁଝରଗଡ ପୌରପାଳିକାରେ ସରକାରୀ ଜମି ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ଜମିକୁ ସୁରକ୍ଷିତ ରଖାଯାଉନଥିବାରୁ ଦିନକୁ ଦିନ ଏହା ସଙ୍କୁଚିତ ହେଉଛି। ରାଜସ୍ୱ ନୀରିକ୍ଷକମାନେ କେବଳ ଜବରଦଖଲ କେସ କରି ମୋଟା ଅଙ୍କର ଅର୍ଥ ନେଉଛନ୍ତି। ଫଳରେ ଜବର ଦଖଲକାରୀଙ୍କୁ ଏକ ପ୍ରକାର ପ୍ରୋତ୍ସାହନ ମିଳୁଛି। ସରକାରୀ ଜମି ଜବରଦଖଲ ନେଇ ସଦର ରାଜସ୍ୱ ନୀରିକ୍ଷକଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେ ଚୁପ ରହୁଥିବା ଅଭିଯୋଗ ହୋଇଛି। ଏପରିକି କେଉଁ ସ୍ଥାନରେ କେତେ ସରକାରୀ ଜମି ରହିଛି ତାହା କ୍ଷେତ୍ର ପରିଦର୍ଶନ କରୁନଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ସେହିପରି କେନ୍ଦୁଝର ସହରରେ ଜବରଦଖଲ ମୁକ୍ତ ପାଇଁ ପଦକ୍ଷେପ ନିଆଯାଉନାହିଁ। ସରକାରୀ ଜମିରେ ଘର କରିଥିବା ଲୋକଙ୍କୁ ପୌରପାଳିକା ଏବଂ ତହସିଲ ପକ୍ଷରୁ କେବଳ ନୋଟିସ ହେଉଛି କିନ୍ତୁ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନେକ ସମୟରେ ଅଭିଯୋଗ ହେଲେ କେବଳ କାଗଜକଲମରେ ନୋଟିସ ହୋଇ ଉଚ୍ଛେଦ ପାଇଁ ରିପୋର୍ଟ ପ୍ରସ୍ତୁତ ହେଉଛି। ପୌରପାଳିକା ପକ୍ଷରୁ ଅଫିସ ଅର୍ଡର ୨୪୪୧ ତା ୩୧/୦୩/୨୦୨୩ ରାହାସ ମାର୍କେଟ(ଡେଲି ମାର୍କେଟ),ଅଫିସ ଅର୍ଡର ୪୩୯୭ ତା ୦୬/୦୯/୨୦୨୩ରେ ମେନ ରୋଡ କେନ୍ଦୁଝର,ଅଫିସ ଅର୍ଡର ୨୬୮୮ ତା ୧୫/୦୪/୨୦୨୩ ରେ ପୁରୁଣା ସହର ବଡଦାଣ୍ଡ,ଅଫିସ ଅର୍ଡର ୫୫୫୫ ତା ୧୪/୦୭/୨୦୨୩ରେ କଲେକ୍ଟୋରେଟ ଛକ ଠାରୁ ଗାନ୍ଧୀ ଛକ ଏବଂ ବାରିପଦା ବସଷ୍ଟାଣ୍ଡ ଠାରୁ ତେଲକୋଇ ବସଷ୍ଟାଣ୍ଡ,ଅଫିସ ଅର୍ଡର ୫୬୨୭ ତା ୧୭/୦୭/୨୦୨୩ରେ ପାଲା ପଡିଆ ଆଟୋପୁର,ଅଫିସ ଅର୍ଡର ୭୮୬୩ ତା ୨୬/୦୯/୨୦୨୩ରେ ଚର୍ଚ୍ଚଛକ ଠାରୁ ପୁରୁଣାସହର ବଡଦାଣ୍ଡ,ଅଫିସ ଅର୍ଡର ୧୮୨ ତା ୦୫/୦୧/୨୦୨୪ରେ କେନ୍ଦୁଝର ସହର,ଅଫିସ ଅର୍ଡର ୨୧୩୧ ତା ୧୪/୦୩/୨୦୨୪ରେ ଗମ୍ଭାରିଆ ପ୍ଲଟ ନମ୍ବର ୮୪୫ ଏବଂ ଖାତା ନମ୍ବର ୧୬୨,ଅଫିସ ଅର୍ଡର ୨୯୭୯ ତା ୧୮/୦୪/୨୦୨୪ରେ କେନ୍ଦୁଝର ସହରରେ ଜବରଦଖଲ ଉଚ୍ଛେଦ, ଅଫିସ ଅର୍ଡର ୪୦୮୬ ତା ୧୮/୦୬/୨୦୨୪ରେ ଗାନ୍ଧୀଛକ ଠାରୁ ମଣ୍ଡୁଆ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିବା ନେଇ ଗତ ଜୁଲାଇ ମାସ ୨୫ ତାରିଖରେ ଦରବାରହଲ ଠାରେ ଉତ୍ତରାଞ୍ଚଳ ଆରଡିସିଙ୍କ ସମୀକ୍ଷା ବୈଠକର କେନ୍ଦୁଝରଗଡ ପୌର ପାଳିକା ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କେବଳ ଲୋକଦେଖାଣିଆ ବୋଲି ଅଭିଯୋଗ

### ନୋଟିସରେ ସୀମିତ ଉଚ୍ଛେଦ

ହୋଇଛି। ରାସ୍ତା ପାର୍ଶ୍ୱର ବସୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ରାସ୍ତା ପାର୍ଶ୍ୱରେ ଏବଂ ଫୁଟ୍‌ପାଥ୍‌ରେ ନବସିବା ପାଇଁ ତାଗିଦ୍‌ରେ ଏହା ସୀମିତ ରହିଛି। ସେହିପରି ପାର୍କଲାଇନ ରୋଡରେ ପେଭର ବ୍ଲକ ଉପରେ ପାଚେରୀ ଏବଂ ଘର ନିର୍ମାଣ ଚାଲିଛି। ୨୦୨୩ ମସିହା ଅପ୍ରିଲ ମାସରେ କେନ୍ଦୁଝରଗଡ ପୌରପାଳିକାରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ପ୍ରୋବେସନର ଆଇଏଏସ୍ ଧିମନ ଚକମା କେନ୍ଦୁଝର ସହରରେ ମାପଚୁପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲାବଣ୍ୟଛକ ଠାରୁ ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟ ପର୍ଯ୍ୟନ୍ତ ମାପଚୁପ କରି ରାସ୍ତା ପାର୍ଶ୍ୱରେ ସରକାରୀ ଜମିରେ ବ୍ୟବସାୟିକ ଘର କରି ଭଡା ଦେଇଥିବା ଜାଣିବା ପରେ ୧୫୦ଜଣ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଥିଲା। ତେବେ ଅଦ୍ୟାବଧି ୧ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଇନଥିବା ଅଭିଯୋଗ ହୋଇଛି। ଜବର ଦଖଲକାରୀମାନେ ସରକାରୀ ଜମିରେ ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ କରି ଲକ୍ଷାଧିକ ଟଙ୍କା ଭଡା ପାଉଥିବାବେଳେ ସାଧାରଣ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି। ଏପରିକି ଉକ୍ତ ରାସ୍ତାରେ ଗାଡି ଜାମ ଯୋଗୁ ଅନେକ ସମୟରେ ଆମ୍ବୁଲାନ୍ସ, ସ୍କୁଲ ବସ, ଅଗ୍ନିଶମ ଗାଡି ଘଣ୍ଟା ଘଣ୍ଟା ଫସି ରହୁଛି। ଲାବଣ୍ୟଛକ ଠାରୁ ମାଇନିଂରୋଡ ଜନାକୀର୍ଣ୍ଣ ରାସ୍ତାରେ ସରକାରୀ ଜମିରେ ଉଚ୍ଛେଦ ହେଉନଥିବାରୁ ପୌର କର୍ମଚାରୀ, ତହସିଲ କର୍ମଚାରୀ ଏବଂ ଜବର ଦଖଲକାରୀଙ୍କ ମଧ୍ୟରେ ଗୁପ୍ତ ବୁଝାମଣା ହୋଇଥିବା ଆଲୋଚନା ହେଉଛି। କେବଳ ରାସ୍ତାପାର୍ଶ୍ୱ ନୁହେଁ କେନ୍ଦୁଝରଗଡ ପୌରାଞ୍ଚଳରେ ପ୍ରଭାବଶାଳୀ ଲୋକ ସରକାରୀ ଜମି ମାଡି ବସିଛନ୍ତି। ସରକାରୀ ଜମିରେ ଥିବା ଘରକୁ ବିଦ୍ୟୁତ୍ ଓ ପାଣି ସଂଯୋଗ କାଟି ଦିଆଯିବା ଭଳି କଠୋର ପଦକ୍ଷେପ ଆବଶ୍ୟକ। କେନ୍ଦୁଝରଗଡ ପୌରାଞ୍ଚଳରେ ବିଭିନ୍ନ ସରକାରୀ ଅଫିସ ଏବଂ କ୍ୱାର୍ଟର ପାଇଁ ଜାଗା ଅଭାବ ଥିବାବେଳେ ଜବର ଦଖଲକାରୀମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମାଡି ବସି ଘର କରୁଛନ୍ତି। ଫଳରେ ସରକାରୀ ଅଫିସ ପାଇଁ କେନ୍ଦୁଝର ସହର ଜାଗା ମିଳୁନାହିଁ। ସେହିପରି କଟକ-ଭୁବନେଶ୍ୱର ବସଷ୍ଟପ୍ ପାଇଁ ଜାଗା ମିଳୁନଥିବାରୁ ରାସ୍ତା ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ବସ ଛିଡା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। କେନ୍ଦୁଝର ସଦର ତହସିଲ କାର୍ଯ୍ୟାଳୟ ସମ୍ମୁଖ ଜଗନ୍ନାଥପୁର ମୌଜାରେ ରାସ୍ତା ପାର୍ଶ୍ୱରେ ସରକାରୀ ଜମି ଏବଂ ଦେବୋତ୍ତର ବିଭାଗର ମୋଟ ୧ଏକର ୧୩ ଡିସିମିଲ ମୂଲ୍ୟବାନ ଜମି ଜବରଦଖଲକାରୀଙ୍କ କବଜାରେ ଥିବାରୁ ବସଷ୍ଟପ ନିର୍ମାଣ ହୋଇ ପାରୁନାହିଁ। କେନ୍ଦୁଝରଗଡ ପୌରାଞ୍ଚଳରେ ମୂଲ୍ୟବାନ ଜମି ଉପରେ ଦୋକାନ ଘର ଏବଂ ଘର କରୁଥିଲେ ମଧ୍ୟ ତହସିଲ ପକ୍ଷରୁ ଚିହ୍ନଟ କରାଯାଇ ଉଚ୍ଛେଦ ହେଉନଥିବାରୁ ଜବରଦଖଲକାରୀଙ୍କ ଭୟ ରହୁନାହିଁ। ସରକାରୀ ଜମି ସୁରକ୍ଷା ପାଇଁ ସାଇନବୋର୍ଡ ଲଗାଇବା ସହ ବାଡ ଘେରିବା ପାଇଁ ପ୍ରତ୍ୟେକ ବର୍ଷ ସରକାର ଅର୍ଥ ଦେଉଥିଲେ ମଧ୍ୟ ଏହାକୁ ସଠିକ୍ ବିନିଯୋଗ କରାଯାଉନାହିଁ। ଫଳରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବ୍ୟାପକ ଭାବେ ସରକାରୀ ଜମି ଉପରେ ଜବରଦଖଲ ମାଡି ବସୁଛି। ଯେଉଁଥିପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ଜମି ନେଇ ସମସ୍ୟା ଉପୁଜିଛି। କେନ୍ଦୁଝରରେ ଜବରଦଖଲ ଏକ ବିରାଟ ଚ୍ୟାଲେଞ୍ଜ ଭାବେ ମୁଣ୍ଡ ଟେକିଛି। ମୂଲ୍ୟବାନ ଜମି ସବୁ ଅବୈଧ ଭାବେ ଜବରଦଖଲ ହେଉଥିବାରୁ ବୁଦ୍ଧିଜୀବୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଉଭୟ ଗ୍ରାମଞ୍ଚଳ ଏବଂ ସହରାଞ୍ଚଳରେ ଜବରଦଖଲ ବଢୁଥିବାରୁ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ଜମି ଦେବାରେ ଜବରଦଖଲ ବାଧକ ହେଉଛି। ସରକାରୀ ଜମି ସୁରକ୍ଷା ଲାଗି କଡା ଆଇନ ଆଣିବା ସହ ସ୍ୱତନ୍ତ୍ର ସେଲ ଦ୍ୱାରା ଶହ ଶହ କୋଟି ଟଙ୍କାର ମୂଲ୍ୟବାନ ସରକାରୀ ଜମି ଉଦ୍ଧାର କରିବା ପାଇଁ ପଦକ୍ଷେପ ନେବାକୁ ଦାବୀ ହୋଇଛି। ଏ ନେଇ ସଦର ଉପ ଜିଲ୍ଲାପାଳ ଉମାଶଙ୍କର ଦଳେଇଙ୍କ ସହ ଯୋଗଯୋଗ କରିବାରୁ ସରକାରୀ ଜମିର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ। ଯେଉଁ ସ୍ଥାନରେ ସରକାରୀ ଜମି ରହିଛି ସେଠାରେ ତାର ବାଡ ଘେରା ଯାଇ ସୁରକ୍ଷିତ ରଖାଯିବ।

## ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ




ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଅଧକ୍ଷ ପରୀକ୍ଷିତ ସାହୁ, ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ,ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ କିଶୋର କୁମାର ପାଲ, ବାଣିଜ୍ୟ ଅଧ୍ୟାପକ ଦିବାକର ଚନ୍ଦ୍ର ଦେ, ପିଇଟି ପୂର୍ଣ୍ଣଚନ୍ଦ୍ର ମିଶ୍ର,ବାଣିଜ୍ୟ ଅଧ୍ୟାପକ ଜଗଦୀଶ ପଟ୍ଟନାୟକ, ଅଧ୍ୟାପିକା ରେଣୁକା ସାମଲ,ନୂତନ ଭାବେ ଯୋଗ ଦେଇଥିବା ଇତିହାସ ବିଭାଗର ଅତିଥି ଅଧ୍ୟାପିକା ରୁକ୍ମିଣୀ ଟାକ୍ରୀ, କିରାଣୀ ପ୍ରଲ୍ଲୀଭା ଭୂୟାଁ, ଗ୍ରନ୍ଥାଗାରିକ ସତ୍ୟ ନାରାୟଣ ନାୟକ ମଞ୍ଚାସୀନ ହୋଇ ଯୁବ ଶକ୍ତିର ବିକାଶ ଓ ସମାଜରେ ଯୁବସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ବାଣୀ ସମ୍ପର୍କରେ ଆଲୋଚନା ମଧ୍ୟ ଆଲୋଚନା କରାଯାଇଥିଲା। ଦିଲୀପ କୁମାର ପଦ୍ଧାର, ପିଅନ ସଦାରାମ କେଉଟ ବୁଦ୍ଧିଶ୍ୱର ମଣ୍ଡଳ, ରାତ୍ରି ଜଗୁଆଳି ବିଭୀଷଣ ଗଣ୍ଡ,ଏବଂ ମହିଳା ପିଅନ ଭବାନୀ ପନକା ପରିଚାଳନା କରିଥିଲେ।



କଟକ(ଭାସ୍କର ନ୍ୟୁଜ୍): ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ସିପିଆର୍ ଏନ୍‌ଭାରମେଣ୍ଟ୍ ଶିକ୍ଷା କେନ୍ଦ୍ର ସେଣ୍ଟର ଫର ଏକ୍ସଲେନ୍ସି ଭାରତ ସରକାର ଓ ପରିବେଶ ଶିକ୍ଷା କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମିଳିତ ସହଯୋଗରେ ୫୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଯାହାର ଉଦ୍ଦେଶ୍ୟ ହେଲା ନିଜେ ସୁସ୍ଥ ରହିବା ସହ ପରିବେଶ ସୁସ୍ଥ ଓ ସନ୍ତୁଳନ ରକ୍ଷା ପାଇଁ ସାକାହାରୀ ହେଲେ ବହୁ ପରିବେଶ ଜନିତ ସମସ୍ୟା ସମାଧାନ ହୋଇପାରନ୍ତା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମଥ ନାଥ ଦେ, ମୁଖ୍ୟବକ୍ତା ଡ.ପ୍ରଦୀପ କୁମାର ନାୟକ ସିପିଆର ଏନଭାରମେଣ୍ଟ ଶିକ୍ଷା କେନ୍ଦ୍ରର ସଂଯୋଜକ ତଥା ପରିବେଶ ଆକଳନ ବିଭାଗ ଅଧିକାରୀ ଖାଦ୍ୟ ପରିବେଶ ଉପରେ ସଚେତନ କରିଥିଲେ। ପରିବେଶ ଶିକ୍ଷାକେନ୍ଦ୍ରର ଯୋଜନା ସହାୟକ ସମ୍ମାନୀତ ଅତିଥି ଭରତ ଚନ୍ଦ୍ର ଜେନା ପାରମ୍ପରିକ ଖାଦ୍ୟ ଯଥା ଶଜନା ଶାଗ, କଦଳୀ, ଅମୃତଭଣ୍ଡା, ମାଟିଆଳୁ, କଖାରୁ, ପାଣିକଖାରୁ, ଲାଉ, ଲେମ୍ବୁ, ଭୃର୍ସୁଙ୍ଗା ପତ୍ର, ପୋଦନାପତ୍ର ଇତ୍ୟାଦି ଦୈନନ୍ଦିନ ଜୀବନରେ ବହୁ ଦରକାରୀ ବୋଲି ମତ ରଖିଥିଲେ। କର୍ମଶାଳାରେ ଡ.ସଚ୍ଚିଦାନନ୍ଦ ପ୍ରଧାନ ବିଦ୍ୟାଳୟର ପୁରାତନ ଛାତ୍ର ତଥା ବିଶ୍ୱନାହାକାଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଧନ୍ୟବାଦ ଦେବା ସହ କର୍ମଶାଳାର ସଂଜୋଜନା କରିଥିଲେ।



# ବିଏମ୍‌ସିର ଦ୍ୱିତୀୟ ପଥ ଉତ୍ସବରେ ଦୁଲୁକିଲା ରାଜଧାନୀ





- ଜାଗମରା ରାସ୍ତା ଜନସମୁଦ୍ର
- କଣ୍ଠଶିଳ୍ପୀ ଅସୀମା ଓ ସତ୍ୟଜିତ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଉଦ୍ଘାଟିତ ହେଲା ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ଦ୍ୱିତୀୟ ପଥ ଉତ୍ସବ । ଏହି ଉଦ୍‌ଘାଟିନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡି କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା, ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ମେୟର ଅତିଥିମାନଙ୍କୁ ପୁଷ୍ପବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଆଜିର କାର୍ଯ୍ୟକ୍ରମ ସଫଳ କରିଥିବାରୁ ଉପସ୍ଥିତ ନାଗରିକଙ୍କୁ କୃତଜ୍ଞତା ଜଣାଇଥିଲେ କମିଶନର । କର୍ମକ୍ଳାନ୍ତ ଜୀବନରୁ ସମୟ ବାହାର କରି ହଜାର ହଜାର ସଂଖ୍ୟାରେ ଭୁବନେଶ୍ୱରବାସୀ ଶୀତୁଆ ସକାଳର ଏହି ପଥ ଉତ୍ସବରେ ଉପସ୍ଥିତ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ କହିଛନ୍ତି ମେୟର । କେବଳ ଆଜି ନୁହେଁ, ପ୍ରତିମାସରେ ଗୋଟିଏ ଗୋଟିଏ ଏପରି ପଥ ଉତ୍ସବ ଆୟୋଜନ କରିବାକୁ କହିଛନ୍ତି ନଗର ଓ ଗୃହ ଉନ୍ନୟନ ମନ୍ତ୍ରୀ । ଆୟୋଜିତ ଦ୍ୱିତୀୟ ପଥ ଉତ୍ସବରେ ସୃଷ୍ଟି ହେଲା ଜନ ସମୁଦ୍ର । ବିଏମ୍‌ସି ପକ୍ଷରୁ ସାଉଥ-ୱେଷ୍ଟ ଜୋନର ଜାଗମରାଠାରେ ଅନୁଷ୍ଠିତ ଚଳିତ ବର୍ଷର ଦ୍ୱିତୀୟ ପଥ ଉତ୍ସବରେ ଅନୁଷ୍ଠିତ ହୋଇଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ । ଏହି ପଥ ଉତ୍ସବରେ ଜଲୱା ଦେଖାଇଥିଲେ ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସତ୍ୟଜିତ୍ ପ୍ରଧାନ । ଜାଗମରା ନୂଆ ରାସ୍ତାର ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ପବିତ୍ର ଗେଷ୍ଟ ହାଉସ ପର୍ଯ୍ୟନ୍ତ ପାଖାପାଖି ଏକ କିଲୋମିଟର ବ୍ୟାପି ରାସ୍ତାରେ ପ୍ରାୟ ୩୦ ହଜାର ଲୋକଙ୍କର ସମାଗମ ହୋଇଥିଲା । ଏଥିରେ ସବୁ ବର୍ଗର, ସବୁ ବୟସର ପୁରୁଷ, ମହିଳା ଓ ଶିଶୁମାନଙ୍କ ମନୋରଞ୍ଜନଠାରୁ ଆରମ୍ଭ କରି ଖେଳକୁଦ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଥିଲା । ମୁଖ୍ୟ ମଞ୍ଚରେ ପ୍ଲେବ୍ୟାକ୍ ସିଙ୍ଗର ଅସୀମା ପଣ୍ଡା ଏବଂ ସତ୍ୟଜିତଙ୍କ ସଂଗୀତରେ ହଜାର ହଜାର ଦର୍ଶକ ଝୁମିଥିଲେ । ସେହିପରି ଦ୍ୱିତୀୟ ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଞ୍ଚରେ ଇକୋ ଫେସନ ସୋ, ରାମ୍ପ ୱାକ, କୁଇଜ୍ ଏବଂ ସମ୍ବଲପୁରୀ ଫେସନ ଶୋ, ସଂଗୀତ, ନୃତ୍ୟ, ପପ୍, ଯୋଗାସନ, ବାଦ୍ୟଯନ୍ତ୍ର, କବିତା, ଗଳ୍ପ ଆଦିରେ ଶହ ଶହ ଯୁବକ, ଯୁବତୀ, ଛାତ୍ର, ଛାତ୍ରୀ ଅଂଶ ଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗକୁ ହାତଛଡା କରିନଥିଲେ । ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନଙ୍କୁ ଆଣିବା ପାଇଁ ବିଏମ୍‌ସି ପକ୍ଷରୁ କରାଯାଇଥିବା ଏହି ବ୍ୟବସ୍ଥା ଲୋକମାନଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା । ଏଥିରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପଥପ୍ରାନ୍ତ ନାଟକ, ପାରମ୍ପାରିକ ଖେଳ ଯଥା-ପୁଚି, ଗିଲି, ଦଣ୍ଡ, ବାଘ ଚାଲି, ରେଷ୍ଟଲିଂ, ୩୬୦ ଡିଗ୍ରୀ ଫଟୋ, ମ୍ୟାଜିକ୍ ସୋ, ଫଟୋଗ୍ରାଫି, ବେଲୁନ୍ ଆର୍ଟ, ପଟ୍ଟଚିତ୍ର, ଶାରୀରିକ ବ୍ୟାୟାମ ଆଦି ବହୁ ପ୍ରକାର ଖେଳକୁଦ, ନୃତ୍ୟ, ଗୀତ ଆଦି ମନୋରଂଜନ କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ପାଇଁ ରହିଥିଲା ଭରପୁର ମନୋରଞ୍ଜନର ଖୋରାକ । ଏଥର ପଥ ଉତ୍ସବକୁ ସରସ ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଥିଲା । ସକାଳ ସାଢେ ୬ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସାଢେ ୯ଟା ପର୍ଯ୍ୟନ୍ତ ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସ୍ଥାନୀୟ କର୍ପୋରେଟର ରାମଚନ୍ଦ୍ର ରଣସିଂହ ।

## ଜାତୀୟ ଯୁବ ଦିବସ ପାଳିତ

# ସ୍ୱାମୀ ବିବେକାନନ୍ଦ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତିସତ୍ତା ନୁହେଁ ବରଂ ଏକ ଚିରଞ୍ଜିବୀ ଚେତନା । ଏହି ନାମ ଏକ ଅତୁଳନୀୟ ଆଦର୍ଶ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନବୋଧକୁ ଉପଲବ୍ଧି କରିବାର ପବିତ୍ର ଓଁକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଯୁବ ଦିବସ ପାଳନ ଅବସରରେ କହିଛନ୍ତି । ଭୁବନେଶ୍ୱର ରାମକୃଷ୍ଣ ମିଶନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ବିବେକାନନ୍ଦଙ୍କ ଛବି ଆଜି ପର୍ଯ୍ୟନ୍ତ ଜଣେ ତେଜସ୍ୱୀ, ବାଗ୍ମୀ ଓ ମହାନ୍ ସଂଗ୍ରାମୀ ସନ୍ୟାସୀ ଭାବେ ଅମଳିନ ରହିଛି । ବିବେକାନନ୍ଦ ଥିଲେ ଜଣେ ଯୁବ ସନ୍ୟାସୀ ଯିଏ କି ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ । ଅନ୍ୟତମ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ କହିଥିଲେ ଯେ, ଭାରତୀୟ ଯୁବ ସମାଜ ପାଇଁ ଏକ ଅଦ୍ୱିତୀୟ ପ୍ରେରଣା ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ସ୍ୱାମୀ ବିବେକାନନ୍ଦ ଭାରତବର୍ଷର ଆତ୍ମାକୁ ଜାଗରିତ କରିଥିଲେ । ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ କହିଥିଲେ ଯେ, ସ୍ୱାମୀ ବିବେକାନନ୍ଦ ଥିଲେ ଭାରତୀୟ ଯୁବ ସମାଜର ପ୍ରତୀକ । ଚିକାଗୋରେ ସ୍ୱାମୀଜୀଙ୍କ ୩ମିନିଟ୍‌ର ବକ୍ତବ୍ୟ ତାଙ୍କୁ ବିଶ୍ୱବିଖ୍ୟାତ କରିଦେଇଥିଲା ବୋଲି ସେ କହିଥିଲେ । ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଡିଏଭି ପୋଖରୀପୁଟର ଛାତ୍ର ଜଗଦୀଶ ଆଚାର୍ଯ୍ୟ ସ୍ୱାମୀଜୀଙ୍କ ସ୍ୱଦେଶ ମନ୍ତ୍ର ସମସ୍ତଙ୍କୁ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନର ସମ୍ପାଦକ ତଥା ଅଧ୍ୟକ୍ଷ ସ୍ୱାମୀ ଆତ୍ମା ପ୍ରଭାନନ୍ଦଜୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବ୍ରଜ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆରମ୍ଭ ହେବ ୧୧ଦିନିଆ ପ୍ରସିଦ୍ଧ ଗୋଖିବାବା ମକରମେଳା

# ଯାଉଁଳି ନଡ଼ିଆରେ ପୂର୍ଣ୍ଣ ହୁଏ ମାନସିକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ଭୁବନେଶ୍ୱରର ୬୭ ନମ୍ବର ୱାର୍ଡରେ ରହିଛି ରାଜଧାନୀର ସର୍ବ ପୁରାତନ ସୁନ୍ଦରପଦା ଗ୍ରାମ। ଯେଉଁଠି ଏକ ଜାଗାରେ ମହାପ୍ରଭୁ ଜଗନ୍ନାଥ ଦଧିବାମନ ଜୀଉ ରୂପେ ପୂଜା ପାଉଥିବା ବେଳେ, ଯାହାଙ୍କ ନାମରେ ଗ୍ରାମର ନାମକରଣ ହୋଇଛି ସେହି ସୁନ୍ଦରେଶ୍ୱର ମହାଦେବ ଏଠାରେ କ୍ଷେତ୍ରାଧିପତି ଭାବେ ବିଦ୍ୟମାନ। ଏଭଳି ଏକ ଜାଗାକୁ ଅନ୍ୟୁନ ୩୦୦ବର୍ଷ ତଳେ ସନ୍ଥ ଗୋଖିଦାସ ବାଛିଥିଲେ ନିଜର ସାଧନାସ୍ଥଳୀ ଭାବେ। ପୀଠରେ ହିନ୍ଦୁ ମୁସଲିମ ଏକ ହୋଇ ମକର ସଂକ୍ରାନ୍ତି ପାଳନ କରିଥାନ୍ତି। ମେଳା କମିଟି ସଭାପତି ଅର୍ଜୁନ ନାୟକଙ୍କ ଅଧ୍ୟକ୍ଷତାରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ବିଶ୍ୱଜିତ ମଙ୍ଗରାଜ, ସମାଜସେବୀ ନୀଳମଣି ମିଶ୍ର, କର୍ପୋରେଟର ମଧୁସ୍ମିତା ପ୍ରଧାନ, ବିଷ୍ଣୁ ପ୍ରସାଦ ନନ୍ଦ, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ବର୍ଷ କିପରି ଧୁମଧାମରେ ମକର ମେଳା ପାଳିତ ହେବ, ସେ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ୧୩ତାରିଖ ଦିନ ଗୋଖିତୁଆରୁ ପାଣି ତୋଳା ହେବା ସହ ଭଜନ ସମାରୋହ କାର୍ଯ୍ୟକ୍ରମ ହେବ। ମକର ସଂକ୍ରାନ୍ତି ଦିନ ଭୋର ୪.୩୦ମିନିଟରେ ଗାଦି ପୂଜା ସହ ମଙ୍ଗଳ ଆଳତି ଓ ସନ୍ଧ୍ୟା ୭ଘଟିକାରୁ ପ୍ରସାଦ ସେବନ ବ୍ୟବସ୍ଥା ଚାଲିବ। ୧୫ ଓ ୧୬ ତାରିଖରେ ଗ୍ରାମର ଯୁବକ ଯୁବତୀ କଳାକାରଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ନାଟକ ପରିବେଷଣ ହେବ। ୧୭ତାରିଖରୁ ୨୩ତାରିଖ ପର୍ଯ୍ୟନ୍ତ ସନ୍ଥ ସମ୍ମିଳନୀ ହେବା ସହ ଭାଗବତ ପରାୟଣ ହେବ ଓ ରାତ୍ରିରେ ବିଭିନ୍ନ ସୁନାମଧନ୍ୟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି। ମେଳା କମିଟି ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୧ଦିନିଆ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ରହିଛି।

# ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ୧୯୭୭-୮୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଭୁବନେଶ୍ୱର ସ୍ଥିତ ଅଭିରାମଶାନ୍ତି ଆନନ୍ଦାଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ସୁକଲ୍ୟାଣ ପାଣିଗ୍ରାହୀ, ଡଃ ମିହିର କୁମାର ରାୟ ଓ ପ୍ରଫେସର ଡଃ ବିଜୟ କୁମାର ଶତପଥୀଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ମାନୀତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ଅଧ୍ୟାପକ ପ୍ରିୟ ଛାତ୍ରଛାତ୍ରୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ। ଏଭଳି ମହାନ କାର୍ଯ୍ୟ ଗୁରୁ ଓ ଛାତ୍ରଛାତ୍ରୀଙ୍କ ଅନାବିଳ ସମ୍ପର୍କକୁ ଅତୁଟ ରଖିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ମଦନ ମୋହନ ମହାପାତ୍ରଙ୍କ 'ପ୍ରାଚୀନ ଶିଳାଲେଖ ଓ ତାମ୍ରପଟାରେ ଐତିହାସିକ ବଙ୍କାଡ଼ଗଡ଼ ଓ ବାଣପୁର ଐତିହ୍ୟ', ଡଃ ଚୌଧୁରୀ ସଂଯୁକ୍ତା ଷଡ଼ଙ୍ଗୀଙ୍କ 'ତୁମକୁ ଖୋଜୁଛି ଈଶ୍ୱର' ଓ 'ଉଜୁଡ଼ା ମନ' ପୁସ୍ତକକୁ ଯଥାକ୍ରମେ ପ୍ରାକ୍ତନ ଅଧ୍ୟାପକ ସୁକଲ୍ୟାଣ ପାଣିଗ୍ରାହୀ, ଡଃ ମିହିର କୁମାର ରାୟ ଓ ପ୍ରଫେସର ବିଜୟ କୁମାର ଶତପଥୀ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଅସିମ ପାତ୍ର, ସୁଧୀର ମହାପାତ୍ର, ଅଭିମନ୍ୟୁ ଜେନା ଓ ପ୍ରଶାନ୍ତ ସ୍ୱାଇଁ ପରିଚାଳନା କରିଥିଲେ। ଏହି ଅବସରରେ ୨୮ଜଣ ଦିବଙ୍ଗତ ଛାତ୍ରଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।


# ସହର ବଢେଇବେ ସରକାର: ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସହର ବଢେଇବେ ସରକାର । ଟାଉନ ପ୍ଲାନିଂ ସ୍କିମ ଜରିଆରେ ସହରକୁ ବଢାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସୂଚନା ଦେଇଚନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଟିପି ସ୍କିମ ପାଇଁ ସ୍ୱତନ୍ତ୍ର ବିଭାଗ କରି ଦିଆଯିବ ଦାୟିତ୍ୱ । ଟାଇମ ପିରିୟଡ଼ ବି ଫିକ୍ସ ହେବ । ସେହିପରି ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ । ସହରାଂଚଳରେ କୌଣସି ଅନପ୍ଲାନଡ଼ କାମ ହେବନି । କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ କରିବାକୁ ଯାଉଛନ୍ତି ସରକାର । ଭୁବନେଶ୍ୱର ହେଉଛି ଏକ ପ୍ଲାନଡ଼ ସିଟି । ତେଣୁ କୌଣସି ଅନପ୍ଲାନଡ଼ କାର୍ଯ୍ୟ କରାଯିବ ନାହିଁ । ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି । ଅଧିକରୁ ଅଧିକ ଟାଉନ ପ୍ଲାନ ସ୍କିମ ଉପରେ ଗୁରୁତ୍ୱ ଦିଆଯାଉଛି । କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କରାଯିବ ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ ।





"ଭଗବତ୍ କରୁଣା, ଭଗବତ୍ ଇଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ବନାଗ୍ନିର କରାଳ ତାଣ୍ଡବ

## କୁବେରପୁରୀରେ ଅପରିସୀମ କ୍ଷତି

ପ୍ରକୃତିର ପ୍ରକୋପ ଆଗରେ ମଣିଷ ଯେ କେତେ ତୁଚ୍ଛ ଓ ନଗଣ୍ୟ, ତାହା ପୁଣିଥରେ ପ୍ରମାଣିତ ହୋଇଛି। ଆଧୁନିକ ବିଜ୍ଞାନ ମଧ୍ୟ ପ୍ରକୃତି ନିକଟରେ ହାର୍ ମାନିଛି। ବିଶ୍ୱର ଶ୍ରେଷ୍ଠ ସମୃଦ୍ଧ ଓ ଧନଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ତୃତୀୟ ବୃହତ୍ତମ ଚାକଚକ୍ୟପୂର୍ଣ୍ଣ ନଗରୀ ଲସ୍‌ଏଞ୍ଜେଲସ୍ ସମେତ କାଲିଫର୍ଣ୍ଣିଆ ପ୍ରଦେଶର ବିସ୍ତୃତ ଅଞ୍ଚଳ ଏବେ ଜଙ୍ଗଲ ନିଆଁରେ ହୁ ହୁ ହୋଇ ଜଳୁଛି। ଗତ ମଙ୍ଗଳବାର ଠାରୁ ଲାଗିଥିବା ଏହି ନିଆଁ ଲିଭିବାର ନାଁ ଧରୁନାହିଁ। ବରଂ କରାଳ ରୂପ ନେଇ ନୂଆ ନୂଆ ଅଞ୍ଚଳକୁ ମାଡ଼ି ଚାଲିଛି, ବଡ଼ ବଡ଼ ଅଟ୍ଟାଳିକାକୁ ପୋଡ଼ିଜାଳି ପାଉଁଶ କରି ଦେଉଛି। ସର୍ବଶେଷ ସୂଚନା ଅନୁଯାୟୀ ଆମେରିକାରେ ଏହି ଭୟଙ୍କର ବନାଗ୍ନି ବା ଜଙ୍ଗଲ ନିଆଁରେ ଏକାଧିକ ହଲିଉଡ୍ ତାରକାଙ୍କ ବିଳାସପୂର୍ଣ୍ଣ ବାସଭବନ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଲୁମିନାର୍ ଟେକ୍ନୋଲୋଜି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅଷ୍ଟିନ ରସେଲ୍‌ଙ୍କ ଅତି ମୂଲ୍ୟବାନ ବାସଭବନ 'ପ୍ୟାସିଫିକ୍ ପାଲିସାଡେସ୍' ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଏହି ସୁନ୍ଦର ବିଳାସପୂର୍ଣ୍ଣ ବାସଭବନର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୦ ହଜାର ୭୭୦କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବାସଭବନର ସବୁ ଅଂଶ ପୋଡ଼ିଯିବା ପରେ ବର୍ତ୍ତମାନ କେବଳ ଲୁହା ଓ ସିମେଣ୍ଟ ବିମ୍‌ଗୁଡ଼ିକ ଠିଆ ହୋଇଥିବାର ଦେଖାଯାଉଛି। ଅଷ୍ଟିନ୍ ରସେଲ୍ ଏହି ସୁନ୍ଦର ଅଟ୍ଟାଳିକାକୁ ମାସିକ ୩ କୋଟି ୬୪ ଲକ୍ଷ ଟଙ୍କା ଭଡ଼ାରେ ଲଗାଇଥିଲେ। ଅନ୍ୟପକ୍ଷରେ କାଲିଫର୍ଣ୍ଣିଆ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ଦଶ ହଜାର ବାସଗୃହ ମଧ୍ୟ ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଛି ଏବଂ ଏକ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ହଜାର ହଜାର ଦମକଳକୁ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ କରାଯିବା ସଙ୍ଗେ ସଙ୍ଗେ ଆକାଶମାର୍ଗରୁ ହେଲିକପ୍ଟର ଯୋଗେ ପାଣି ପକାଯାଉଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। କାଲିଫର୍ଣ୍ଣିଆର ଦକ୍ଷିଣ ଭାଗରେ ବାସ କରୁଥିବା ପ୍ରାୟ ୧୭ ନିୟୁତ ଲୋକ ଜଙ୍ଗଲ ନିଆଁର ଧୂଆଁରେ କଲବଲ ହେଉଛନ୍ତି। ବନାଗ୍ନି ଦ୍ରୁତବେଗରେ ମାଡ଼ି ଚାଲିଥିବାର ମୁଖ୍ୟ କାରଣ ହେଉଛି ସମଗ୍ର ଅଞ୍ଚଳରେ ଘଣ୍ଟା ପ୍ରତି ୧୦୦ କିଲୋମିଟର ଗତିରେ ଝଡ଼ ପବନ ବହୁଛି ଯାହା ପରିସ୍ଥିତିକୁ ଅଧିକ ସଙ୍ଗୀନ୍ କରିଛି। କାଲିଫର୍ଣ୍ଣିଆ ଓ ଲସ୍‌ଏଞ୍ଜେଲସ୍ ଭଳି ଆମେରିକାର ସମୃଦ୍ଧ ଅଞ୍ଚଳରେ ୧୫ଲକ୍ଷ ଲୋକ ଏବେ ବିଦ୍ୟୁତ୍ ସରବରାହରୁ ବଞ୍ଚିତ ହୋଇ ଅନ୍ଧକାର ମଧ୍ୟରେ ସମୟ ବିତାଉଛନ୍ତି ଓ ବିଦ୍ୟୁତ୍ ଅଭାବରୁ ଜଳସଙ୍କଟ ମଧ୍ୟ ଦେଖାଦେଇଛି। ଜଙ୍ଗଲ ନିଆଁ ବ୍ୟାପିବା ଯୋଗୁଁ ଏଯାବତ୍ ୧୧ଜଣ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ନିଖୋଜ ଥିବାର ନିଜେ ରାଷ୍ଟ୍ରପତି ଜୋ ବାଇଡେନ୍ ସ୍ୱୀକାର କରିଛନ୍ତି। ସାରା ପ୍ରଶାସନ ନିଆଁଲିଭା କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତାହାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ଲୁଟ୍‌ତରାଜ୍ ଆରମ୍ଭ କରିଦେଇଥିବାର ଖବର ମିଳିଛି ଓ ଏହା ପ୍ରଶାସନର ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଫଳରେ ସାନ୍ତା ମୋନିକା ସହରରେ ଏବେ କର୍ଫ୍ୟୁ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ବର୍ତ୍ତମାନ ସୁଦ୍ଧା ୨୦ଜଣ ଅସାମାଜିକ ଲୋକଙ୍କୁ ପୋଲିସ ଗିରଫ କରିଛି। ଜଙ୍ଗଲ ନିଆଁ ବ୍ୟାପିବା ଯୋଗୁଁ ଏ ପର୍ଯ୍ୟନ୍ତ ଆମେରିକାରେ ୪ଲକ୍ଷ ୩୦ ହଜାର କୋଟି ଟଙ୍କା କ୍ଷତି ଘଟିଥିବା ବେଳେ ସମୁଦାୟ ୨୧ ହଜାର ୫୯୬ଟି ଜଙ୍ଗଲରେ ନିଆଁ ଲାଗି ରହିଛି। ତେବେ ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ଏ ଯାବତ୍ ମାତ୍ର ୮ ପ୍ରତିଶତ ନିଆଁ ଆୟତକୁ ଆସିପାରିଛି। ଖ୍ରୀଷ୍ଟିୟ ଧର୍ମଗୁରୁ ପୋପ୍ ନିଆଁରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଗଭୀର ଶୋକ ବ୍ୟକ୍ତ କରିବା ସହିତ ଖୁବ୍‌ଶୀଘ୍ର ଏହି ସଙ୍କଟ ଦୂର କରିବାକୁ ପ୍ରାର୍ଥନା କରିଛନ୍ତି। ଏହି ପ୍ରାକୃତିକ ବିପ୍ୟାତକୁ ନେଇ ରାଜନୈତିକ ସ୍ତରରେ ମଧ୍ୟ ଆରୋପ-ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଆଉ ଗୋଟିଏ ସପ୍ତାହ ପରେ ଆମେରିକା ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପ୍ ଏହି ନିଆଁ ପାଇଁ ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନକୁ ଦାୟୀ କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାର ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସମଗ୍ର ଦେଶ ନବବର୍ଷର ଆଗମନରେ ଖୁସି ମନାଉଥିବା ବେଳେ ଏହି ଦାରୁଣ ପ୍ରାକୃତିକ ଦୁର୍ବିପାକ ନିଶ୍ଚିତ ଭାବରେ ଯେ ଦୁଃଖଦ ଓ ଦୁର୍ଭାଗ୍ୟଜନକ ଏଥିରେ ସନ୍ଦେହର ଅବକାଶ ନାହିଁ।

# ପ୍ରବାସୀ ଭାରତୀୟଙ୍କ ନିବାସୀ ଜାତୀୟତା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ବାସସ୍ଥାନ ହେଉଛି ମଣିଷର ମୌଳିକ ଅଧିକାର ଓ ବ୍ୟକ୍ତି ପୃଥିବୀରେ କେଉଁ ସ୍ଥାନରେ ବାସସ୍ଥାନ କରିବ ତାହା ବ୍ୟକ୍ତିର ସ୍ୱାଧୀନତା ଉପରେ ନିର୍ଭର କରିଥାଏ। ସଭ୍ୟତାର ବିକାଶ ଠାରୁ ଅଦ୍ୟାବଧି ମଣିଷ ନିଜର ସୁବିଧା ସୁଯୋଗ ଓ ଆବଶ୍ୟକତାକୁ ନେଇ ବାସସ୍ଥାନର ନିବାସୀ ହୋଇଥାଏ ଓ ଯେତେବେଳେ ଜଣେ ବ୍ୟକ୍ତି ଗୋଟିଏ ସ୍ଥାନରେ ଜନ୍ମ ହୁଏ ଉକ୍ତସ୍ଥାନ ବା ଦେଶ ତାହା ପାଇଁ ଜନ୍ମମାଟି ହୋଇ ନିବାସୀର ଆଖ୍ୟାରେ ଚିତ୍ରିତ ହୋଇଥାଏ। ସେତେବେଳେ ଉକ୍ତ ବ୍ୟକ୍ତି ଉକ୍ତ ଦେଶର ନାଗରିକତାକୁ ଗ୍ରହଣ କରି କୌଣସି ସ୍ଥାନର ନିବାସୀ ହୋଇ ଉକ୍ତ ଦେଶର ବ୍ୟକ୍ତି ପାଇଁ ସରକାରଙ୍କର ଦାୟିତ୍ୱ ଓ ବ୍ୟକ୍ତିର ସରକାରଙ୍କ ପ୍ରତି କର୍ତ୍ତବ୍ୟ ତଥା ଆନୁଗତ୍ୟ ଇତ୍ୟାଦି ପାଳନ କରାଯାଏ। ଉକ୍ତ ଦୃଷ୍ଟିକୋଣକୁ ବିଚାର କଲେ ପୃଥିବୀର ଅନ୍ୟ ଦେଶ ଭଳି ଭାରତ ଏକ ଦେଶ ଓ ଏଥିରେ ଯେଉଁମାନେ ଜନ୍ମଗ୍ରହଣ କରିଥାନ୍ତି ସେମାନଙ୍କୁ ଭାରତୀୟ ନିବାସୀ ବୋଲି ମାନ୍ୟତା ଦିଆଯାଏ। ମାତ୍ର ଯେତେବେଳେ ଭାରତର ଜନ୍ମିତ ବା ଭାରତରେ କିଛି ବର୍ଷ ନିବାସୀ ଥିବା ବ୍ୟକ୍ତି ବର୍ଷ ବର୍ଷ ଧରି ଅନ୍ୟଦେଶରେ ବାସସ୍ଥାନ କରିଥାନ୍ତି ଓ ଉକ୍ତ ଦେଶର ନାଗରିକତା, ସୁବିଧା ସୁଯୋଗ ଆଦି ଆପଣେଇଥାନ୍ତି ସେତେବେଳେ ସେମାନେ ହୋଇଥାନ୍ତି ପ୍ରବାସୀ। ଅତଏବ ଭାରତୀୟ ନିବାସୀରୁ ପ୍ରବାସୀ ଭାରତୀୟ ହୋଇ ନିଜର ଜନ୍ମିତ ସ୍ଥାନକୁ ଉପଯୁକ୍ତ ସମ୍ମାନ ଦେବା ଓ କର୍ତ୍ତବ୍ୟରେ ଅନୁବନ୍ଧିତ ହେବା ହେଉଛି ଜାତୀୟତା। ଭାରତରେ ରହି ଭାରତର ଜାତୀୟତାକୁ ସମ୍ମାନ ଦେବା ଓ ସେଥିପାଇଁ ନିଜର ଯୋଗଦାନ କରିବା ସ୍ୱାଭାବିକ, ମାତ୍ର ଭାରତରେ ନିବାସୀ ହୋଇ ଅନ୍ୟଦେଶର ପ୍ରବାସୀ ହୋଇ ପୁଣି ମୂଳ ଦେଶର ସଂସ୍କାର, ସଂସ୍କୃତି, ଅର୍ଥନୀତି, ସାମାଜିକ ଦାୟିତ୍ୱ ଆଦିକୁ ଭଲ ପାଇବା ଓ ସେଥିପ୍ରତି ଆନୁଗତ୍ୟ ତଥା ସାହାଯ୍ୟ କରିବା ହେଉଛି ଉତ୍କୃଷ୍ଟ ଜାତୀୟତା। ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଭାରତ ହେଉଛି ବିଶ୍ୱର ସର୍ବ ବୃହତ ଗଣତନ୍ତ୍ର ରାଷ୍ଟ୍ର। ଏହା ବିଭିନ୍ନ ଓ ବ୍ୟାପକ ସଭ୍ୟତାର କେନ୍ଦ୍ର ବୋଲି ମାନ୍ୟତା ପାଇଥାଏ। ଭାରତୀୟମାନେ ବିବିଧ ରଙ୍ଗ, ଧର୍ମ, ଜାତି ଓ ରୀତିନୀତି ମଧ୍ୟରେ ଭିନ୍ନ ହୋଇଥାନ୍ତି, ମାତ୍ର ଅଖଣ୍ଡତା ଓ ଏକତା ହେଉଛି ଭାରତର ଏକ ପ୍ରମୁଖ ଅଙ୍ଗ। ଭାରତୀୟମାନେ ଭିନ୍ନ ଭାବରେ ପୋଷାକ ପିନ୍ଧନ୍ତି, ବିଭିନ୍ନ ପର୍ବ ପାଳନ କରନ୍ତି ଓ ଭିନ୍ନ ଭାବରେ ଖାଦ୍ୟ ଗ୍ରହଣ କରିଥାନ୍ତି ତଥା ବିଭିନ୍ନ ଭାଷାରେ କଥାବାର୍ତ୍ତା କରନ୍ତି ଯାହା ପ୍ରବାସୀ ହୋଇ ମଧ୍ୟ ତାହା ଭାରତୀୟ ଜାତୀୟତାକୁ ବଳିଷ୍ଠ କରିଥାଏ। ଧର୍ମ, ସଂସ୍କୃତି, ପରମ୍ପରା ଇତ୍ୟାଦିକୁ ଯଥାମାନ୍ୟ ଦେଇ ଭାରତୀୟ ପ୍ରବାସୀ ସେମାନଙ୍କର ପରାକାଷ୍ଠାକୁ ଋଦ୍ଧିମନ୍ତ କରିଥାନ୍ତି। ଭାରତୀୟ ନିବାସୀ ହୋଇ ପ୍ରବାସୀ ହୋଇଥିବା ଭାରତୀୟ ଜାତୀୟ ଚେତନାରେ ପ୍ରବାସୀରେ ଥିବା ପ୍ରମୁଖ ବ୍ୟକ୍ତି ସଲମାନ ରଶିଦ, ଏସ୍ ଚନ୍ଦ୍ରଶେଖର, ଅମର୍ତ୍ତ୍ୟ ସେନ, କଳ୍ପନା ଚାୱଲା, ଅନିତା ଦେଶାଇ ଓ କିରଣ ଦେଶାଇ, ମୀରା ନାୟାର, ଲକ୍ଷ୍ମୀ ମିତ୍ତଲ, ଇନ୍ଦ୍ର ନୋଇ, ଋଷି ସୁନକ, କମଳା ହାରିସ, ପ୍ରଭିଣ୍ଡ ଯୋଗନାଥ ଆଦି ଅନେକେ ଦିନେ ଭାରତୀୟ ନିବାସୀ ଥିଲେ ଓ ପ୍ରବାସୀ ହୋଇ ମଧ୍ୟ ଭାରତୀୟ ଜାତୀୟତାକୁ ଅଧିକ କ୍ରିୟାଶୀଳ କରିବାରେ ଯଥେଷ୍ଟ ଯୋଗଦାନ କରିଛନ୍ତି ବୋଲି ମାନ୍ୟ କରାଯାଏ।

ଜଗତୀକରଣ ଜଗତରେ ଭାରତୀୟ ସଂସ୍କୃତ ଭାଷା କେବଳ ଭାରତରେ ସୀମିତ ନରହି ଏହା ଜର୍ମାନୀ, ଆମେରିକା ଇତ୍ୟାଦି ଅନ୍ୟ ଦେଶରେ ଆଦୃତ ହୋଇଅଛି। ଭାରତରେ ହିନ୍ଦୁ ଧର୍ମ, ଜୈନ ଧର୍ମ, ବୌଦ୍ଧ ଧର୍ମ, ଇସଲାମ, ଖ୍ରୀଷ୍ଟିୟାନ, ଶିଖ ଆଦି ଧର୍ମ ଥିଲେ ମଧ୍ୟ ଭାରତୀୟ ନିବାସୀ ପ୍ରବାସୀ ହୋଇ ମଧ୍ୟ ନିଜର ଧର୍ମରୁ କେବେ ବିଚ୍ୟୁତି ହୋଇ ନାହାନ୍ତି ଯାହା ହେଉଛି ସେମାନଙ୍କର ଜାତୀୟତାର ପରିଚୟ। ଭାରତୀୟ ସଂସ୍କୃତି ହେଉଛି ପୁରାତନ ସଂସ୍କୃତି ମଧ୍ୟରୁ ଗୋଟିଏ ଯାହା ପାଶ୍ଚାତ୍ୟ ଚିନ୍ତାଧାରାର ମିଶ୍ରଣକୁ ଦେଶୀ ସଂସ୍କୃତି ସହିତ ସଂଯୋଗ କରି ଭାରତର ସଂସ୍କୃତିକୁ ବ୍ୟାପକ ରୂପେ ବଦଳାଇଲା। ଭାରତୀୟ ସଂସ୍କୃତିର ଅନ୍ୟ ଏକ ଦିଗ ହେଉଛି ଦେଶର ସ୍ଥାପତ୍ୟ ଓ କଳା। ଭାରତରେ ସର୍ବଦା ବିଭିନ୍ନ ପ୍ରକାରର ସ୍ଥାପତ୍ୟ ରହିଆସିଛି ଯାହା ହିନ୍ଦୁ ସ୍ଥାପତ୍ୟ, ଇଣ୍ଡୋ-ଇସଲାମିକ ସ୍ଥାପତ୍ୟ, ରାଜପୁତ ସ୍ଥାପତ୍ୟ ଇତ୍ୟାଦି ଯାହା ତାଜମହଲ, ଚିତ୍ତର ଦୁର୍ଗ, ଲୋଟସ୍ ମନ୍ଦିର ଇତ୍ୟାଦି ସ୍ମାରକୀ। ସଂସ୍କୃତିର ବିସ୍ତୃତତା ଓ ଇତିହାସର ଶତାବ୍ଦୀର ଚିତ୍ରଣ କରିଥାଏ ଓ ଦେଶର ଇତିହାସ ନିର୍ଣ୍ଣୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସଂସ୍କୃତିର ସ୍ୱଷ୍ଟ ଚିତ୍ରଣ ଓ ସମୟ ସହିତ ଏହାର ପରିବର୍ତ୍ତନରେ ଦେଶର କଳା ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଯାହା ଚିତ୍ରକଳା, ମୂର୍ତ୍ତି, କୁମ୍ଭାର, ବୟନଶିଳ୍ପ ଇତ୍ୟାଦି ବିଭିନ୍ନ କଳା ରୂପରେ ଭାରତୀୟ କଳା ସମୃଦ୍ଧ ଓ ପୋଷାକରେ ଜାତୀୟତା ଓ ଜାତିର ଚିତ୍ର ପରିସ୍ଫୁଟିତ ହୋଇଥାଏ। ତେଣୁ ଭାରତର ଇତିହାସ ଭାରତୀୟ ଲୋକଙ୍କୁ ନିଜର ଭାବନା ସଞ୍ଚାର କରିଥାଏ ଯେଉଁଥିପାଇଁ ଭାରତର ଆଧ୍ୟାତ୍ମିକ ଚେତନା, ରାଜନୈତିକ ନେତା, ଶିଳ୍ପପତି ତଥା ଲେଖକ ଆଦିଙ୍କୁ ସମ୍ମାନିତ କରିଥାଏ। ପିତୃପୁରୁଷଙ୍କ ବଂଶଧର ତଥା ଗୌରବମୟ ସଭ୍ୟତାର ଉତ୍ତରାଧିକାରୀ ଭାବରେ ଭାରତୀୟ ଏକତା ଉପରେ ପ୍ରବାସୀମାନଙ୍କର ଆତ୍ମବିଶ୍ୱାସ ସୃଷ୍ଟି ଏକ ସୁଯୋଗ୍ୟ ଦାୟାଦ ଭାବେ ପରିଚିତ ହୋଇଥାଏ। ଭାରତରେ ଯେତେବେଳେ ଅନେକ ଦୈବ ଦୁର୍ବିପାକ, ସଙ୍କଟ ବା କୌଣସି ବିପଦ ହେଲେ ଉକ୍ତ ଜାତୀୟ ଚେତନାର ଅନୁପ୍ରାଣିତ ପ୍ରାବାସୀମାନେ ଭାରତୀୟ ଜାତୀୟତାକୁ ଅନେକ ଅବଦାନ ଦେଇ ଜନ୍ମଭୂମିର ମାନକୁ ପ୍ରଶଂସିତ କରିଥାନ୍ତି। ଭାରତର ବିକାଶରେ ବିଦେଶୀ ଭାରତୀୟ ସମ୍ପ୍ରଦାୟର ଅବଦାନକୁ ସମ୍ମାନ ଜଣାଇବା ପାଇଁ ୨୦୦୩ ମସିହାରୁ ପ୍ରତିବର୍ଷ ଜାନୁଆରୀ ୯ରେ ପ୍ରଭାସୀ ଭାରତୀୟ ଦିବସ ପାଳନ କରାଯାଏ। ଏହି ଉତ୍ସବକୁ ପାଳନ କରିବା ପାଇଁ ଜାନୁୟାରୀ ୯କୁ ମନୋନୀତ କରାଯାଇଥିଲା କାରଣ ୧୯୧୫ ମସିହାରେ ଏହି ଦିନ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ ଓ ଭାରତୀୟଙ୍କ ଜୀବନକୁ ସବୁଦିନ ପାଇଁ ବଦଳାଇ ଦେଇଥିଲେ। ପ୍ରବାସୀ ଭାରତୀୟ ସମ୍ମେଳନର ଧାରାକୁ ପାଳନ କରିବା ଓ ମଧ୍ୟବର୍ତ୍ତୀ ସମୟ ମଧ୍ୟରେ ଥିମ୍-ଆଧାରିତ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରିବା ପାଇଁ ଏଥିରେ କିଛି ସଂଶୋଧନ ହୋଇଥାଏ ଯାହା ଏହି ସମ୍ମିଳନୀଗୁଡ଼ିକ ବିଦେଶୀ ଭାରତୀୟ ସମ୍ପ୍ରଦାୟକୁ ପାରସ୍ପରିକ ଲାଭଦାୟକ କାର୍ଯ୍ୟକଳାପ ପାଇଁ ସରକାର ଓ ସେମାନଙ୍କ ପିତୃପୁରୁଷଙ୍କ ଦେଶର ଲୋକଙ୍କ ସହ ଜଡ଼ିତ ହେବା ପାଇଁ ଏକ କ୍ଷେତ୍ର ପ୍ରଦାନ କରିଥାଏ। ଏହି ସମ୍ମିଳନୀ ବିଶ୍ୱର ବିଭିନ୍ନ ଭାଗରେ ବାସ କରୁଥିବା ବିଦେଶୀ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ଏକ ଯୋଗସୂତ୍ର ସୃଷ୍ଟି କରିଥାଏ ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅଭିଜ୍ଞତା ବାଣ୍ଟିବାକୁ ସକ୍ଷମ କରିଥାଏ ଯାହା ହେଉଛି ବସୁ ଧୈବ କୁଟୁମ୍ବକମ୍।

ପ୍ରବାସୀ ଭାରତୀୟ ସମ୍ମିଳନୀ ୨୦୦୩ ମସିହାରୁ ପ୍ରତିବର୍ଷ ୭ରୁ ୯ ଜାନୁୟାରୀ ପର୍ଯ୍ୟନ୍ତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଥାଏ। ଭାରତ ସରକାରଙ୍କ ସହିତ ବିଦେଶୀ ଭାରତୀୟ ସମ୍ପ୍ରଦାୟର ସେମାନଙ୍କର ସାଂସ୍କୃତିକ ମୂଳ ସହିତ ପୁନଃ ସଂଯୋଗ ହେଉଛି ଏକ ମାଧ୍ୟମ। ସମ୍ପ୍ରତି ୨୦୨୫ରେ ୧୮ତମ ପ୍ରବାସୀ ଭାରତୀୟ ଦିବସର ବିଷୟବସ୍ତୁ ହେଉଛି 'ବିକାଶ ଭାରତଙ୍କ ପାଇଁ ପ୍ରବାସୀ ଓଡିଆଙ୍କ ଅବଦାନ' ତେବେ ଭାରତୀୟ ଓ ଭାରତୀୟତା ଏକ ସରଳରେଖାରେ ଧାବମାନ କରିବାର ଯେଉଁ ପ୍ରଚେଷ୍ଟା ଯେତେବେଳେ ମାନସିକ ସ୍ତରରେ ଜାଗ୍ରତ ହୁଏ, ସେତେବେଳେ ନିଜର ଜନ୍ମମାଟିର ଆକର୍ଷଣ ଓ ତତ୍‌ସହିତ ସମ୍ବନ୍ଧର ଏକ ଯୋଗସୂତ୍ର ଗଠନ ହେବାରେ ସହାୟକ ହୋଇଥାଏ। ପ୍ରବାସୀ ବା ନିବାସୀ ହେଉଛି ଏକ ଚିନ୍ତାଧାରାର ସାମଞ୍ଜସ୍ୟ। ମାତ୍ର ଜାତୀୟ ଚେତନା ହେଉଛି ଏକ ଉଚ୍ଛ୍ୱାସ ଯାହା ସାଙ୍କେତିକ ଭାବରେ ସ୍ୱତଃ ଜାଗରଣ ହୋଇଥାଏ। ବ୍ୟକ୍ତିର ମାନସିକତାରେ ସ୍ୱାଧୀନତା ଆନ୍ଦୋଳନ ସମୟରେ ଅନେକ ପ୍ରବାସୀଙ୍କର ଭାରତରେ ଯୋଗଦାନ ଓ ଗାନ୍ଧୀଜୀ ସ୍ୱୟଂ ପ୍ରବାସୀର ମୋହରରେ ନାମିତ ହୋଇ ସ୍ୱାଧୀନତା ସଂଗ୍ରାମକୁ ଅଧିକ ଋଦ୍ଧିମନ୍ତ କରି ସେଥିରେ ସେ କୃତକାର୍ଯ୍ୟ ହୋଇଥିଲେ। ସମ୍ପ୍ରତି ଯେଉଁମାନେ ଆଜି ଭାରତୀୟ ପ୍ରବାସୀ ଅତୀତରେ ସେମାନେ ଥିଲେ ଭାରତୀୟ ନିବାସୀ। ଅତଏବ ସେମାନେ ହେଉଛନ୍ତି ଭାରତୀୟ ଜାତୀୟତାର ଅନ୍ୟ ଏକ ଉତ୍ସ ଯେଉଁମାନଙ୍କର ଯୋଗଦାନ ଏକ ସମୃଦ୍ଧ ଦେଶ ଗଠନ କରିବାରେ ସହାୟକ ହେବାର ଆଶା ଓ କଳ୍ପନା କରାଯାଇଥାଏ। ଏଥିରୁ ସ୍ୱଷ୍ଟ ପ୍ରତୀୟମାନ ହୋଇଥାଏ ଯେ ସମ୍ପ୍ରତି ଭାରତୀୟ ନିବାସୀ ସେମାନଙ୍କର ଭାରତୀୟ ପ୍ରବାସୀ ଭାଇ ଭଉଣୀମାନଙ୍କୁ ମନେ ପକାଇ ସେମାନଙ୍କୁ ନିଜ ଦେଶକୁ ଆମନ୍ତ୍ରିତ କରୁଛନ୍ତି ଓ ପ୍ରବାସୀମାନେ ଅନେକ ଆଗ୍ରହର ସହାକାରେ ସେମାନଙ୍କର ଭାରତୀୟ ଭାଇ ଭଉଣୀମାନଙ୍କ ସହ ଭାବ ବିନିମୟ କରିବା ପାଇଁ ତଥା ଭାରତୀୟ ଜାଗରଣରେ ସାମିଲ ହେବା ପାଇଁ କେତେକେତେ ଦୂରଦୂରାନ୍ତରୁ ଆସିଥାନ୍ତି ଯାହା ହେଉଛି ଜାତିର ଆକର୍ଷଣ। ତେଣୁ ନିବାସୀର ଅନ୍ତରାଳରେ ନିହିତ ଥିବା ପ୍ରବାସୀର ମୋହରରେ ଜାତୀୟତାର ସେତୁକୁ ଅଧିକ ସୁଦୃଢ଼ କରିବା ହେଉଛି ପ୍ରବାସୀ ଓ ନିବାସୀ ମଧ୍ୟରେ ଏକ ସମନ୍ୱୟ।

# ଶ୍ରୀକ୍ଷେତ୍ରରେ ପୁଷ୍ୟାଭିଷେକ




ଯଶସ୍ୱିନୀ ପଟ୍ଟନାୟକ
ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ

କବିବର ରାଧାନାଥ ରାୟଙ୍କ 'ଚନ୍ଦ୍ରଭାଗା' କାବ୍ୟରେ ଅଛି ଶ୍ରୀଜଗନ୍ନାଥଙ୍କ 'ପୌଷାଭିଷେକ' ଉତ୍ସବର ଏକ ସୁନ୍ଦର ବର୍ଣ୍ଣନା। ତାହା ଅନୁସାରେ, ପୌଷପୂର୍ଣ୍ଣିମାର ସେହି ଦୁର୍ଲଭ ଅଭିଷେକ ଉତ୍ସବର ଦର୍ଶନ ପାଇଁ ଓଡ଼ିଶାର ବିଭିନ୍ନ ପୀଠର ଅଧିଷ୍ଠାତ୍ରୀ ଦେବୀମାନେ ପୂଜା ସମ୍ଭାର ନେଇ ଶ୍ରୀମନ୍ଦିରକୁ ଆସିଛନ୍ତି। ପୁଷ୍ୟାଭିଷେକ ଶ୍ରୀମନ୍ଦିରର ଓ ଶ୍ରୀନଅରର ଏକ ଗୁରୁତ୍ୱପୂର୍ଣ୍ଣ ନୀତି। ଶ୍ରୀମନ୍ଦିରରେ ପୌଷପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କର ଯେଉଁ ଅଭିଷେକ ହୁଏ, ତାହା ପୁଷ୍ୟାଭିଷେକ। ଦେବତାଙ୍କର ସେହି ଅଭିଷେକର ପରଦିନ ଶ୍ରୀନଅରରେ ମଧ୍ୟ ଗଜପତି ମହାରାଜାଙ୍କର ଅଭିଷେକ ହୁଏ। ତାହାକୁ ମଧ୍ୟ ପୁଷ୍ୟାଭିଷେକ କୁହାଯାଏ। ଶ୍ରୀଜଗନ୍ନାଥ ହେଉଛନ୍ତି ଦେବାଧିଦେବ, ରାଜାଧିରାଜ। ତେଣୁ ପୌଷପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ତାଙ୍କର ଅଭିଷେକ ଉତ୍ସବ ଏପରି ଦୁର୍ଲ୍ଲଭ ଯେ ସେହି ବେଶରେ ତାଙ୍କର ଦର୍ଶନ ପାଇଁ ଦେବଦେବୀମାନେ ଶ୍ରୀମନ୍ଦିରକୁ ଛୁଟି ଆସିଥାନ୍ତି।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ। ଏହାପୂର୍ବରୁ ତାଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ମୃତି ରୂପେ ଗ୍ରହଣ କରି ପ୍ରତିବର୍ଷ ଏହି ଦିନ ଦେବମନ୍ଦିରଗୁଡ଼ିକରେ ଠାକୁରମାନଙ୍କର ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଥାଏ। ଏହିଦିନ ପୁରୀ ବଡ଼ ଦେଉଳରେ ଶ୍ରୀଜୀଉମାନଙ୍କର ପୁଷ୍ୟଭିଷେକ ହୁଏ। ଶାସ୍ତ୍ରରେ ଏ ଉତ୍ସବ ନେଇ ଉଲ୍ଲେଖ ଅଛି 'ପୌଷ ମାସି ସିତେ ପକ୍ଷେ ପୌର୍ଣ୍ଣମାୟାଂ ରୁକ୍ମିଣୀ ପତେଃ। ପୁଷ୍ୟାଭିଷେକଂ କୁର୍ବାତ୍ ସର୍ବକାମାର୍ଥ ସିଦ୍ଧୟେ।' ଏହି ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ନିତ୍ୟ ପୂଜା ପରେ ନୂତନ ବସ୍ତ୍ର, ଭୂଷଣ ଓ ଗନ୍ଧ ପୁଷ୍ପ ଆଦି ଦ୍ୱାରା ଠାକୁରଙ୍କୁ ବେଶ କରାଯାଇ ଯାତ୍ରା ମଣ୍ଡପକୁ ନିଆଯାଏ। ସେଠାରେ ବରୁଣପୂଜା, ସ୍ୱସ୍ତି ବାଚନ, ମଙ୍ଗଳାରୋପଣ, ଯଜ୍ଞୋପବୀତ ସମର୍ପଣ, ହୋମ, ଆରତି ଇତ୍ୟାଦି ବିଧିରେ ବିଜେ ପ୍ରତିମା ସହ ଖଡ଼୍ଗ ପୂଜା ପରେ ଉକ୍ତ ଯଜ୍ଞୋପବୀତ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଓ ପରେ ଯାତ୍ରା ମଣ୍ଡପରେ ଯଥାବିଧି ଉପଚାର ସହିତ ରାଜାଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଅଭିଷେକ ଉତ୍ସବ ରାଜାଙ୍କ ଅଭିଷେକ ରୂପେ ପାଳିତ ହୁଏ। ଏହି ଅଭିଷେକୋତ୍ସବ ଦର୍ଶନରେ ଦର୍ଶନାର୍ଥୀ ପାପମୁକ୍ତ ହୋଇ ବୈକୁଣ୍ଠପୁରୀ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଏ।





# ଶ୍ରୀମନ୍ଦିରରେ ନବାଙ୍କ ପର୍ବ



ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, ତୁଳସୀପୁର
କଟକ, ମୋ: ୯୪୩୭୬୬୬୪୫୩

ଧନୁ ସଂକ୍ରାନ୍ତିରୁ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ଆଜି ଫେରିଛନ୍ତି। ଧାନ, ଚାଉଳ ଓ ଫୁଲ ଆଦି ଭାର ଧରି ପଟୁଆରରେ ଶ୍ରୀମନ୍ଦିର ବିଜେ କରିଛନ୍ତି। ଦୀର୍ଘ ଏକମାସ ଧରି ଅପେକ୍ଷା କରିଥିବା ଶ୍ରୀମନ୍ଦିର ଯେମିତି ତାଙ୍କ ଫେରିବାରେ ଆନନ୍ଦରେ ଉଛୁଳି ପଡ଼ିଛି। ଓଡ଼ିଆ ଘରେ ନୂଆ ବୋହୂଟିଏ ପ୍ରଥମ ଥର ବାପଘର ଯାଇ ଫେରିବା ଭଳି ମହାଲକ୍ଷ୍ମୀ ପଟୁଆର ଧରି ଏକ ସ୍ୱତନ୍ତ୍ର ଠାଣୀରେ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହିପରି ଭାବେ ଶ୍ରୀମନ୍ଦିରରେ ନବାଙ୍କ ପର୍ବ ଅନୁଷ୍ଠିତ ହୋଇ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥାଏ ଯାହାକି ଚଳିତ ଜାନୁଆରୀ ୧୩ ତାରିଖ (ସୋମବାର) ଦିନ ଅନୁଷ୍ଠିତ ହେବ। ବିଧି ବ୍ୟବସ୍ଥା ଅନୁଯାୟୀ ଅଲାମଚଣ୍ଡି ଠାରୁ ମକରତାଡ଼ ଆସିଥାଏ। ଏକ ପଟୁଆରରେ କୁମ୍ଭକାରମାନେ ଏହି ତାଡକୁ ଶ୍ରୀମନ୍ଦିର ବିଜେ କରାଇବାର ପରମ୍ପରା ରହିଛି। ନବାଙ୍କ ଅବସରରେ ମହାପ୍ରଭୁଙ୍କର ଅବକାଶ ମଇଲମ ପରେ ଘୋଡ଼ ଲାଗି ହୋଇଥାଏ ଓ ସନ୍ଧ୍ୟା ଆଳତି ପରେ ସିଂହଦ୍ୱାର ଚକଡ଼ାରେ ପାହାଡ଼ା ପଡ଼ି ଚାଉଳ ମେଲଣର ରୀତିକାନ୍ତି ରହିଛି। ଧାନଘର ଠାରୁ ବୋରୋଭୋଇ ପ୍ରଧାନ ଚାଉଳ ଧରି ସିଂହଦ୍ୱାର ଚକଡ଼ାରେ ବିଜେ କରାଯାଏ। କୋଠଭୋଗ ଯୋଗାଣିଆ ତଳିଛ ପଟୁଆର କରି ଘଣ୍ଟ, ଛତା, କାହାଳୀ ସହ ଶ୍ରୀମନ୍ଦିରକୁ ଗୋଟିଏ ବେଢ଼ା ବୁଲି ଇନ୍ଦ୍ରାଣୀ ବେଢ଼ାରେ ରଖନ୍ତି।

ଫୁଲମେଲାଣ ପାଇଁ ମାଳିମାନେ ତଳିଛ ପଟୁଆରରେ ଘଣ୍ଟା, ଛତା, କାହାଳୀ ସହ ଶ୍ରୀମନ୍ଦିର ଗୋଟିଏ ବେଢ଼ା ବୁଲି ବେହେରଣ ତଢ଼ଉ ଦରଶୁଆ କରି ଖୁଣ୍ଟିଆଙ୍କ ମାର୍ଫତରେ ଦେଇଥାନ୍ତି। ଖୁଣ୍ଟିଆ ଏହାକୁ ନେଇ ସନ୍ଧ୍ୟା ଆଳତିରେ ମହାପ୍ରଭୁଙ୍କୁ ଲାଗି କରାନ୍ତି। ସନ୍ଧ୍ୟା ଆଳତି ବଢ଼ି ସନ୍ଧ୍ୟାଧୂପ ହେବା ସହ ତିନୋଟି ବାଉଁସିଆରେ ଚାଉଳ ରଖାଯାଇଥାଏ। ଏହାପରେ ଅଧିବାସ ନୀତି ଅନୁଷ୍ଠିତ ହୋଇଥାଏ। ତଢ଼ାଉ ଦୁଆର ମୁଦ କରିବା ପରେ ବଡ଼ସିଂହାର ବେଶ ବା ନବାଙ୍କ ବେଶ ହେବାର ପରମ୍ପରା ରହିଛି। ଏଥିରେ ଏକ ଆଜ୍ଞାମାଳ ଲାଗି ହୋଇଥାଏ। ଶ୍ରୀଅଙ୍ଗରୁ ମାଳ ଆସିବା ପରେ ମହାଜନ ମଦନ ମୋହନଙ୍କୁ ବଟମୂଳେ ବିମାନରେ ବିଜେ କରାନ୍ତି ଓ ବିମାନବଡୁମାନେ ବିମାନକୁ ୫ବେଢ଼ା ବୁଲାଇଥାନ୍ତି। ମହାପ୍ରଭୁଙ୍କ ନବାଙ୍କ ବେଶରେ ମହାଲକ୍ଷ୍ମୀଙ୍କ ଘରୁ ଆସିଥିବା ଫୁଲ ଲାଗି ହୋଇଥାଏ। ମହାଲକ୍ଷ୍ମୀଙ୍କ ପକ୍ଷରୁ ବଡ଼ଓଡ଼ିଆ ମଠ ଫୁଲ ଯୋଗାଇ ଆସୁଛି। ଜଗନ୍ନାଥଙ୍କ ପାଇଁ ୧୬ହାତ, ବଳଭଦ୍ରଙ୍କ ଲାଗି ୧୪ ହାତ ଓ ସୁଭଦ୍ରାଙ୍କ ଲାଗି ୧୨ ହାତ ଲମ୍ବାର ଏହି ମାଳ ତିଆରି ହୋଇଛି। ଏହି ଦିନରେ ମହାପ୍ରଭୁଙ୍କ ନବାଙ୍କ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଜନସମାଗମ ହୋଇଥାଏ।


# ଆଧୁନିକ ଭାରତର ମନ୍ଦିର- ହୀରାକୁଦ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଅବିଭକ୍ତ ମଧ୍ୟପ୍ରଦେଶର ପୂର୍ବ ଭାଗ ପର୍ବତମାଳାରୁ ବାହାରିଥିବା ଏହି ମହାନଦୀ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାରେ ୮୫୧ କିମି ଅତିକ୍ରମ କରିଛି। ଓଡ଼ିଶାର ସମ୍ବଲପୁର, ସୋନପୁର, ବୌଦ୍ଧ, ଅନୁଗୁଳ, କଟକ, ଜଗତସିଂପୁର ଦେଇ ୪୯୪ କିଲୋମିଟର ଅତିକ୍ରମ କରି ପାରାଦ୍ୱୀପ ଠାରେ ବଙ୍ଗୋପସାଗରରେ ମିଶିଛି। ମହାନଦୀର ପ୍ରମୁଖ ଅଂଶ ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ପ୍ରବାହିତ। ଆମ ମାଟିରେ ବୋହିଯାଇଥିବା ମହାନଦୀ ଉପରେ ଲକ୍ଷଲକ୍ଷ ଲୋକ ଜୀବନନିର୍ବାହ କରନ୍ତି। ମହାନଦୀ ହେଉଛି ଓଡ଼ିଶାବାସୀଙ୍କୁ ପ୍ରକୃତିର ଏକ ଅମୂଲ୍ୟ ଅବଦାନ। ଏହି ନଦୀ ଅନେକ ଲୋକଙ୍କୁ ଜୀବନଜୀବିକା ଯୋଗାଇଛି।

୧୯୩୭ ଓ ୧୯୪୩ ମସିହା ଅଗଷ୍ଟ ମାସରେ ମହାନଦୀର ପ୍ରଳୟଙ୍କରୀ ବନ୍ୟା ସେତେବେଳେ ତାଣ୍ଡବ ରଚିଥିଲା। ଓଡ଼ିଶା ସରକାର ବନ୍ୟାଜନିତ ବିପତ୍ତିର ନିରାକରଣ ପାଇଁ ତତ୍କାଳୀନ କେନ୍ଦ୍ର ଶ୍ରମମନ୍ତ୍ରୀ ବାବା ସାହେବ ଆମ୍ବେଦକରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମ୍ବେଦକର କଟକ ଆସି ଏ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସମ୍ବଲପୁର ସହର ଠାରୁ ୧୫ କି.ମି ଦୂର ହୀରାକୁଦ ଠାରେ ମହାନଦୀ ଉପରେ ହୀରାକୁଦ ବନ୍ଧର ପରିକଳ୍ପନା କରାଯାଇଥିଲା। ୧୯୪୬ ମସିହାରେ ହୀରାକୁଦ ନଦୀବନ୍ଧ ଯୋଜନାର ଭିତ୍ତିପ୍ରସ୍ତର ଆରମ୍ଭ ହେଲା। ୧୯୪୭ରେ ଏ ସଂକ୍ରାନ୍ତୀୟ ସଂକଳ୍ପ ପ୍ରସ୍ତାବ ଓଡ଼ିଶା ବିଧାନସଭାରେ ପାରିତ ହୋଇ ଅନୁମୋଦନ ଲାଭ କରିଥିଲା। ହୀରାକୁଦ ଠାରେ ଲମତୁମ୍ବରୀ ଓ ଚାନ୍ଦତୁମ୍ବରୀ ଦୁଇ ପାହାଡ ମଧ୍ୟରେ ବନ୍ଧ ନିର୍ମାଣ ପାଇଁ ୧୯୪୬ ମସିହା ମାର୍ଚ୍ଚ ୫ ତାରିଖରେ ଓଡ଼ିଶାର ତତ୍କାଳୀନ ଗଭର୍ଣ୍ଣର ଉଇଲିୟମ ହର୍ଥନ ଲୁଇସ୍ ଶୁଭ ଦେଇଥିଲେ। ପରେ ଦ୍ୱିତୀୟ ଥର ପାଇଁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଶୁଭ ଦେଇଥିଲେ। ଶିବରମନ ସାହେବଙ୍କ ତତ୍ତ୍ୱାବଧାନରେ ବନ୍ଧ ନିର୍ମିତ ହୋଇଥିଲା। ଭାରତ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୭ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ୧୯୫୭ ମସିହାରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ହୀରାକୁଦ ବନ୍ଧ ମୁଖ୍ୟତଃ ତିନୋଟି ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିଲା। ପ୍ରଥମତଃ ମହାନଦୀର ବନ୍ୟା ନିୟନ୍ତ୍ରଣ, ଦ୍ୱିତୀୟତଃ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ଓ ତୃତୀୟତଃ ଜଳ ବିଦ୍ୟୁତ ଉତ୍ପାଦନ। ୭୫୦ବର୍ଗ କିଲୋମିଟରର ବ୍ୟାପୀ ହୀରାକୁଦ ଜଳଭଣ୍ଡାର ନିର୍ମାଣ ପାଇଁ ସେତବେଳେ ୧.୫ ଲକ୍ଷ ଏକର ଉର୍ବର ଚାଷଜମି ଜଳବୁଡ଼ି ଓ ୩୬୯ ଗାଁ ଉଚ୍ଛେଦ ହେବାରୁ ୨୬ ହଜାର ୫୦୧ ପରିବାର ବାସଚ୍ୟୁତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୯ ହଜାର ପରିବାର ନିଜର ଭିଟାମାଟି ଛାଡିଥିଲେ। ପାଖାପାଖି ୨ ହଜାର ପରିବାର ସୁନ୍ଦରଗଡ ଜିଲ୍ଲାର ହେମଗିରି, ଉଜଳପୁର ଓ ବଣେଇ ଆଉ ଶହଶହ ପରିବାର ଛତିଶଗଡ଼ ଜିଲ୍ଲାର ସରଗୁଜା ଓ ରାୟଗଡ ଜିଲ୍ଲାକୁ ଯାଇ ବସତି ସ୍ଥାପନ ଆରମ୍ଭ କରିଥିଲେ। ୧୯୫୭ ମସିହା ଜାନୁଆରୀ ୧୩ ତାରିଖରେ ହୀରାକୁଦ ବନ୍ଧ ଓ ଜଳଭଣ୍ଡାରକୁ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ହୀରାକୁଦ ବନ୍ଧ ନିର୍ମାଣର ମୁଖ୍ୟଯନ୍ତ୍ରୀ ଶ୍ରୀ ଥିରୁମଲ ଆୟଙ୍ଗାର ଉପସ୍ଥିତ ଥିଲେ। ଡଃ ହରେକୃଷ୍ଣ ମହତାବ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ପୃଥିବୀର ଦୀର୍ଘତମ ମାଟିବନ୍ଧକୁ ଉଦଘାଟନ କରିବା ସମୟରେ ପଣ୍ଡିତ ଜବାହରଲାଲ ନେହେରୁ ଏହାକୁ ଆଧୁନିକ ଭାରତର ମନ୍ଦିର ଓ ଆଧୁନିକ କୋଣାର୍କର ଆଖ୍ୟା ଦେଇଥିଲେ। ମହାନଦୀ ମଧ୍ୟରେ ଥିବା ହୀରାକୁଦ ନାମକ ଗୋଟିଏ ଛୋଟିଆ ଦ୍ୱୀପ ଉପର ଦେଇ ଏହି ବନ୍ଧ ତିଆରି ହୋଇଥିବାରୁ ଏହାକୁ ହୀରାକୁଦ ବନ୍ଧ କୁହାଯାଏ। ଏଠାରେ ମହାନଦୀ ଚାରିଟି ଧାରରେ ବିଭକ୍ତ ହୋଇ ବୋହିଯାଉଛି। ନଦୀର ଉଭୟ ତଟରେ ଦୁଇଟି ପାହାଡ ଯଥା; ଲମତୁମ୍ବରୀ ଓ ଚାନ୍ଦତୁମ୍ବରୀ ରହିଛି। ଏହି ଦୁଇଟି ପାହାଡର ବ୍ୟବଧାନ ତିନି ମାଇଲ। ଏହି ଦୁଇଟି ପାହାଡକୁ ମଝିରେ ବନ୍ଧ ଦ୍ୱାରା ଯୋଗ କରାଯାଇଛି। ୪.୮ କି.ମି ଦୀର୍ଘ ବନ୍ଧ ମାଟିରେ ତିଆରି। ତେବେ କେତେକ ଅଂଶ ସିମେଣ୍ଟ, କଂକ୍ରିଟ, ଚୂନ, ସୁରକି, ପଥର ଦ୍ୱାରା ପକ୍କା କରାଯାଇଛି। ଭାରତର ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଯେତେଗୁଡ଼ିଏ ବନ୍ଧ ନିର୍ମାଣ କରାଯାଇଥିଲା ସେଥିମଧ୍ୟରୁ ହୀରାକୁଦ ପ୍ରଥମ। ମୁଖ୍ୟ ବନ୍ଧ ତିନି ମାଇଲ ଓ ଜଳ ଭଣ୍ଡାରର ଦୁଇ ପଟେ ଦୁଇ ଆଡି ବନ୍ଧ ବା ଡାଇକକୁ ମିଶାଇ ହୀରାକୁଦ ବନ୍ଧର ମୋଟ ଲମ୍ବ ୧୬ ମାଇଲ ହେବ। ନଦୀର ଅତି ଗଭୀର ପତନ ଠାରୁ ବନ୍ଧର ଉଚ୍ଚତା ୧୯୫ ମିଟର। ୭୪୩ ବର୍ଗ କିଲୋମିଟରର ପରିବ୍ୟାପ୍ତ ଏହାର ବିଶାଳ ଜଳଭଣ୍ଡାରର ଜଳଧାରଣ କ୍ଷମତା ୫୮୧୮ ନିୟୁତ ବର୍ଗମିଟର। ହୀରାକୁଦ ନଦୀବନ୍ଧକୁ ଆଜି ୬୮ ବର୍ଷ ପୂରି ୬୯ ବର୍ଷ ଚାଲିଲା। ଏହି ୬୮ ବର୍ଷ ମଧ୍ୟରେ ସେ ଓଡ଼ିଶାକୁ ଅନେକ କିଛି ଦେଇଛି।



ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ୨୦ ଜିଲ୍ଲାର ସାମାଜିକ, ଅର୍ଥନୈତିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି ହୀରାକୁଦ ବହୁମୁଖୀ ନଦୀବନ୍ଧ ପ୍ରକଳ୍ପ। ଏହି ପ୍ରକଳ୍ପ ସମ୍ବଲପୁର, ବରଗଡ, ସୋନପୁର, ବଲାଙ୍ଗୀର ଜିଲ୍ଲାର ୧,୫୧,୧୦୬ ହେକ୍ଟର ଖରିଫ ଓ ୧,୦୮,୩୮୫ ହେକ୍ଟର ରବି ଫସଲ ପାଇଁ ଜଳ ଯୋଗାଉଛି। ମହାନଦୀ ଉପକୂଳ କେନ୍ଦ୍ରାପଡା, କଟକ, ଜଗତସିଂପୁର, ପୁରୀ ତ୍ରିକୋଣଭୂମି ଡେଲ୍‌ଟାର ୯୫୦୦ ବର୍ଗକିଲୋମିଟର ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ପାନୀୟ ଜଳଯୋଗାଣ ଭଳି ବହୁମୁଖୀ ସେବା ଯୋଗାଉଛି। ହୀରାକୁଦ ନଦୀବନ୍ଧର ବୁର୍ଲା ଶକ୍ତି ଉତ୍ପାଦନ କେନ୍ଦ୍ର ଓ ଚିପିଲିମା ଶକ୍ତି ଉତ୍ପାଦନ କେନ୍ଦ୍ରରୁ ୩୦୭.୫ ମେଗାୱାଟ୍ ଶକ୍ତି ଉତ୍ପାଦନ କରାଯାଉଛି। ତେବେ ବନ୍ଧର ଉପରମୁଣ୍ଡରେ ମୃତ୍ତିକା ଓ ଜଙ୍ଗଲ ସଂରକ୍ଷଣ ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଉନଥିବାରୁ ବର୍ଜ୍ୟବସ୍ତୁର ପରିମାଣ ବୃଦ୍ଧି ଜଳଭଣ୍ଡାରର ଜଳଧାରଣ କ୍ଷମତା ହ୍ରାସ କରୁଛି। ୨୦୨୦ ମସିହାରେ ଡ୍ୟାମ୍ ସେଫ୍ଟି ରିଭ୍ୟୁ ପ୍ୟାନେଲ ଟିମ୍ ହୀରାକୁଦ ନଦୀବନ୍ଧର ଅନୁଧ୍ୟାନ ସମୟରେ ଫାଉଣ୍ଡେସନ ଗ୍ୟାଲେରୀ, ଅପରେସନ ଗ୍ୟାଲେରୀ ସହିତ ଫାଟକ, ସୁଇସ୍ ଏବଂ ବାମ ଓ ଦକ୍ଷିଣ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଜଣାପଡିଥିଲା। ଏହାର ମରାମତି ପାଇଁ ଅଦ୍ୟାବଧି ୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି, ତଥାପି ଏହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ତେଣୁ ହୀରାକୁଦ ବନ୍ଧର ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେଚାଞ୍ଚଳର ବିଭିନ୍ନ ଜଳପଥ ଓ କେନାଲଗୁଡିକ ଏବେ ଜରାଜୀର୍ଣ୍ଣ ହୋଇ ପଡିଥିବାରୁ ତା'ର ନବୀକରଣ ପାଇଁ ୨୦୨୪-୨୫ରୁ ୨୦୨୭-୨୮ ମସିହା ମଧ୍ୟରେ ୮୫୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଦ୍ରଭୂମି ସଂରକ୍ଷଣ କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ପ୍ରଦାନ ସହ ସଂରକ୍ଷଣ ଓ ବିକାଶ ପାଇଁ ହୀରାକୁଦକୁ ରାମସାର ପ୍ରକଳ୍ପରେ ସାମିଲ କରାଯାଇଛି। ୟୁନେସ୍କୋ ପକ୍ଷରୁ ଏଭଳି ମହତ୍ତ୍ୱପୂର୍ଣ୍ଣ ଆଦ୍ରଭୂମି ସଂରକ୍ଷଣ ସକାଶେ ସମଗ୍ର ବିଶ୍ୱରେ ୨୫୦୦ରୁ ଅଧିକ ସ୍ଥଳକୁ ରାମସାର ସାଇଟ ଭାବେ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ହୀରାକୁଦ ଆଦ୍ରଭୂମି ଏଥିରେ ସାମିଲ ହୋଇଛି। ପର୍ଯ୍ୟଟନ କ୍ଷେତ୍ରରେ ହୀରାକୁଦ ବନ୍ଧର ବିକାଶ ପାଇଁ କେନ୍ଦ୍ର ସରକାର ୯୯ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦରବ୍ଲକ ରାଇସୁଆଁସ୍ଥିତ ବନ୍ଧୁବାଳିକା ଆବାସିକ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଖାଉଟି ସଚେତନ ଶିବିର ବରିଷ୍ଠ ଯୁଗ୍ମନିୟନ୍ତ୍ରକ ବୈଧ ମାପ ନିୟନ୍ତ୍ରକ ବିଭାଗ କେନ୍ଦୁଝରଙ୍କ ଆର୍ଥିକ ଅନୁଦାନରେ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଦଶାର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରର ଆରାଧଦେବୀ ମାତାରିଣୀଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ନିମନ୍ତ୍ରିତ ଅତିଥିମାନେ କାର୍ଯ୍ୟକ୍ରମଟିକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ବୁଦ୍ଧିଜୀବୀ ସତ୍ୟଜିତ ମିଶ୍ର ଅତିଥି ପରିଚୟ ଦେବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ତଦଶାର ସମ୍ପାଦକ ତଥା ସମାଜସେବି ଅକ୍ଷୟ କୁମାର ଚକ୍ର ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମହିଳା ବରିଷ୍ଠ ନାଗରିକ ରାଜନୈତିକ ବ୍ୟକ୍ତିବିଶେଷ ଓ ସାଧାରଣ ଜନତାସ୍ତରକୁ ପରିବ୍ୟାପ୍ତ କରାଇପାରିଲେ ତାହା ଫଳପ୍ରଦ ହେବ ବୋଲି ମତ ପ୍ରଦାନ କରିଥିଲେ। ପରେ ପରେ ବୈଧ ମାପ ନିୟନ୍ତ୍ରକ ବିଭାଗର ବରିଷ୍ଠ ନିୟନ୍ତ୍ରକ ହେମଲତା କିସାନ ଖାଉଟି ମାନଙ୍କୁ ଶୋଷଣ କରୁଥିବା ସଂସ୍ଥା ବା ବ୍ୟକ୍ତିବିଶେଷଙ୍କୁ ଦଣ୍ଡବିଧାନର ବିଭିନ୍ନ ଧାରାଗୁଡ଼ିକୁ ବର୍ଣ୍ଣନା କରି ଛାତ୍ରଛାତ୍ରୀମାନେ ସଚେତନ ହୋଇ ଏହି ବାର୍ତ୍ତା ଘର ଓ ସମାଜକୁ ଦେଲେ ଦୁର୍ନୀତିମୁକ୍ତ ଦେଶ ଗଠିତ ହୋଇପାରିବ ବୋଲି ମତ ରଖିଥିଲେ। ପରେ ତାଲିମଦାତା ସଂଯୋଜକ ଶ୍ରୀ ପର୍ଶୁରାମ ଜେନା ବିଭିନ୍ନପ୍ରକାର ପ୍ରଦର୍ଶନୀ ଦେଖାଇ ପିଲାମାନଙ୍କୁ ସଚେତନ କରାଇଥିଲେ।



# ସରକାର ବଦଳିଲା, ହେଲେ ବଦଳିଲା ନାହିଁ କୋଷାଗୁମୁଡ଼ା ବ୍ଲକ୍‌ବାସୀଙ୍କ ଭାଗ୍ୟ

## ଭୁବନେଶ୍ୱର ଓ ବ୍ରହ୍ମପୁର ଯିବାକୁ ନାହିଁ ସରକାରୀ ବସ୍

କୋଷାଗଗୁମୁଡ଼ା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଦଶଗୋଟି ବ୍ଲକ ମଧ୍ୟରେ ସବୁଠାରୁ ବଡ଼ ବ୍ଲକ୍ ହେଉଛି କୋଷାଗୁମୁଡ଼ା ବ୍ଲକ। ଛବିଶ ଗୋଟି ପଞ୍ଚାୟତକୁ ନେଇ ଏହି ବ୍ଲକ୍ ଗଠିତ ହୋଇଥିବା ବେଳେ ଏଠିକାର ଜନସଂଖ୍ୟା ମଧ୍ୟ ଅନ୍ୟ ବ୍ଲକ୍‌ମାନଙ୍କ ଅପେକ୍ଷା ଅଧିକ ରହିଛି। କିନ୍ତୁ ପରିତାପର ବିଷୟ ଏହି ବ୍ଲକ୍‌ବାସୀ କୌଣସି ଜରୁରୀ କାର୍ଯ୍ୟରେ ରାଜ୍ୟର ରାଜଧାନୀ କିମ୍ବା ବ୍ରହ୍ମପୁର ଭଳି ବଡ଼ ସହରକୁ ଯିବା ପାଇଁ ଏହି ବ୍ଲକରୁ ଗୋଟିଏ ବି ସରକାରୀ ବସ ଚଳାଚଳ ହେଉନି। ଅନେକବର୍ଷ ହେବ ବ୍ଲକ୍‌ବାସୀ ନବରଙ୍ଗପୁର, ପାପଡ଼ାହାଣ୍ଡି ଓ କୋଟପାଡ଼କୁ ଯାଇ ବସ ଧରି ଭୁବନେଶ୍ୱର କିମ୍ବା ବ୍ରହ୍ମପୁର ଯାତ୍ରା କରୁଥିବା ଅଭିଯୋଗ ହୋଇଆସୁଛି। ବ୍ଲକ୍ ସଦର ମହକୁମା ଠାରୁ ନବରଙ୍ଗପୁର ୪୫କିଲୋମିଟର ଦୂର ହେଉଥିବା ବେଳେ ପାପଡ଼ାହାଣ୍ଡି ଓ କୋଟପାଡ଼ ଯଥାକ୍ରମେ ୩୨ ଓ ୨୦କିଲୋମିଟର ରହିଛି। ବ୍ଲକ୍ ସଦର ମହକୁମାରୁ କୌଣସି ସରକାରୀ କିମ୍ବା ବେସରକାରୀ ବସ ଚଳାଚଳ ହେଉ ନଥିବାରୁ ବାଧ ହୋଇ ଲୋକଙ୍କୁ



ନବରଙ୍ଗପୁର, ପାପଡ଼ାହାଣ୍ଡି ଓ କୋଟପାଡ଼ ଉପରେ ନିର୍ଭର କରୁଛନ୍ତି। ଏହି ବସ ସୁବିଧା ଯୋଗେଇଦେବା ପାଇଁ ବ୍ଲକ୍‌ବାସୀ ବାରମ୍ବାର ସରକାରଙ୍କୁ ଗୁହାରୀ କରିଥିଲେ ମଧ୍ୟ ଫଳ କିନ୍ତୁ ଶୂନ। ବିଶେଷକରି ବ୍ଲକ୍ କାର୍ଯ୍ୟାଳୟରେ ହେଉଥିବା ପ୍ରତିଟି ଅଭିଯୋଗ ଶୁଣାଣି ଶିବିରରେ ବସ ପାଇଁ ଅଭିଯୋଗ ବାଢୁଥିଲେ ମଧ୍ୟ ସରକାର ଅଣଦେଖା କରିଆସୁଥିବା ବ୍ଲକ୍‌ବାସୀ ଅଭିଯୋଗ କରିଛନ୍ତି। ବ୍ଲକ୍‌ର ଯୁବକ ସଂଘ ଦୁଇ କ୍ଲବ୍, ବିନାୟକ ଯୁଥ କ୍ଲବ ଓ ସହିଦ ଲକ୍ଷ୍ମଣ ନାୟକ କ୍ଲବ ସରକାରଙ୍କୁ ବାରମ୍ବାର ଅଭିଯୋଗ କରୁଛନ୍ତି। ହେଲେ ସରକାର ଉକ୍ତ ବ୍ଲକ୍ ପ୍ରତି ବୈମାତୃକ ମନୋଭାବ ରଖୁଥିବା ଭଳି ପ୍ରତୀତ ହେଉଛି। ଗତକାଲି ଭରତୁଆଲ ମାଧ୍ୟମରେ ସରକାର ନୂତନ ୯ଗୋଟି ମାର୍ଗରେ ୧୩ଟି ବସ ଚଳାଚଳ କରିବା ନେଇ ଘୋଷଣା କରିଛନ୍ତି। ଏଥିରେ ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ଓ କୋରାପୁଟ ଜିଲ୍ଲା କୁନ୍ଦୁରା ଓ କୋଟପାଡ଼କୁ ବି ସାମିଲ କରାଯାଇଛି, ହେଲେ କୋଷାଗୁମୁଡ଼ାର ନା ନାହିଁ। ଯେଉଁଥିପାଇଁ ବ୍ଲକ୍‌ବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଯଦି ଏହି ବ୍ଲକବାସୀଙ୍କ ଦୁଃଖ ନବୁଝନ୍ତି ତେବେ ଆଗାମୀ ଦିନରେ ସମସ୍ତେ ରାଜରାସ୍ତାକୁ ଓହ୍ଲେଇବା ନେଇ ଚେତାବନୀ ଦେଇଛନ୍ତି।

# କାଠ ଚାଲାଣବେଳେ ମାଡ଼ିବସିଲା ବନବିଭାଗ

ଉମରକୋଟ, (ଭାସ୍କର ନ୍ୟୁଜ୍): ଗତକାଲି ନବରଙ୍ଗପୁର ଜିଲ୍ଲା ଉମରକୋଟ ରେଞ୍ଜ ଅଧୀନରେ ଥିବା ସିଂସାରୀ ବିଟ ତଥା ସିଂସାରୀ ସେକ୍ସନର କାର୍ଯ୍ୟରତ ବନବିଭାଗ କର୍ମଚାରୀ କୌଣସି ସୂତ୍ରରୁ ଖବର ପାଇ ଖଡ଼ିଆଗୁଡ଼ା ପ୍ଲାଣ୍ଟେସନରୁ କିଛି ଲୋକ ଆକାଶିଆ ଗଛର ବଡ଼ବଡ଼ ଗଣ୍ଡି ଏକ ଟ୍ରାକ୍ଟରରେ ନେଉଥିବା ବେଳେ ସିଂସାରୀ ଫରେଷ୍ଟର ଲମ୍ବୋଦର ସମରଥଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ଼ ମଳୟ ରଞ୍ଜନ, ନିରବ ସୁନା, ଅମିତ ସାହୁ ଓ ସମସ୍ତ ପାରାଗାର୍ଡ଼ ଏକତ୍ରିତ ହୋଇ ଟ୍ରାକ୍ଟରରେ ଥିବା ଆକାଶିଆ ଗଣ୍ଡି



ସହ ଟ୍ରାକ୍ଟରକୁ ଜବତ କରିବା ସହ ଖଡିଆଗୁଡ଼ା ଗ୍ରାମର ଟ୍ରାକ୍ଟର ଚାଳକ ଗଣେଶ ମାଟିଆ, ପ୍ରେମାନନ୍ଦ ଗଣ୍ଡ, ଅର୍ଜୁନ ମାଟିଆଙ୍କୁ ଉମରକୋଟ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିବା ସୂଚନା ମିଳିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଚଳଗୁମ୍ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ସଭାପତି ମଧୁସୁଦନ ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ମାନ୍ୟବର କ୍ୟାବିନେଟ୍ ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଅଞ୍ଚଳ ଗୁମା ସରପଞ୍ଚ କୁସୁମା ପୂଜାରୀ, ବିଜେପି ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପଟ୍ଟନାୟକ, ବିଦ୍ୟାଳୟ ସମ୍ପାଦକ ବିଶ୍ୱ ରଞ୍ଜନ ସାହୁ, ଶିକ୍ଷା ବିକାଶ ସମିତି ନବରଙ୍ଗପୁର ଜିଲ୍ଲା ପ୍ରମୁଖ ହରେକୃଷ୍ଣ ବିଷୋୟୀ ମଞ୍ଚାସିନ ରହିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନବରଙ୍ଗପୁର ହିଂମାଶୁ ଶେଖର ମିଶ୍ର ମଞ୍ଚାସିନ ରହିଥିଲେ। ପ୍ରଥମେ ବିଦ୍ୟା ଦାୟିନୀ ମାତା ସରସ୍ୱତୀଙ୍କୁ ଧୂପଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଦ୍ୟାଳୟର ସମ୍ପାଦକ ବିଶ୍ୱ ରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପଟ୍ଟନାୟକ ଅତିଥି ପରିଚୟ ରଖିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ଓ ଛାତ୍ରଛାତ୍ରୀ ମାନଙ୍କ ସଫଳତା ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ବାର୍ଷିକ ଉତ୍ସବ ଅବସରରେ କୃତିତ୍ୱ ଅର୍ଜନ କରିଥିବା କୁନିକୁନି ଶିଶୁ ସେମାନଙ୍କ ଦକ୍ଷତା ଓ ଭବିଷ୍ୟତ ଗଠନରେ ସହାୟକ ହେବେ ପାଇଁ ଉପଦେଶ ଦେଇଥିଲେ। ଭରତୀୟ ସଂସ୍କୃତି ଆଧାରିତ ଶିକ୍ଷା ପ୍ରଣାଳୀ କିପରି ଛାତ୍ରଛାତ୍ରୀମାନଙ୍କୁ ସଂସ୍କାରିତ କରିବା ଦିଗରେ ସରସ୍ୱତୀ ଶିଶୁ ମନ୍ଦିର ମୁଖ୍ୟ ଭୂମିକା ନେଇଛି। ଏହି ଅନୁଷ୍ଠାନର ଶିକ୍ଷାପଦ୍ଧତି ଓ ଗୁରୁଜୀଗୁରୁମା'ଙ୍କ ଆପ୍ରାଣ ଉଦ୍ୟମ ବଳରେ ଭାରତର ସର୍ବବୃହତ୍ ଶିକ୍ଷା ଅନୁଷ୍ଠାନ ହୋଇପାରିଛି ବୋଲି ସମ୍ମାନୀତ ଅତିଥିମାନେ ଓ ମୁଖ୍ୟବକ୍ତା ତାଙ୍କର ବକ୍ତବ୍ୟ ରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକୁ ସମୀର ପଟ୍ଟନାୟକ, ଦେବାଶିଷ ବିଷୋୟୀ, ସ୍ୱୟଂଶ୍ରୀ ସାହୁ, ଅର୍ପିତା ସ୍ୱାଇଁ, ସୁଚରିତା ପଟ୍ଟନାୟକ, ଆଦିତ୍ୟ ନାରାୟଣ ସାହା ଓ ଶ୍ରୀତମ ବିଷୋୟୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବନମାଳୀ ହରିଜନ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର କୋଷାଧ୍ୟକ୍ଷ କିଶୋର ନାୟକ ଅତିଥିମାନଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା, ପରିଚାଳନା ସମିତିର ସମସ୍ତ ସଦସ୍ୟ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପୂର୍ଣ୍ଣ ସହଯୋଗ କରି ଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

କନ୍ଧମାଳ (ଭାସ୍କର ନ୍ୟୁଜ୍): ସଚେତନତା ଅଭାବ ଓ ପୋଲିସର ଟ୍ରାଫିକ ନିୟନ୍ତ୍ରଣ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାରି ଫଳରେ ପ୍ରତିଦିନ ସଡ଼କ ଦୁର୍ଘଟଣା ବୃଦ୍ଧିପାଉଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ଟେଲାପାଲି ଗ୍ରାମରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ କ୍ଷତିପୂରଣ ଦାବିରେ ପରିବାର ଏବଂ ଗ୍ରାମବାସୀ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ଶହଶହ ଯାତ୍ରୀମାନଙ୍କର ଯାତାୟତରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଯାହା ସୂଚନା ରହିଛି ଶନିବାର ରାତ୍ରରେ ଏକ ବାଇକ ରେ ଦୁଇଜଣ ଆରୋହୀ ଫୁଲବାଣୀ ପଟରୁ ଦ୍ରୁତ ଗତିରେ ଆସି ଟେଲାପାଲି ସ୍କୁଲ ସାମ୍ନାରେ ରାସ୍ତାରୁ ତିନି ଫୁଟ ଦୂରତାରେ ବାମପାର୍ଶ୍ୱରେ ଟେଲାପାଲି ଗ୍ରାମର ଗୋପାଳ ରଣାଙ୍କୁ ଧକ୍କା ଦେଇଥିଲେ। ଫଳରେ ରାସ୍ତାରେ ଫିଙ୍ଗିହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ଜରିଆରେ ଗୋପାଳଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ସମ୍ବନ୍ଧରେ ଖବର ପାଇ ରବିବାର ସକାଳେ ପରିବାର ସମେତ ସମସ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରି ମୃତ ଗୋପାଳଙ୍କର କ୍ଷତିପୂରଣ ବାବଦରେ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ଘଟଣା ସ୍ଥଳରେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପିନାଥ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧରୁ ଗ୍ରାମବାସୀ ହଟିଥିଲେ।

# ଆଳି ରାଜମାତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ

ଆଳି, (ଭାସ୍କର ନ୍ୟୁଜ୍): ସ୍ଥାନିୟ ଗିରିବନ୍ଧ ପଡ଼ିଆରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଧାୟିକା ରାଜମାତା ସୁଶ୍ରୀଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଓ ଜଗଦାନନ୍ଦ ବଳଙ୍କ ସଞ୍ଚାଳନରେ ଆୟୋଜିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧ୍ରୁବ ସାହୁ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଓ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗଦେଇ ରାଜମାତା ସୁଶ୍ରୀଦେବୀଙ୍କ ଜୀବନ ଦର୍ଶନ ଉପରେ ମତବ୍ୟକ୍ତ କରିଥିଲେ। ଶ୍ରାଦ୍ଧବାର୍ଷିକ ଅବସରରେ ସୁଶ୍ରୀଦେବୀ ମହିଳା କଲେଜରେ ସୁଶ୍ରୀଦେବୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯିବା ସହିତ ସ୍ମରଣିକା 'ରାଜମାତା ସୁଶ୍ରୀଦେବୀ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜମାତା ସୁଶ୍ରୀ ଦେବୀଙ୍କ ବଡ଼ପୁଅ ବ୍ରଜକେଶରୀ ଦେବଙ୍କ ସମେତ ଆଳି ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତରୁ ସୁଶ୍ରୀଦେବୀଙ୍କ ଅନୁଗାମୀ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସାନପୁଅ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ଯୋଜନା ବୋର୍ଡ଼ ସଦସ୍ୟ ଭୀଷ୍ମ ମହାନ୍ତି, ସୁବ୍ରତ ଦାସ ମନୋଜ ମହାନ୍ତି, ନିରଞ୍ଜନ ସେନାପତି ପ୍ରମୁଖ ଉକ୍ତ ସଭାକୁ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ପ୍ରଦାନ କଲେ ଜିଲ୍ଲାପାଳ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଦିବ୍ୟାଙ୍ଗମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ବର୍ତ୍ତମାନ ଦିବ୍ୟାଙ୍ଗ ଆତ୍ମନିର୍ଭରଶୀଳ ନୀତି ଅନୁଯାୟୀ ଜିଲ୍ଲାର ୭ ଜଣ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ପ୍ରଦାନ କରାଯାଇଛି। ଇ-ରିକ୍ସା ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନ, ଡିଏସ୍‌ଏସଓ ନିର୍ମଳ ଧାରୁଆ, ବିଏସ୍‌ଏସଓ ରାଜୀବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡାର ରାମଚନ୍ଦ୍ର ଖିଲ ଓ



ବଡ଼ପଡ଼ା ପଞ୍ଚାୟତ ଅର୍ଣ୍ଣାଭଟ୍ଟା ଗ୍ରାମର ଘାସିରାମ ପାଙ୍ଗି, ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ପଞ୍ଚାୟତ ପୂଜାରୀଗୁଡ଼ା ଗ୍ରାମର ଦୈତାରି ହନ୍ତାଳ, ମାଥିଲି ବ୍ଲକ ଦଳପତିଗୁଡ଼ା ପଞ୍ଚାୟତ ଡାଇଗୁଡ଼ା ଗ୍ରାମର ଦୁର୍ଗା ପ୍ରସାଦ ମାଝି, କୋରୁକୋଣ୍ଡା ବ୍ଲକ କାମୱାଡ଼ା ଗ୍ରାମର ପଦିଆ ପଡ଼ିଆମୀ ଏବଂ କାଲିମେଳା ବ୍ଲକର ମାନ୍ୟମକୋଣ୍ଡା ପଞ୍ଚାୟତ ତାମଗୁଡ଼ା ଗ୍ରାମର ପଡ଼ିଆମୀ କାନାଙ୍କୁ ଇ-ରିକ୍ସା ପ୍ରଦାନ କରାଯାଇଥିଲା। ଏମାନେ ନିଜ ଅଞ୍ଚଳରେ ଗ୍ରାହକମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ନେଇ ବେଶ ଦି'ପଇସା ରୋଜଗାର କରିପାରିବେ ବୋଲି କୁହାଯାଇଛି।

# ମାଘ ମଣ୍ଡେଇ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ରବିବାର ଦିନ ପ୍ରତଃ ୧୦ ଘଣ୍ଟିକା ସମୟରେ ଗ୍ରାମ ଅଗ୍ର ପୂଜ୍ୟ ଆରାଧ୍ୟ ରାଜା ଚାଉଁରୀଆ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ମାଘ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମବାସୀ, ବିଭାଗୀୟ



ଅଧିକାରୀମାନେ, ଗ୍ରାମର ବରିଷ୍ଠ ନାଗରିକମାନେ ଓ ବୁଦ୍ଧିଜୀବୀ ଗ୍ରାମର ସମସ୍ତ ମନ୍ଦିର, ଗୁଡ଼ିମାନଙ୍କର ପୂଜାରୀ, ଶିରା, ଗାଁ'ର ଗଣ୍ଡା, ଗ୍ରାମ୍ୟ କମିଟିମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଫେବୃଆରୀ ମାସର ୧୪ ତାରିଖ ଦିନ ମାଘ ମଣ୍ଡାଇ ଯାତ୍ରା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବର୍ତ୍ତମାନର ସରପଞ୍ଚ ଡାଳିମ୍ବ ମାଝୀଙ୍କୁ ସଭାପତି, ଉପ-ସଭାପତି ପୂର୍ବତନ ସରପଞ୍ଚ ନେତୁ ପୂଜାରୀ, କୋଷାଧ୍ୟକ୍ଷ ମୋହିତ ଜୈନ, ସମ୍ପାଦକ ମଧୁସୂଦନ ଭତ୍ରା ଭାବେ ମନୋନୀତ କରାଗଲା। ମାଁ ଭଣ୍ଡାରଘରଣୀ, ବାବା ଭୈରବ, ବୀର୍ ଚାଉଁରିଆଙ୍କ ପୂଜା ରୀତିନୀତି ଆଖପାଖ ଅଞ୍ଚଳର **ଲାଠିକୁ ରଚିର** ଯଥାବିଧିରେ ପୂଜା ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳିତ ହେଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା ଓ ଯାତ୍ରା ନିମନ୍ତେ ମୀନାବଜାର, ନଗର ସାଜସଜ୍ଜା, ପାରମ୍ପରିକ ନାଟକ ନିଷ୍ପତ୍ତି ନିଆଯାଇଛି।

# ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହେଲେ ଚାଷୀ ତଥା କଳାକାର ଗୋଲାପ ବିଶି



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁ'ର କ୍ଷୁଦ୍ର ଶସ୍ୟଚାଷୀ ତଥା ମଞ୍ଚ କଳାକାର ଗୋଲାପ ବିଶିଙ୍କୁ ରାଜ୍ୟସ୍ତରୀୟ ଆଦିବାସୀ ମେଳାରେ ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ଆଦିବାସୀ ମେଳାରେ ରାଜ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ତରଫରୁ ଗୋଲାପ ବିଶିଙ୍କୁ ମାନପତ୍ର, ଉପଢୌକନ ଓ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ୍ କରି ଆଦିବାସୀ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନୁସୂଚୀତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିବା ଜଣାଯାଇଛି। ବିଶି ନିଜ ଗାଁ'କୁ ଫେରିଲା ପରେ ଗାଁ'ରେ ତାଙ୍କୁ ମହା ଆଡ଼ମ୍ବରରେ ସ୍ୱାଗତ କରାଯାଇଥିଲା।

# ସ୍ୱର୍ଗତ ଇଲା ପଣ୍ଡାଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀ ପାଳିତ

ବରଗଡ଼ (ଭାସ୍କର ନ୍ୟୁଜ୍): ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାଂଶୁ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବିଶାଖା ଦାଶ ହାଇସ୍କୁଲ କଟାପାଲି (ବରପାଲି)ଠାରେ ବିଶିଷ୍ଟ ଶିଳ୍ପପତି, ସମାଜସେବୀ ତଥା ପୂର୍ବତନ ରାଜ୍ୟସଭା ସଂସଦ ଇଲା ପଣ୍ଡାଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀ ମହା ସମାରୋହରେ ପାଳିତ ହୋଇଯାଇଅଛି। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ହାଇସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସ୍କୁଲର ସହକାରୀ ଶିକ୍ଷକ ବିଶ୍ୱଜିତ ବିଶ୍ୱାଳ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଲିପି ଭୁଏ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଅଶୋକ ଭୋଇଙ୍କ ସଭାର ଉଦ୍ଦେଶ୍ୟ ଜ୍ଞାପନ ପରେ ସ୍କୁଲ କମିଟିର ସଭାପତି ଗଣେଶ



ଭୋଇ ତାଙ୍କ ଅଭିଭାଷଣରେ ପିଲା ମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ରୂପେ ଘେସ କଲେଜର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ଉଦ୍ଧବ ପାତ୍ର ଓ ମୁଖ୍ୟବକ୍ତା ଭାବେ କଟାପାଲି ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବିଭୁଦତ୍ତ ପ୍ରଧାନ ଯୋଗଦେଇ ଇଲା ପଣ୍ଡାଙ୍କ ସ୍ମୃତିଚାରଣ କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଡ. ପାତ୍ର ସାମାଜିକ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିଭେଇଥିବା ଅନେକ ମହିୟସୀ ନାରୀଙ୍କ ଦୃଷ୍ଟାନ୍ତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ତରଣୀସେନ ବୁଧିଆ, ଅବସର ପ୍ରାପ୍ତ ଇଂରାଜୀ ଶିକ୍ଷକ ଓ ପ୍ରଦୀପ ପଣ୍ଡା ଅବସର ପ୍ରାପ୍ତ ଅବକାରୀ ବିଭାଗର ଡେପୁଟି ସୁପର ଇନଟେଣ୍ଡେଣ୍ଟ ଇଲା ପଣ୍ଡାଙ୍କୁ ସ୍ମୃତି ନୈବେଦ୍ୟ ଅର୍ପଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ କଟାପାଲି ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ଭୋଇ ଏବଂ କବି ରୋହିତ ଦାଶ। ଦାଶ ଏକ କବିତା ମାଧ୍ୟମରେ ପିଲାଙ୍କୁ ଭଲ ମଣିଷ ହେବା ପାଇଁ ଉଦ୍‌ବୋଧନ ଦେଇ କହିଥିଲେ, ବଡ଼ ମଣିଷ ହେବା ପାଇଁ ପ୍ରଥମେ ଭଲ ମଣିଷ ହେବା ଆବଶ୍ୟକ। ସୁଧାଂଶୁ ତ୍ରିପାଠୀ ତାଙ୍କ ଦୀର୍ଘ ବକ୍ତବ୍ୟରେ ଇଲା ପଣ୍ଡାଙ୍କ ସ୍ମୃତିଚାରଣ କରି ସ୍କୁଲ ଓ ସମାଜ ପ୍ରତି ଇଲାପଣ୍ଡାଙ୍କ ମହାନ ଅବଦାନ ସମ୍ପର୍କରେ ଅବଗତ କରେଇଥିଲେ। କଟାପାଲି ଗ୍ରାମପଞ୍ଚାୟତର ସରପଞ୍ଚ ଗଙ୍ଗାଧର ଦାଶ ପିଲାମାନଙ୍କୁ ଭଲ ପାଠ ପଢ଼ି ଇଲା ପଣ୍ଡାଙ୍କ ପରି ବଡ଼ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସଭାକୁ ସଂଯୋଜନା କରିଥିଲେ ସହକାରୀ ଶିକ୍ଷକ ଧୀରେନ୍ଦ୍ର ବିଶ୍ୱାଳ। ଜୟନ୍ତ ସା'ଙ୍କ ଧନ୍ୟବାଦ ଅର୍ପଣ ପରେ ସଭା ସମାପ୍ତ ହେଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ଅଞ୍ଚଳରୁ ଶହ ଶହ ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ, ବୁଦ୍ଧିଜୀବୀ ତଥା ଅନେକ ବିଜ୍ଞ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

### ।।।।।। ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ।।।।।

# 'ଅନ୍ତର୍ନିହିତ ଗୁଣକୁ ଆବିଷ୍କାର କରିବାକୁ ଆହ୍ୱାନ'

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଦ୍ୱିତୀୟ ପୁରସ୍କାର ବିତରଣି ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ପାଟଣାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୁଝାରୀ, ମୁଖ୍ୟ ବକ୍ତା ରୂପେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ, ସମ୍ମାନୀତ ଅତିଥି ରୂପେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଅତିଥିମାନେ ଛାତ୍ରଛାତ୍ରୀମାନେ ନିଜଭିତରେ ଥିବା ଅନ୍ତର୍ନିହିତ





ଗୁଣକୁ ଆବିଷ୍କାର କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଅଞ୍ଚଳର ଭାଷା, ସଂସ୍କୃତି, ପରମ୍ପରାକୁ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ଜ୍ୟୋତିର୍ମୟୀ ସେଲେମା, ତମନ୍ନା ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ନବୀନ ବେହେରା, ଗଣେଶ୍ୱର ବେହେରା, ବୃନ୍ଦାବନ ବାରିକ, ଗୋବିନ୍ଦ ବାରିକ, ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ, ସୁନନ୍ଦା ଭୋଇ, ମଧୁସ୍ମିତା ସାହୁ, ଜୟରାମ ଭୋଇ, ସୁଷମା ବାରିକ, ଗୁଣ ସାହୁ , ନନ୍ଦକିଶୋର ବାଗ ପ୍ରମୁଖ କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଅଧ୍ୟାପକ ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବିଳମ୍ବିତ ରାତିରେ ଅବକାରୀ ଚଢ଼ାଉ

# ୧୪୦ ପେଟି ନକଲି ମଦ, ଷ୍ଟିକର ଜବତ

ଗୁଣୁପୁର (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ହେଲା ରାୟଗଡ଼ା ଜିଲ୍ଲା ଗୁଣୁପୁର, ଗୁମୁଡ଼ା, ରାମନାଗୁଡ଼ାର ବିଭିନ୍ନ ସ୍ଥାନରେ ଥିବା ବିଦେଶି ମଦ ଦୋକାନଗୁଡ଼ିକରେ ନକଲି ମଦ ବିକ୍ରି କରିବା ନେଇ ଅଭିଯୋଗ ହୋଇଆସୁଛି। ବିଳମ୍ବିତ ରାତ୍ରିରେ ଅବକାରି ଗୁଇନ୍ଦା ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଏକ ଲାଇସେନସ୍ ପ୍ରାପ୍ତ ଗୁମୁଡ଼ା ଠିପି ବନ୍ଦ ବିଦେଶି ମଦ ଦୋକାନରେ ଅଚାନକ ଚଢ଼ାଉ କରିଥିଲା। ସେଥିରେ ଦୋକାନର ପଛପଟ ଥିବା ଏକ ଗୋଦାମରେ ବିପୁଳ ପରିମାଣର ବଟଲ, ଷ୍ଟିକର, ମଦବଟଲ ଭିତରେ ରହିଥିଲା ନକଲି ମଦ ଲିକୁଇଡ୍ ସାମଗ୍ରି। ଗୁଇନ୍ଦା ବିଭାଗ ଜାଣିବା ପରେ ଏନେଇ ଅବକାରି ବିଭାଗ ସୁପରିଟେଣ୍ଡେଣ୍ଟଙ୍କୁ ଜଣାଯାଇଥିବା କହିଛନ୍ତି ଗୁଇନ୍ଦା ବିଭାଗ। ଗୁଣୁପୁର ଅବକାରି ବିଭାଗ ଅଧିକାରି ବିଦେଶି ମଦ ଦୋକାନରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଗୋଦାମରେ ୧୪୦ ପେଟି ବଟଲରେ ଭର୍ତ୍ତି ଥିବା ମଦରେ ମିଶ୍ରିତ ହେବାକୁ ଥିବା ନକଲି ଲିକୁଇଡ୍, ଷ୍ଟିକର ସବୁକିଛିକୁ ଜବତ କରିଛି ଅବକାରି ବିଭାଗ। ଏହି ବିଷାକ୍ତ ଲିକ୍ୟୁଇଡ଼ିକୁ ନାମିଦାମି ବଟଲରେ ଭର୍ତ୍ତି କରି ଲୋକଙ୍କୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସମସ୍ତ ମଦ ପେଟିକୁ ଜବତ କରି ଅବକାରି ବିଭାଗ ନେଇ ଆସିବା ସହ ବିଦେଶି ମଦଦୋକାନର କିଛି କର୍ମଚାରୀଙ୍କୁ ଉଠାଇଆଣିଛି। ଏହି ଘଟଣା ପଦାକୁ ଆସିବା ପରେ ସ୍ଥାନୀୟ ଲୋକେ ଅବକାରି ବିଭାଗ ଦୋକାନକୁ ସିଲ୍ କରିବାର ଆବଶ୍ୟକତା ଥିବା କଥା



କହିଥିବା ବେଳେ ଏହି ମଦ ପିଇ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକ ଅବକାରି ବିଭାଗର ନଜରକୁ ଆଣିଛନ୍ତି। କିଛିଦିନ ତଳେ ରାମନାଗୁଡ଼ା ଅଞ୍ଚଳରେ ଏଭଳି ମଦ କାରବାରକୁ ନେଇ ଅବକାରି ବିଭାଗ ଓ ପୋଲିସ ଜାଣିପାରିଥିଲା। ଧର୍ମକୁ ଆଖିଠାର ଭଳି ଗୋଟିଏ ବାଇକ୍ ସହ କିଛି ମଦ ବଟଲକୁ ଜବତ କରି ଜଣକୁ ଗିରଫ କରିଦେଇ ହାତ ଝାଡ଼ିଦେଇଥିଲେ। ଏହି ନକଲି ମଦ କାରବାରରେ କାହାର ସମ୍ପୃକ୍ତି, କଉଠୁ ଆସୁଛି ଏହି ମଦବଟଲ, ଲିକ୍ୟୁଡ଼ି, ଷ୍ଟିକର, କିଙ୍ଗପିନ କିଏ ରହିଛି ? ତାକୁ ଅବକାରି ଧରିପାରିବ କି ବୋଲି ଦୀର୍ଘ ସମୟ ଧରି ଗୁମୁଡ଼ା ଠାରେ ଜନସାଧାରଣ ମାନେ ଅବକାରି ବିଭାଗକୁ ପ୍ରଶ୍ନ କରି ନାକେଦମ କରିଥିଲେ। ଅବକାରି ବିଭାଗ ଆଗକୁ କ'ଣ ପଦକ୍ଷେପ ନେଉଛି ସମସ୍ତଙ୍କ ନଜର ରହିଛି।



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସର ମଧ୍ୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ୟୁନିଟ୍ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଅବସରରେ ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ସଭାପତିତ୍ୱ କରି ଯୁବ ମାନେ ହିଁ ଦେଶ ଗଠନ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରି ପାରିବେ ବୋଲି ପ୍ରକାଶ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା କୁମାର ଚୌଧୁରୀ ଯୋଗ ଦେଇ ଯୁବ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ଯୁବ ସମାଜକୁ ସଚେତନ କରାଇ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ସମର୍ପିତ ହେବାକୁ ପ୍ରବର୍ତ୍ତାଇ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୁକ୍ତଦୁଇ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଯଶୋବନ୍ତ ଗରଡା, ଯୁକ୍ତ ତିନି ଯୁବ ରେଡକ୍ରସ ଅଧିକାରୀ ସନ୍ତୋଷିନୀ ଦାସ, ଅଧ୍ୟାପିକା ମହିମା ରାଣୀ ରାଜୁ, ଜୟଶ୍ରୀ କରସୁଧା ପଟ୍ଟନାୟକ,ଅଙ୍କିତା ୱାଡେକା, ଅଧ୍ୟାପକ ପବିତ୍ର ମଣ୍ଡଳ, ବବଲୁ ବେନିଆ, ଆସିଷ୍ଟାଣ୍ଡ ଲାଇବ୍ରେରୀଆନ ଏବଂ ସମସ୍ତ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରବାସୀ ଭାରତୀୟ ଦିବସ ପାଳନ ପରିପେକ୍ଷୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବ।



### ଓଡ଼ିଶାରୁ ପ୍ରୟାଗରାଜକୁ ଗଡ଼ିଲା ବସ୍

# ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ୪ ସହରରୁ ପ୍ରୟାଗରାଜକୁ ଗଡିଲା ସ୍ପେଶାଲ୍ ବସ୍। କୁମ୍ଭମେଳା ଦେଖି ଯିବାକୁ ସ୍ୱତନ୍ତ୍ର ବସ୍ ସେବା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ବସ୍ ପୁରୀ, ଭବାନୀପାଟଣା, ସମ୍ବଲପୁର ଏବଂ ବ୍ରହ୍ମପୁରରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ପ୍ରତ୍ୟେକ ମାର୍ଗ ପାଇଁ ଗୋଟିଏ ଲେଖାଏଁ ବସ୍ ରହିଛି। ବସ୍ ଟିକେଟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିଛି। ସୋମବାର ଠୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହେବ ମହାକୁମ୍ଭ ମେଳା। ଏହି ମେଳାରେ କୋଟି କୋଟି ଶ୍ରଦ୍ଧାଳୁ ଯୋଗଦେଇ ଗଙ୍ଗାରେ ବୁଡ଼ ପକାଇବେ। ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ଏଥିରେ ସାମିଲ୍ ହେବା ପାଇଁ ଓଡ଼ିଶାରୁ ପ୍ରୟାଗରାଜକୁ ଗଡ଼ିଛି ସ୍ୱତନ୍ତ୍ର ବସ୍। ସେପଟେ ସ୍ୱତନ୍ତ୍ର ବସ୍ ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିକ୍ରିୟାରେ କହିଛନ୍ତି ପ୍ରଥମଥର ପାଇଁ ଓଡିଶାରୁ ପ୍ରୟାଗରାଜକୁ ବସ୍ ସେବା ଆରମ୍ଭ ହୋଇଛି। ଅଯୋଧ୍ୟା, ବାରାଣସୀ ସହ ପ୍ରୟାଗରାଜକୁ ହଜାର ହଜାର ଶ୍ରଦ୍ଧାଳୁ ଯିବେ ଏବଂ ସବୁ ପ୍ରକାର ସୁବିଧା ପାଇପାରିବେ। ଆଗକୁ ଲୋକଙ୍କ ଚାହିଦା ଦେଖି ବସ୍ ବ୍ୟବସ୍ଥା ବୃଦ୍ଧି କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

### ପ୍ରୟାଗରାଜରେ ମହାକୁମ୍ଭ ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ସାଧୁସନ୍ଥଙ୍କ ଗହଳି, ସୁରକ୍ଷା କଡ଼ାକଡ଼ି



ଲକ୍ଷ୍ନୌ : ସୋମବାରଠାରୁ ଉତ୍ତରପ୍ରଦେଶର ସଙ୍ଗମନଗରୀ କୁହାଯାଉଥିବା ପ୍ରୟାଗରାଜରେ ଆରମ୍ଭ ହେବାକୁ ଯାଉଛି ମହାକୁମ୍ଭ ମେଳା। ଏହା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି କୁମ୍ଭମେଳାରେ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସମେତ ପାଖାପାଖି ୪୦ରୁ ୪୫ କୋଟି ପର୍ଯ୍ୟଟକ ଯୋଗ ଦେବେ । ଏହି ଧାର୍ମିକ ଉତ୍ସବକୁ ଅନେକ ଭିଭିଆଇପି, ଭିଆଇପି ଏବଂ କୋଟିପତି ମଧ୍ୟ ଯୋଗଦେବେ ବୋଲି ଆଶା କରାଯାଉଛି। ପ୍ରତି ୧୨ ବର୍ଷରେ ପାଳନ କରାଯାଉଥିବା ଏହି ଭବ୍ୟ ଉତ୍ସବରେ ବିଶ୍ୱର ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେବେ ଚଳିତବର୍ଷର କୁମ୍ଭମେଳା ୧୪୪ ବର୍ଷ ପରେ ପଡ଼ିବା ତଥା ଏହି ଅନନ୍ୟ ଓ ଏଥିରେ ଦିବ୍ୟ ତିଥି ପଡୁଥିବାରୁ ଏହାର ମହାତ୍ମ୍ୟ ବୃଦ୍ଧି ପାଇଛି। ଶ୍ରଦ୍ଧାଳୁଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବାପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ଦେଶର ସମସ୍ତ ପ୍ରମୁଖ ଆଖଡାରୁ ସାଧୁସନ୍ଥମାନେ ପହଞ୍ଚୁଥିବା ସୂଚନା ମିଳିଛି। ପୌଷ ପୂର୍ଣ୍ଣିମା ଓ ମକର ସଂକ୍ରାନ୍ତି ଦୁଇଦିନ ଧରି ସାହିସ୍ନାନ କରାଯିବ। ପ୍ରଥମେ ସାଧୁ ଓ ମଠ ମହନ୍ତମାନେ ସ୍ନାନ କରିବା ପରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ। ତା'ସହ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଯେପରି ସୁରୁଖୁରୁରେ ବୁଡ଼ ପକାଇବେ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ମେଳାପାଇଁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଏଆଇ ପରି ଆଧୁନିକ ପ୍ରଯୁକ୍ତିର ବ୍ୟବହାର ହେଉଛି। ଡିଜିଟାଲ ସେଣ୍ଟର, ସିସିଟିଭି, ଏଲଇଡି ଡିସ୍‌ପ୍ଲେ ସମେତ ଏଆଇ ଚାଳିତ ଡାଟା ଆନାଲିଟିଷ୍ଟ ସଲ୍ୟୁସନ ସିଷ୍ଟମ ସମେତ ସମସ୍ତ ବୈଷୟିକ ବ୍ୟବସ୍ଥା କରାଯାଇଛି।

### ଏନ୍‌କାଉଣ୍ଟରରେ ଟଳିଲେ ୫ ନକ୍ସଲ

ରାୟପୁର : ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୫ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ସକାଳେ ବିଜାପୁର ଜିଲ୍ଲାର ଭୋପାଳପାଟନମ୍‌ର ମ୍ୟାଡେଡ୍ ଅଞ୍ଚଳରେ ଥିବା କୋରାନ୍‌ଜେଡ୍ ବାନ୍ଦେପାରା ଜଙ୍ଗଲରେ ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଜଣେ ଅଧିକାରୀ କହିଛନ୍ତି ଯେ ଏହି ଗୁଳି ବିନିମୟ ସେତେବେଳେ ଆରମ୍ଭ ହୋଇଥିଲା, ଯେତେବେଳେ ପୋଲିସ ଓ ସୁରକ୍ଷା କର୍ମୀଙ୍କ ଏକ ମିଳିତ ଟିମ୍ ନକ୍ସଲ ବିରୋଧୀ ଅପରେସନରେ ବାହାରିଥିଲେ। ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ଦେଖିବା ପରେ ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ତୁରନ୍ତ ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ଏହାପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ। ଏବେ ବି ସଂପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି। ସୂଚନାଯୋଗ୍ୟ ଯେ ଗତ ମଙ୍ଗଳବାର ବିଜାପୁରରେ ନକ୍ସଲମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣରେ ୯ଜଣ ଯବାନ ସହିଦ ହୋଇଥିଲେ। ଏହାପରେ ନକ୍ସଲବିରୋଧୀ ଅଭିଯାନକୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ତୀବ୍ରତର କରାଯାଇଥିଲା। ନିହତ ହୋଇଥିବା ନକ୍ସଲମାନେ କ୍ୟାଡରର ବୋଲି ସୂଚନା ଦିଆଯାଇଛି।

### ଲିଭୁନି ନିଆଁ, କମୁନି ଧୂଆଁ

# ଚାଲିଗଲାଣି ୧୬ ଜୀବନ



ନୂଆଦିଲ୍ଲୀ: ଲସ୍‌ଏଞ୍ଜେଲ୍ସରେ ଲାଗିଥିବା ନିଆଁ ବିକଟାଳ ରୂପ ଧାରଣ କରୁଛି। ଏହା ଜନବସତି ଆଡକୁ ମାଡ଼ି ମାଡ଼ି ଚାଲିଛି। ବର୍ତ୍ତମାନ ସୁଦ୍ଧା ଏହି ନିଆଁରେ ଚାଲିଗଲାଣି ୧୬ ଜୀବନ। ପୋଡ଼ି ପାଉଁଶ ହୋଇଗଲାଣି ୧୨ ହଜାରରୁ ଅଧିକ ଘର। ନିଆଁ ଲିଭାଇବା ପାଇଁ ଯଦିଓ ଅଗ୍ନିଶମବାହିନୀ ଝାଳବୁହା ପରିଶ୍ରମ କରୁଛି, ତେବେ ପ୍ରବଳ ପବନ ଯୋଗୁ ଏହା ଲିଭିବା ପରିବର୍ତ୍ତେ ମାଡ଼ିମାଡ଼ି ଚାଲିଛି। ସ୍ଥାନୀୟ ପାଣିପାଗ ବିଭାଗ ସୂଚନା ଦେଇଛି ଯେ ସୋମବାର ଅଧିକ ପବନ ବୋହିବାର ସମ୍ଭାବନା ଥିବାରୁ ନିଆଁର ପ୍ରକୋପ ବୃଦ୍ଧି ପାଇବ। ଲସ୍‌ଏଞ୍ଜେଲ୍ସ କାଉଣ୍ଟିର ୪ଟି ଅଞ୍ଚଳରେ ଏହି ନିଆଁ ତାଣ୍ଡବ ରଚୁଥିବାବେଳେ ଏଥିରେ ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଛି ସ୍ପେଶିଫିକ୍ ପେଲିସେଡ୍‌ସ ଅଞ୍ଚଳ। ଏଠାରେ ହଜାରେ ଏକର ପର୍ଯ୍ୟନ୍ତ ନିଆଁ ବ୍ୟାପି ଯାଇଛି। ହଜାର ହଜାର ଘର ମଧ୍ୟ ଜଳିଯାଇଛି। ଫଳରେ ଲୋକେ ବାଧ୍ୟହୋଇ ଘରଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୧ ଲକ୍ଷରୁ ଅଧିକ ବାସିନ୍ଦା ଘର ଛାଡ଼ି ଦେଇଛନ୍ତି। ସେହିପରି ଏହି ନିଆଁରେ ହଲିଉଡ୍ ଷ୍ଟାରଙ୍କର ବ୍ୟାପକ କ୍ଷତି ଘଟିଛି। ସେମାନଙ୍କର ଦାମୀ ଘରଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଫଳରେ ୧୩ଜଣ ନିଖୋଜ ରହିଛନ୍ତି। ସେମାନଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୭ ତାରିଖରେ କାଲିଫର୍ଣ୍ଣିଆ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲିଭାଇବା ପାଇଁ ଆକାଶମାର୍ଗରୁ ପାଣି ସିଞ୍ଚନର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଆୟତ୍ତ ହେଉନାହିଁ ।

### ନକ୍ସଲ ଡମ୍ପରୁ ବନ୍ଧୁକ, ଗୁଳି ଜବତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମୋଟୁଥାନା ଅନ୍ତର୍ଗତ ଜିନେଲଗୁଡ଼ାରେ ପୋଲିସ ଏକ ନକ୍ସଲ ଡମ୍ପ ଠାବ କରିଛି। ସେଠାରୁ ଗୋଟିଏ ଅତ୍ୟାଧୁନିକ ଏସଏଲଆର ବନ୍ଧୁକ, ଗୁଳି ଓ ମାଓବାଦୀଙ୍କ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଜିନେଲଗୁଡ଼ାରେ ଏକ ମାଓ ଡମ୍ପ ଥିବା ନେଇ ମାଲକାନଗିରି ଏସ୍‌ପି ଖବର ପାଇବା ପରେ ତାଙ୍କ ନେତୃତ୍ୱରେ ଡିଭିଏଫ ଟିମ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସେହି ସମୟରେ ଏହି ନକ୍ସଲ ଡମ୍ପଟି ଠାବ କରାଯାଇଥିଲା। ପୋଲିସ ମାଟିଖୋଳି ତଳୁ ବନ୍ଧୁକ, ଗୁଳି, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ମାଲକାନଗିରି ଏସ୍‌ପି କହିଛନ୍ତି ଯେ ଏହା ପୋଲିସ ପାଇଁ ଏକ ବଡ଼ ସଫଳତା। ଆଗକୁ ଏହି ପ୍ରୟାସ ଜାରି ରହିବ।

### ସ୍ପେଶ ଡକିଂ କ୍ଷେତ୍ରରେ ଇତିହାସ ରଚିବ ଇସ୍ରୋ

# ୩ ମିଟର ଟ୍ରାଏଲ ସଫଳ



ନୂଆଦିଲ୍ଲୀ : ସ୍ପେଶ ଡକିଂ କ୍ଷେତ୍ରରେ ଇସ୍ରୋକୁ ଆଉ ଏକ ସଫଳତା ମିଳିବ। ସ୍ପେଶ୍ ଡକିଂ ପରୀକ୍ଷଣ ଅଧୀନରେ ଦୁଇଟି ଉପଗ୍ରହ ୧୫ ମିଟରରୁ ଆଗକୁ ବଢିଥିବା ସୂଚନା ଦିଆଯାଇଛି। ଏହି ଦୁଇ ଉପଗ୍ରହକୁ ୩ ମିଟର ଉପରକୁ ଆଣିବା ପରୀକ୍ଷଣ ମଧ୍ୟ ସଫଳ ହୋଇଛି। ଉଭୟ ମହାକାଶ ଯାନ ଭଲଭାବେ କାର୍ଯ୍ୟ କରୁଥିବା ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଏହି ମହାକାଶ ଯାନକୁ ଏକ ସୁରକ୍ଷିତ ଦୂରତାକୁ ନିଆଯାଇଛି। ଏହି ପରୀକ୍ଷଣ ପ୍ରୟାସରୁ ତଥ୍ୟର ଅଧିକ ବିଶ୍ଳେଷଣ ପରେ ଡକିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ସେକେଣ୍ଡରେ ଚେଜର ୧୦ ମିଲିମିଟର ବେଗରେ ତା ପାଖକୁ ଯାଇ ଯୋଡ଼ିହେବା ଆରମ୍ଭ କରିବ। ଏହାପରେ ଉଭୟ ସ୍ପେଶକ୍ରାଫ୍ଟ ମଧ୍ୟରେ ବିଦ୍ୟୁତ ସଂଯୋଗ ହେବ ଏବଂ ପରେ ଅନ୍‌ଡକିଂ କରାଯିବ। ଇସ୍ରୋ କହିଛି ଯେ ବର୍ତ୍ତମାନ ପାଇଁ ଏହି ଡକିଂ ପ୍ରକ୍ରିୟାକୁ ବନ୍ଦ ରଖାଯାଇଛି। ସମସ୍ତ ତଥ୍ୟକୁ ବିଶ୍ଲେଷଣ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ। ଏଥିଲାଗି ସମୟ ଲାଗିବ। ଏହି ମିଶନ ମହାକାଶରେ ଡକିଂ ଉଦ୍ଦେଶ୍ୟରେ କରାଯାଇଛି, ଯାହା ଭାରତର ଭବିଷ୍ୟତ ମହାକାଶ ମିଶନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ରବିବାର ରାତି ୨ଟାବେଳେ ଏହି ଦୁଇ ଉପଗ୍ରହ ମଧ୍ୟରେ ଦୂରତା ୧୦୫ ମିଟର ରହିଥିଲା।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପଦାର୍ପଣ ସ୍ମୃତି ବର୍ଷ ପାଳିତ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜକୁ ଶହେ ତିନି ବର୍ଷ ତଳେ ବିଶ୍ୱର ଅନନ୍ୟ ଆଧ୍ୟାତ୍ମିକ ପୀଠ ଉତ୍କଳର ପୁରୀ ମାଟିରେ ପଦାର୍ପଣ କରିଥିଲେ।ଏହି ପବିତ୍ର ସ୍ମୃତି କୁ ପୁନର୍ଜିବିତ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟିର ପ୍ରୟାସ ପ୍ରଶଂସନୀୟ ବୋଲି କହିଛନ୍ତି ପ୍ରାକ୍ତନ ଆରଡିସି ଡଃ ସୁରେଶ ଚନ୍ଦ୍ର ଦଳାଇ।ଆଜି ପୂର୍ବାହ୍ନରେ ତାଳବଣିଆ ଠାରେ ଠାକୁର ଅନୁକୂଳଚନ୍ଦ୍ର ଙ୍କ ଉତ୍କଳ ଆଗମନି ୧୦୩ ବର୍ଷ ପୂର୍ତ୍ତି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ମାଟିରେ ପୁରୁଷୋତ୍ତମ ଙ୍କର ପଦାର୍ପଣ ସ୍ମୃତି ର ପୁଲକ ଆଜି ପ୍ରତି ପ୍ରତ୍ୟେକଙ୍କ ପ୍ରାଣକୁ ଭକ୍ତି ରସାଣିତ କରିଛି।ଆଜିର ସମାଜ କଳୁଷିତ ହେଉଥିବା ବେଳେ ଆଧ୍ୟାତ୍ମିକତା ଓ ଧାର୍ମିକ ଭାବନା ସମାଜକୁ ସଂସ୍କାର ପଥରେ ଆଗେଇ ନେବାରେ ସହାୟକ ହେବ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଦେଓଘର ସତସଙ୍ଗ ର ଡଃ ଅକ୍ଷୟ କୁମାର ମିଶ୍ର କର୍ମ କରିବା ଆମର ଅଧିକାର। ଏହାର ଉପଯୋଗ ସମସ୍ତଙ୍କ ଧେୟ ହେଉ ବୋଲି ସେ କହିଥିଲେ। ଏଥିରେ ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଠାକୁରଙ୍କ ଆଗମନୀ ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଡ଼ଃ ନୃସିଂହ ପ୍ରସାଦ ତ୍ରିପାଠୀ ଯୋଗ ଦେଇ ସଭା ପରିଚାଳନା କରିଥିଲେ।ଉତ୍କଳ ଆଗମନୀ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ପ୍ରତ୍ୟୁଷ ରୁ ବେଦ,ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ଉଷା ବିନତୀ ପ୍ରାର୍ଥନା ଓ ସଦ୍ ଗ୍ରନ୍ଥାଦି ପାଠ ପରେ ସକାଳ ୭:୩୦ ମିନିଟ୍ ସମୟରେ ଉତ୍ସବ ର ଉଦଘାଟନୀ ସମାବେଶ ଅନୁଷ୍ଠିତ ହୋଇଥିଲେ। ପୂର୍ବାହ୍ନରେ ପୁରୀ ଠାକୁରବାଡି ପରିସରରୁ ଷ୍ଟେସନ ପର୍ଯ୍ୟନ୍ତ ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ମେଳରେ ରଥାରୂଢ଼ ଶ୍ରୀ ଶ୍ରୀ ଠାକୁର, ଶ୍ରୀ ଶ୍ରୀ ବଡ଼ମା ଓ ପରମ୍ ପୁଜ୍ୟପାଦ ଶ୍ରୀ ଶ୍ରୀ ବଡ଼ଦା ଙ୍କର ଶ୍ରୀବିଗ୍ରହକୁ ବିଶାଳ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ମଧ୍ୟରେ ପରିକ୍ରମା କରାଯାଇଥିଲା। ତାଳବଣିଆ ପଡ଼ିଆରେ ୩ଗୋଟି ପେଣ୍ଡାଲ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ପ୍ରଥାମଟି ପ୍ରଣାମ ମଣ୍ଡପ କରାଯାଇ ସେଥିରେ ଭଜନ କୀର୍ତ୍ତନ ଆଦି କରାଯାଇ ଅପରାହ୍ନ ତିନିଟା ସମୟରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପେଣ୍ଡାଲରେ କିଶୋର ଚକ୍ର, ଯୁବସମ୍ମିଳନୀ,ଚିକିତ୍ସକ ସମ୍ମିଳନୀ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ କୃଷି ବିଭାଗର ପ୍ରମୁଖ ସଚିବ ତଥା ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଯୋଗଦେଇ ଶ୍ରୀ ଶ୍ରୀ ଠାକୁର ଙ୍କ ଭାବାଦର୍ଶ ସହ ବିଜ୍ଞାନ ର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଡଃ ହୃଷିକେଶ ସେନାପତି, ହିମାଚଳ ପ୍ରଦେଶ ସୋଲାନର ପୂର୍ବତନ ଜିଲ୍ଲାପାଳ କେ ସି ଚମନ,ଇଂ ରଞ୍ଜିତ କୁମାର ମୁଦୁଲି, କ୍ଷିତିଶ ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାକୁ ଡ଼ାଃ ବିନାୟକ ମହାପାତ୍ର , ପ୍ରତିରିତ୍ୱିକ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବେକାନନ୍ଦ...

ନେତୃତ୍ୱକୁ ସେ ପ୍ରତିପାଦିତ କରିଥିଲେ ଚିକାଗୋରେ । ଆମ ଭାରତୀୟ ମାନଙ୍କ ଚିନ୍ତାଧାରା ହେଉଛି ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ । ଆଜିର ଦିବସ ହେଉଛି ଏ ଦେଶକୁ ବିଶ୍ୱ ମାନଚିତ୍ରରେ ଶ୍ରେଷ୍ଠ ଦେଶ କରିବା ପାଇଁ ସଂକଳ୍ପବଦ୍ଧ ହେବାର ଦିବସ । ମୋ ଦେଶ ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ର ହେବ ଏହି ଚିନ୍ତାଧାରା ନେଇ ଆମକୁ ଆଗକୁ ବଢିବାକୁ ପଡିବ ବୋଲି ସେ କହିଥିଲେ । ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଡି.ଏ.ଭି ପୋଖରୀପୁଟର ଛାତ୍ର ଜଗଦୀଶ ଆଚାର୍ଯ୍ୟ ସ୍ୱାମୀଜୀଙ୍କ ସ୍ୱଦେଶ ମନ୍ତ୍ର ସମସ୍ତଙ୍କୁ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନର ସମ୍ପାଦକ ତଥା ଅଧ୍ୟକ୍ଷ ସ୍ୱାମୀ ଆତ୍ମ ପ୍ରଭାନନ୍ଦଜୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବ୍ରଜ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଯୁବଗୋଷ୍ଠୀ...

୧ଲକ୍ଷ ନୂଆ ଯୁବକଙ୍କୁ ରାଜନୀତିକୁ ଆଣିବା ସଂପର୍କରେ କହିଛି। ରାଜନୀତି ମଧ୍ୟ ଆପଣଙ୍କ ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଏକ ମହାନ ମାଧ୍ୟମ ହୋଇପାରେ। ସେ କହିଥିଲେ, ବିକଶିତ ଭାରତ ଯାତ୍ରାରେ ଆମକୁ ପ୍ରତିଦିନ ନୂଆ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ ଏବଂ ସେଗୁଡ଼ିକୁ ମଧ୍ୟ ହାସଲ କରିବାକୁ ହେବ। ଖୁବ୍‌ଶୀଘ୍ର ଭାରତ ତୃତୀୟ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହେବ। ଗତ ୧୦ବର୍ଷ ମଧ୍ୟରେ ଦେଶର ୨୫ କୋଟି ଲୋକଙ୍କୁ ନିଯୁକ୍ତି ଦେଇଛୁ। ଆମକୁ ଦାରିଦ୍ର୍ୟରୁ ବାହାର କରାଯାଇଛି। ଆମେ ଯେଉଁ ଗତିରେ ଆଗକୁ ବଢୁଛୁ ସେ ଦିନ ଆଉ ମଧ୍ୟ ବେଶିଦିନ ନାହିଁ । ଯେତେବେଳେ ସମଗ୍ର ଭାରତ ଦାରିଦ୍ର୍ୟମୁକ୍ତ ହେବ। ସେ କହିଥିଲେ, ଆଜି ଭାରତ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନେକ କ୍ଷେତ୍ରରେ ତା'ର ଲକ୍ଷ୍ୟ ହାସଲ କରୁଛି। ମହାମାରୀ କରୋନା ସମୟରେ ସାରା ବିଶ୍ୱ ଯେତେବେଳେ କରୋନା ଟିକାକୁ ନେଇ ଚିନ୍ତା ଥିଲା, ସେତେବେଳେ ଭାରତୀୟ ବୈଜ୍ଞାନିକମାନେ ସମୟ ପୂର୍ବରୁ ଟିକା ବାହାର କରିଥିଲେ। ତେବେ ଏ ସବୁ ଭିତରେ ଆମେ ଏକ ବିକଶିତ ଭାରତ ଚାହୁଁ ବୋଲି ମୋଦୀ କହିଥିଲେ।

### ଗୁଳିକରି...



ଛଡ଼ାଇ ନେଇଛନ୍ତି। ତେବେ ତାରିଣୀ-୩ ଟ୍ରଲର ଚାଳକଙ୍କୁ ବନ ବିଭାଗ କାବୁ କରିବାରେ ସମର୍ଥ ହୋଇଛି। ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ନୋ ଫିସିଂ ଜୋନ୍‌ରୁ ବେଆଇନ ଭାବେ କିଛି ମତ୍ସ୍ୟଜୀବୀ ମାଛ ମାରୁଥିବା ନେଇ ଖବର ମିଳିବା ପରେ ପାଟ୍ରୋଲିଂ ଟିମ୍ ଚଢାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ସମୁଦ୍ର ଭିତରେ ଥିବା ଅନ୍ୟ ଟିମ୍‌କୁ ଖବର ଦେଇଥିଲେ। ସେମାନେ ୬ଟି ଟ୍ରଲରରେ ଆସି ବ୍ଲାଙ୍କ୍ ଫାୟାରିଂ କରିବା ସହ ଅତର୍କିତ ଆକ୍ରମଣ କରିଥିଲେ। ଫରେଷ୍ଟର ସୁରେଶ ପୃଷ୍ଟି କହିଛନ୍ତି ଯେ ମାଛ ମାଫିଆମାନେ ବ୍ଲାଙ୍କ୍ ଫାୟାରିଂ କରିବା ପରେ ବନ ବିଭାଗ ପକ୍ଷରୁ ମଧ୍ୟ ଗୁଳି କରାଯାଇଥିଲା। ତେବେ ୯ଜଣଙ୍କ ମଧ୍ୟରୁ ୮ଜଣଙ୍କୁ ଛଡ଼ାଇ ନିଆଯାଇଥିଲା। ତେବେ ଏହି ଗୁଳିମାଡ଼ରେ କାହାର କିଛି କ୍ଷତି ହୋଇନାହିଁ ।

### କାର୍-ବାଇକ୍ ଧକ୍କା ୩ ଗୁରୁତର

ବୋଲଗଡ଼(ଭାସ୍କର ନ୍ୟୁଜ): ବୋଲଗଡ଼ ଥାନା ଅଧୀନ ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ରେଲୱେ ଓଭରବ୍ରିଜ ନିକଟରେ ରବିବାର ସନ୍ଧ୍ୟାରେ ଏକ କାର ଓ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ବାଇକ ଆରୋହୀ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଇଟାମାଟି ଥାନା ବାଉଁଶିଆପଡ଼ା ଗ୍ରାମର ସହଦେବ ନାୟକ(୬୮),ଖଣ୍ଡପଡ଼ା ଥାନା ଗୁଣ୍ଡୁଣି ଗ୍ରାମର ଭୀମସେନ ଦାସ(୪୦) ଓ ଶୁଭମ୍ ଦାସ(୧୨)।ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭୀମସେନ ଏକ ପଲସର ବାଇକରେ ତାଙ୍କ ଶଶୁର ସହଦେବ ଓ ପୁଅ ଶୁଭମକୁ ବସାଇ କୌଣସି କାର୍ଯ୍ୟ ହେତୁ ବୋଲଗଡ଼ ଆସି ସେଠାରୁ ଫେରୁଥିବା ବେଳେ ରେଲୱେ ବ୍ରିଜ ଅତିକ୍ରମ କରିବା ସମୟରେ ନୟାଗଡ଼ ପଟୁ ଭୁବନେଶ୍ୱର ଦିଗରେ ଯାଉଥିବା ଏକ କାର ସହ ଧକ୍କା ହୋଇଥିଲା।ଏଥିରେ ଭିମସେନଙ୍କ ଡାହାଣ ଗୋଡ ଆଣ୍ଠୁ ପାଖରୁ ସମ୍ପୂର୍ଣ ବିଛିନ୍ନ ହୋଇ ପଡ଼ିଥିବା ବେଳେ ତାଙ୍କ ପୁଅ ଶୁଭମ୍ ଓ ଶଶୁର ସହଦେବଙ୍କ ଗୋଡ ଭାଙ୍ଗିଯାଇଛି।୩ ଜଣ ଯାକ ମଧ୍ୟ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗୁରୁତର ଆଘାତପ୍ରାପ୍ତ ହୋଇ ଥିବା ବେଳେ ୧୦୮ ଆମ୍ବୁଲାନ୍ସ ସହାୟତାରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା।ପରେ ସେମାନଙ୍କୁ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇ ଦିଆଯାଇଛି।ତେବେ ଏହି ରେଲୱେ ଓଭରବ୍ରିଜ ନିକଟରେ ବାରମ୍ୱାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବାରୁ ସ୍ଥାନୀୟ ଯୁବକ ମାନେ ଉତ୍ତେଜିତ ହୋଇ ବ୍ରିଜ ର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ଦାବିରେ ରାସ୍ତାରୋକ ପାଇଁ ସଜବାଜ ହେଉଥିବା ବେଳେ ପୋଲିସ ପହଞ୍ଚି ବୁଝାସୁଝା କରି ଏଥିରୁ କ୍ଷାନ୍ତ କରିଥିଲେ।ଏହି ରାସ୍ତା ଦୁର୍ଘଟଣା ନେଇ ସହଦେବଙ୍କ ସମ୍ପର୍କୀୟ ଭାଇ ଶରତ ନାୟକଙ୍କ ଅଭିଯୋଗ କ୍ରମେ ଥାନା ପୋଲିସ ବାଇକ(ଓଡ଼ ୨୫ ର ୦୦୫୯) ଓ କାର ଓଡ଼ ୩୩ ଇଚ ୫୪୯୧)କୁ ଜବତ କରି ଥାନାକୁ ଆଣିବା ସହ କାର ଡ୍ରାଇଭରଙ୍କୁ ଅଟକ ରଖିଛି।

### ଇନାମୀ ମାଓବାଦୀ ଗିରଫ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ପୋଲିସକୁ ନକ୍ସଲ ମୁକାବିଲାରେ ଏକ ବଡ଼ ସଫଳତା ମିଳିଛି। ପୋଲିସ ଦୁର୍ଦ୍ଦାନ୍ତ ନକ୍ସଲ ପ୍ରଭାକରଙ୍କ ସ୍ତ୍ରୀ ମାଳତୀ ଓରଫ ରାଜେଙ୍କୁ ଗିରଫ କରିଛି। ମାଳତୀ ଜଣେ ଡିଭିସିଏମ ପାହ୍ୟାର ନକ୍ସଲ। ସେ ରାଓଘାଟ ଏରିଆ କମିଟି ଦାୟିତ୍ୱରେ ସକ୍ରୀୟ ଥିଲେ। ତାଙ୍କ ମୁଣ୍ଡ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ସୂଚନା ଅନୁଯାୟୀ, ପୋଲିସ କାଙ୍କେର ଜିଲ୍ଲା କୌଡୋସାଲେଭାଟ ଗାଁରୁ ତାଙ୍କୁ ଗିରଫ କରାଯାଇଛି।

### କିମ୍ସ ପରିସରରେ ୟୁଓୟୁ କଂଗ୍ରେସ ଅନୁଷ୍ଠିତ

# ଆଇଏଆଇଓର କାର୍ଯ୍ୟଧାରାକୁ ପ୍ରଶଂସା କଲେ ଡାକ୍ତର ଓ ବିଶେଷଜ୍ଞ




ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ରାଜଧାନୀ ଉପକଣ୍ଠରେ ଥିବା କିମ୍‌ସ ପରିସରରେ ଇଣ୍ଟରନ୍ୟାସ୍‌ନାଲ କଂଗ୍ରେସ ଅନ ଫ୍ରଣ୍ଟିୟର୍ସ ଇନ୍ ୟୁରୋଲୋଜି-ଅଙ୍କଲୋଜି ଏବଂ ୟୁରୋପାଥୋଲୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର ରାମଚନ୍ଦ୍ର ଦାଶ, ଡାକ୍ତର ରାଜଲ ସାହା ଓ ଡାକ୍ତର ମାହୁଲ ଅମିନ୍ ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଆୟୋଜନ କମିଟିର ସଂପାଦକ ମଣ୍ଡଳୀ ସଦସ୍ୟ ଡାକ୍ତର ରଞ୍ଜନା ଗିରି, ଡାକ୍ତର ସମ୍ବିତ କୁମାର ମହାନ୍ତି ଏବଂ ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସୌରଭ କୁମାର ମିଶ୍ର ବର୍ତ୍ତମାନ ପରିସ୍ଥିତିରେ କିଭଳି ବିଭିନ୍ନ ପ୍ରକାର କର୍କଟ ରୋଗ ବିଶେଷ କରି ମୂତ୍ରାଶୟ ଜନିତ କର୍କଟର ମାତ୍ରା ବଢୁଛି ଏବଂ ତାହାର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସଂପର୍କରେ ସୂଚନା ଦେଇଥିଲେ। ପରିଶେଷରେ ଇଣ୍ଟରନ୍ୟାସନାଲ ଆସୋସିଏସନ ଫର ଇଣ୍ଟିଗ୍ରେଟେଡ୍ ଅଙ୍କୋଲୋଜି ବା ଆଇଏଆଇଓର ମୁଖ୍ୟ ଡାକ୍ତର ରୁଦ୍ରଭାନୁ ଶତପଥି ଧନ୍ୟବାଦ ଦେଇଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମର ଆରମ୍ଭରୁ ରାଜ୍ୟ ଏବଂ ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ଡାକ୍ତର ଓ ବିଶେଷଜ୍ଞମାନେ ଉପସ୍ଥିତ ରହି ୟୁରୋଲୋଜି, ଅଙ୍କୋଲୋଜି ଏବଂ ୟୁରୋପାଥୋଲୋଜି ସଂପର୍କରେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏପରିକି ଭୁବନେଶ୍ୱରରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ସେମାନେ ଆଇଏଆଇଓ ସଂସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ କିଛି ବିଶିଷ୍ଟ ବ୍ୟକ୍ତି ତଥା ଅଭିଜ୍ଞ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ମହକୁମେ, ବରିଷ୍ଠ ଦେଓ୍ୱାନୀ ବିଚାରପତିଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା-ସମ୍ବଲପୁର**

Order 5 Rule 20 C.P.C.

**ସିଭିଲ ମୋକଦ୍ଦମା ନଂ ୬୩/୨୦୧୯**

**ବୁଧୁ ବାଘ @ କିସାନ.......... ବାଦୀ**

**ବନାମ**

**ଦୁର୍ଗା ବାଘ@ କିସାନ ଓ ଅନ୍ୟ.... ପ୍ରତିବାଦୀ**

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ ୫. ସୁଦର୍ଶନ ବାଘ@ କିସାନ, ବୟସ ୫୩ବର୍ଷ, ପିତା- ସ୍ୱର୍ଗତ ବିର୍ଶା ବାଘ@ କିସାନ, ନିବାସୀ- ଜାମୁନାଲି-ଆଡିପଥର, ପୋ- କଟାପାଲି, ଥାନା/ ତହସିଲ/ଜିଲ୍ଲା- ଦେବଗଡ଼।

ଏତଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବୁଧୁ ବାଘ@ କିସାନ, ପିତା- ସ୍ୱର୍ଗତ ମଲିଆ ବାଘ@ କିସାନ, ନିବାସୀ-ଡଙ୍ଗାଯୋର, ପୋ- ଡଙ୍ଗାଯୋର, ଥାନା- ଗୋବିନ୍ଦପୁର, ତହସିଲ-ବାମରା, ଜିଲ୍ଲା-ସମ୍ବଲପୁର । ତୁମ୍ଭମାନଙ୍କ ନାମରେ ଉପରୋକ୍ତ ବିଚାରାଳୟରେ ଡଙ୍ଗାଯୋର ମୌଜାସ୍ଥିତ ଖାତା ନଂ ୫୪ର ରକବା ଏ ୧୦.୧୮ଡିର ଭାଗବଣ୍ଟା (Partition) ନିମନ୍ତେ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି। ତୁମ୍ଭଙ୍କୁ ଅଦାଲତ ତରଫରୁ ନୋଟିସ ଯାଉଥିଲେ ମଧ୍ୟ ତୁମ୍ଭେ ଜାଣିଶୁଣି ଏହାକୁ ଗ୍ରହଣ ନ କରି ଅଗ୍ରାହ୍ୟ କରୁଥିବା ପ୍ରତୀତ ହେଉଅଛି।

ଏଣୁ ଏତତ୍‌ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ପରବର୍ତ୍ତୀ ତାରିଖ ଆସନ୍ତା ତା ୨୦.୦୨.୨୦୨୫ରିଖ ସମୟ ୧୦.୦୦ଘଣ୍ଟା ଧାର୍ଯ୍ୟ କରାଯାଇଛି। ଉକ୍ତ ତାରିଖ ଓ ସମୟ ମତେ ତୁମ୍ଭେ ନିଜେ କିମ୍ବା ତୁମ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ, ନଚେତ୍ ମୋକଦ୍ଦମାଟି ତୁମ୍ଭ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ।

**ସ୍ୱା/- ବରିଷ୍ଠ ଦେଓ୍ୱାନୀ ବିଚାରପତି**
**କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର**
**ତା: ୦୯.୦୧.୨୦୨୫**



ନୂଆଦିଲ୍ଲୀ : ୨୦ ତାରିଖରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବେ ଡୋନାଲ୍ଡ ଟ୍ରମ୍ପ। ସେ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିବେ। ତେବେ ଟ୍ରମ୍ପଙ୍କ ଏହି ଶପଥ ସମାରୋହରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଂଶଗ୍ରହଣ କରିବେ। ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଟ୍ରମ୍ପ-ଭାନ୍ସ ଉଦ୍‌ଘାଟନି କମିଟିର ନିମନ୍ତ୍ରଣ ଅନୁସାରେ ଏସ୍.ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ତାଙ୍କ ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିବା ନୂତନ ଆମେରିକା ପ୍ରଶାସନର ପ୍ରତିନିଧୀ ତଥା ଅନ୍ୟ ଆନ୍ତର୍ଜାତୀୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମଧ୍ୟ ଆଲୋଚନା କରିବେ। ଏହି ଶପଥ ସମାରୋହରେ ଜୟଶଙ୍କର ସାମିଲ ହେବା ଓ ତାଙ୍କର ଏହି ଗସ୍ତ ଭାରତ ଏବଂ ଆମେରିକା ମଧ୍ୟରେ କୂଟନୈତିକ ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି।

# ଶିକ୍ଷିତ ବେକାରୀଙ୍କୁ ମିଳିବ ୮୫୦୦ ଟଙ୍କା: ସଚିନ ପାଇଲଟ୍



## କଂଗ୍ରେସର ଘୋଷଣା

ନୂଆଦିଲ୍ଲୀ: ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀ ରାଜନୀତି ସରଗରମ ରହିଛି। ରାଜନୈତିକ ଦଳମାନେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଯୋଜନା କଥା କହୁଥିବାବେଳେ, ଦୁଇ ମୁଖ୍ୟ ଦଳ ବିଜେପି ଏବଂ ପରସ୍ପରକୁ ଟାର୍ଗେଟ କରୁଛନ୍ତି। ସେପଟେ କିନ୍ତୁ ଏହାର ଫାଇଦା ନେଉଛି କଂଗ୍ରେସ। କଂଗ୍ରେସ ନେତାମାନେ ଦିଲ୍ଲୀରେ ଛୋଟ-ବଡ଼ ସଭା କରି ନିର୍ବାଚନରେ ନିଜ ପାଇଁ ମାହୋଲ ତିଆରି କରୁଛନ୍ତି। ଏହାରି ମଧ୍ୟରେ ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ନୂଆ ଘୋଷଣା କରିଛନ୍ତି। ସେ କହିଛନ୍ତି ଯଦି ଆମ ସରକାର ଆସିବ ତେବେ ଶିକ୍ଷିତ ବେକାରୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବର୍ଷେ ପର୍ଯ୍ୟନ୍ତ, ପ୍ରତି ମାସରେ ୮୫୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯିବ। 'ଯୁବା ଉଡ଼ାଣ ଯୋଜନା' ଅନୁଯାୟୀ ଯୁବକଙ୍କୁ ଏହି ସହାୟତା ରାଶି ମିଳିବ। ସେ ଆହୁରି କହିଛନ୍ତି କାହାରିକୁ ଯେପରି ସନ୍ଦେହ ନରହୁ କି' କଂଗ୍ରେସ ନିର୍ବାଚନ ପାଇଁ ପରିଶ୍ରମ କରୁନାହିଁ। ସମସ୍ତେ ଜାଣନ୍ତୁ ଦିଲ୍ଲୀ ନିର୍ବାଚନ ପାଇଁ ଦଳ ସଂପୂର୍ଣ୍ଣ ଭାବରେ କଠିନ ପରିଶ୍ରମ କରୁଛି। ଏହି ଘୋଷଣା ସମୟରେ ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷ ଦେବେନ୍ଦ୍ର ଯାଦବ, ପ୍ରଭାରୀ କାଜୀ ନିଜାମୁଦ୍ଦୀନ, ଏନଏସୟୁଆଇ ଅଧ୍ୟକ୍ଷ ବରୁଣ ଚୌଧୁରୀଙ୍କ ସହ ଅନ୍ୟ ନେତା ଉପସ୍ଥିତ ଥିଲେ। ପାଇଲଟ କହିଛନ୍ତି ୫ ତାରିଖରେ ଦିଲ୍ଲୀରେ ନୂଆ ସରକାର ନିର୍ବାଚିତ ହେବ। ଏଥିପାଇଁ କଂଗ୍ରେସ ପୂରା ଦମ୍‌ରେ ନିର୍ବାଚନ ଲଢୁଛି। ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷ ଦେବେନ୍ଦ୍ର ଯାଦବ କହିଛନ୍ତି ରାଜମହଲ ଏବଂ ଶୀଶ ମହଲ ଅପେକ୍ଷା ଯୁବକଙ୍କୁ ରୋଜଗାର ଦେବା ଆମର ପ୍ରାଥମିକତା। ଦିଲ୍ଲୀ ପାଇଁ ଏଥିରେ ପ୍ରଥମେ କଂଗ୍ରେସ 'ପ୍ୟାରି ଦିଦି ଯୋଜନା' ଅନୁଯାୟୀ ୨୫୦୦ ଟଙ୍କା ପ୍ରତିମାସ ଏବଂ ୨୫ ଲକ୍ଷର ସ୍ୱାସ୍ଥ୍ୟ ବୀମା ଯୋଜନାର ଗ୍ୟାରେଣ୍ଟି ଦେଉଛି। ସେହିଭଳି ଦେବେନ୍ଦ୍ର ଯାଦବ ଆପକୁ ଟାର୍ଗେଟ କରି କହିଛନ୍ତି, କେଜ୍ରିୱାଲଙ୍କୁ ତିହାର ଜେଲ ଡାକୁଛି। ପୁଣି ତିହାର ଜେଲର କାନ୍ଥରେ ଲେଖା ହୋଇଛି, ପୁଣି ଆସିବେ କେଜ୍ରିୱାଲ।

## ବିପିଏସ୍‌ସି ପରୀକ୍ଷା ରଦ୍ଦ ମାମଲା

# ପାଟନାରେ ପୋଡ଼ାଜଳା

ନୂଆଦିଲ୍ଲୀ: ବିପିଏସସି ଆଶାୟୀଙ୍କ ସମର୍ଥନରେ ବାହାରିଛନ୍ତି ବିହାର ପୂର୍ଣ୍ଣିଆର ସ୍ୱାଧୀନ ସାଂସଦ ପପ୍ପୁ ଯାଦବ। ବିପିଏସସି ଆଶାୟୀଙ୍କ ସମର୍ଥନରେ ସେ ବିହାର ବନ୍ଦ ଘୋଷଣା କରିଛନ୍ତି। ଏମିତିକି ତାଙ୍କ ସମର୍ଥକମାନେ ଆଶାୟୀମାନଙ୍କ ସହ ମିଶି ବିହାରର ଭିନ୍ନ ଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭ ସମୟରେ ଅନେକ ସ୍ଥାନରେ ପୋଡ଼ାଜଳା ମଧ୍ୟ ହୋଇଛି। ଏହି କାରଣରୁ ପପ୍ପୁ ଯାଦବଙ୍କୁ ପୋଲିସ ହେପାଜତକୁ ନିଆଯାଇଛି। ସୂଚନା ଅନୁଯାୟୀ, ପପ୍ପୁ ଯାଦବଙ୍କ ସମେତ ଅନେକ ଛାତ୍ର ଏବଂ ସମର୍ଥକଙ୍କୁ ହେପାଜତକୁ ନେଇଛି ପୋଲିସ। 'ବିହାର ବନ୍ଦ'କୁ ନେଇ ପପ୍ପୁ କହିଛନ୍ତି ଯେଉଁମାନେ ଛାତ୍ର ବିରୋଧୀ ତାଙ୍କର ରାମ ନାମ ସତ୍ୟ ହେ କରିବାର ଆବଶ୍ୟକତା ରହିଛି। ବିହାରର ଜନତା ତଥା ଛାତ୍ରମାନେ ରାସ୍ତାରେ ବିକ୍ଷୋଭ କରୁଛନ୍ତି। ଏହାରି ଭିତରେ ରାଜ୍ୟବାସୀ ବିହାର ବନ୍ଦକୁ ସମର୍ଥନ କରୁଛନ୍ତି। ସେହିଭଳି ପ୍ରଶାନ୍ତ କିଶୋର ବିଜେପିର ସବୁଠୁ ବଡ଼ ଦଲାଲ ବୋଲି ପପୁ କହିଛନ୍ତି। ସେ କହିଛନ୍ତି, ଏହି ଆଶାୟୀ ମାନଙ୍କ ପାଇଁ ପ୍ରଶାନ୍ତ କିଶୋର ମଧ୍ୟ ଆନ୍ଦୋଳନ କରିଥିଲେ। ପ୍ରକାଶ ଥାଉକି ଗତ ବର୍ଷ ଡିସେମ୍ବର ୧୩ ତାରିଖରେ ୭୦ତମ ବିପିଏସସି ପ୍ରିଲିମ୍ସ ପରୀକ୍ଷା ହୋଇଥିଲା। ରାଜଧାନୀ ପାଟନାର ଏକ ସେଣ୍ଟରରେ ପରୀକ୍ଷା ରଦ୍ଦ ହୋଇଥିଲା।



## ଶାହାଙ୍କୁ କେଜରିୱାଲ୍‌ଙ୍କ ନିଶାନା

# ବିଜେପି ଆସିଲେ ଲୋପ ପାଇଯିବ ବସ୍ତି



ନୂଆଦିଲ୍ଲୀ: ଆମ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲ୍ ବିଜେପିକୁ ବଡ଼ ଚ୍ୟାଲେଞ୍ଜ୍ ଦେଇଛନ୍ତି। ସେ ବିଜେପି ଆଗରେ କେତୋଟି ସର୍ତ୍ତ ରଖିଛନ୍ତି। ସେ କହିଛନ୍ତି ବିଜେପି ଯଦି ଏହି ସର୍ତ୍ତ ପୂରଣ କରିଦେବ ମୁଁ ନିର୍ବାଚନ ଲଢ଼ିବା ନାହିଁ। ବସ୍ତିବାସିନ୍ଦାଙ୍କ ପକ୍ଷରେ ଓକିଲାତ କରି କେଜରିୱାଲ କହିଛନ୍ତି ଯେ ଯାହାର କୁଡ଼ିଆ ଭଙ୍ଗା ଯାଇଛି, ସେମାନଙ୍କୁ ସେହି ସ୍ଥାନରେ ଘର ଦିଆଯାଉ ଓ ତାଙ୍କ ବିରୋଧରେ ଲଗାଯାଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରାଯାଉ। ତେବେ ଯାଇ ମୁଁ ନିର୍ବାଚନ ଲଢ଼ିବି ନାହିଁ ବୋଲି କେଜରିୱାଲ୍ ଚ୍ୟାଲେଞ୍ଜ୍ ଦେଇଛନ୍ତି। ଅରବିନ୍ଦ କେଜରିୱାଲ୍ ଏହା ଦାବି କରିଛନ୍ତି ଯେ ୨୭ ଡିସେମ୍ବରରେ ଉପରାଜ୍ୟପାଳ ଶକୁର ବସ୍ତି ରେଳବାଇ କଲୋନି ପାଖରେ ବସ୍ତିର ଲ୍ୟାଣ୍ଡ ୟୁଜ୍ ବଦଳାଇ ଦେଇଛନ୍ତି। କେଜରିୱାଲ୍ ତଥ୍ୟ ଦେଇ କହିଛନ୍ତି ଯେ ଗତ ୧୦ ବର୍ଷରେ ବିଜେପି କେବଳ ୪୭୦୦ ବସ୍ତିବାସିନ୍ଦାଙ୍କୁ ଘର ଦେଇଛନ୍ତି। ହେଲେ ଦିଲ୍ଲୀରେ ଏମିତି ୪ ଲକ୍ଷ ବସ୍ତି ଘର ରହିଛି। ଆଉ ଆସନ୍ତା ବର୍ଷ ବିଜେପି ସବୁ ବସ୍ତିଘର ବାଙ୍ଗିବାକୁ ଯାଉଛି। ନିର୍ବାଚନ ଜିତିଲେ ଦଳ ସବୁ ବସ୍ତି ଘର ଭାଙ୍ଗିଦେବ ବୋଲି କେଜରିୱାଲ୍ ଅଭିଯୋଗ କରିଛନ୍ତି। ଅମିତ ଶାହଙ୍କୁ ଟାର୍ଗେଟ୍ କରି କେଜରିୱାଲ କହିଛନ୍ତି ଯେ ଅମିତ ଶାହ ବସ୍ତିବାସିନ୍ଦାଙ୍କୁ ଭୂଆଁ ବୁଲାଉଛନ୍ତି। କହୁଛନ୍ତି ଯେଉଁଠି ବସ୍ତି ସେଇଟି ଘର, ହେଲେ ଏକଥା କହୁ ନାହାନ୍ତି ଯେ ଯେଉଁଠି ବସ୍ତି ସେଇଠି ତାଙ୍କ ବନ୍ଧୁଙ୍କର ଘର ହେବ ବୋଲି। ସମସ୍ତେ ଜାଣିଛନ୍ତି ତାଙ୍କ ବନ୍ଧୁ କିଏ। ଗୌତମ ଆଦାନୀଙ୍କୁ ଇଙ୍ଗିତ କରି ଏପରି କହିଛନ୍ତି କେଜରିୱାଲ୍। ବିଜେପିକୁ ଭୋଟ ଦେବା ମାନେ ଆତ୍ମହତ୍ୟା ଉପରେ ଦସ୍ତଖତ କରିବା ସହ ସମାନ ବୋଲି କେଜରିୱାଲ୍ କହିଛନ୍ତି। ସେହିପରି ଦିଲ୍ଲୀରେ ବିଜେପିର ଚେହେରା ନେଇ ମଧ୍ୟ କେଜରିୱାଲ୍ ରମେଶ ବିଧୁରୀଙ୍କ କଥା କହିଥିଲେ। ଆଉ ଦିନେ ଦୁଇଦିନ ମଧ୍ୟରେ ବିଜେପି ରମେଶ ବିଧୁରୀଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିବ ବୋଲି କେଜରିୱାଲ୍ କହିଛନ୍ତି। ଏହାର ଉତ୍ତରରେ ରମେଶ ବିଧୁରୀ କହିଛନ୍ତି ଯେ କଜେରିୱାଲ୍ ମୋ ବିରୋଧରେ ଦୁଃପ୍ରଚାର କରୁଛନ୍ତି। ମୋତେ ବିଜେପି ବହୁତ କିଛି ଦେଇଛି। କୌଣସି ପଦବୀ ପାଇଁ ମୁଁ ଦାବି କରି ନାହିଁ। ତେବେ କଜେରିୱାଲ୍ ଏଭଳି ଘଷୋଣା କରି ନେଜ ପରାଜୟ ସ୍ୱୀକାର କରିସାରିଛନ୍ତି। କାରଣ ଦିଲ୍ଲୀର ଜନତା ତାଙ୍କ ଉପରେ ଖୁସି ନାହାନ୍ତି ବୋଲି ସାରା ଦୁନିଆ ଜାଣିଛି ବୋଲି ରମେଶ ବିଧୁରୀ କହିଛନ୍ତି।

# ଯୁବ ମହୋତ୍ସବରେ ବିଷ୍ଣୁଦେବଙ୍କ ଆହ୍ୱାନ: ନିଷ୍ଠା ଏବଂ ସମର୍ପଣ ଭାବରେ ମିଳିଥାଏ ସଫଳତା

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଯୁବ ମହୋତ୍ସବର ଶୁଭାରମ୍ଭ କରି କହିଛନ୍ତି ଯେ, ନିଷ୍ଠା ଏବଂ ସମର୍ପଣ ଭାବରେ ହିଁ ସଫଳତା ମିଳିଥାଏ। ରବିବାର ସାଇନ୍ସ କଲେଜସ୍ଥିତ ଦୀନ ଦୟାଲ ଅଡିଟୋରିୟମ୍‌ରେ ଆୟୋଜିତ ଯୁବ ସମାରୋହରେ ଯୁବବର୍ଗଙ୍କୁ ସମ୍ବୋଧିତ କରି ଶ୍ରୀ ସାଏ କହିଥିଲେ, ଆପଣମାନେ ଦେଶ ଏବଂ ରାଜ୍ୟର ଭବିଷ୍ୟତ। ଆପଣମାନେ ଏକ ସ୍ୱପ୍ନ ନେଇ ଦେଶ ଏବଂ ରାଜ୍ୟର ସେବା କରିବାକୁ ଯଦି ଆଗ୍ରହ ପ୍ରକାଶ କରିବେ ତେବେ ଏହାକୁ ହାସଲ କରିବା ପାଇଁ ନିଷ୍ଠା ଏବଂ ସମର୍ପଣ ଭାବ ରହିବା ଜରୁରୀ। ଛତିଶଗଡ ରାଜ୍ୟରେ ମେଡିକାଲ ଶିକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ଶୈକ୍ଷଣିକ ସଂସ୍ଥା ରହିଛି। ପ୍ରତିଯୋଗୀ ପରୀକ୍ଷାର୍ଥୀମାନେ ଏଥିନେଇ ପ୍ରସ୍ତୁତି ମଧ୍ୟ ଚଳାଇଛନ୍ତି। ନାଳନ୍ଦା ପରିସର ପରି ରାଜ୍ୟର ଅନ୍ୟ ଜିଲ୍ଲାରେ ହାଇଟେକ୍ ଲାଇବ୍ରେରୀ ସ୍ଥାପନ କରାଯାଇଛି। ଯେଉଁଠାରୁ ପ୍ରତିଯୋଗୀମାନେ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ପ୍ରସ୍ତୁତି ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବସ୍ତର ଅଞ୍ଚଳର ଯୁବକମାନେ ରାଜ୍ୟର ବିକାଶର ମୁଖ୍ୟ ଧାରାରେ ସାମିଲ ହେବା ପାଇଁ ବସ୍ତର ଅଲିମ୍ପିକ୍ସ ଆୟୋଜନ କରାଯାଉଛି। ଏହାର ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୋହରାଉଛନ୍ତି। ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ସାଏ କହିଥିଲେ ସନାତନ ଧର୍ମରେ ଆଦର୍ଶ, ଆଧ୍ୟାତ୍ମ ଏବଂ ଦର୍ଶନକୁ ନେଇ ଆମେ ସଫଳ ହୋଇପାରିବା। ମୁଖ୍ୟମନ୍ତ୍ରୀ କହିଥିଲେ ଛତିଶଗଡର ଅମ୍ବିକା ପୁରର ଅପୂର୍ବା ଦୀକ୍ଷିତ ଯେଉଁ ପ୍ରଶ୍ନ ପଚାରିଥିଲେ ତା'ର ଉତ୍ତରରେ ସେ କହିଥିଲେ ଯେ ଆମେ ପ୍ରତିକୂଳ ପରିସ୍ଥିତିରେ ଯଦି ଆଗକୁ ଯାଇପାରିବା ତେବେ ଆମର ଲକ୍ଷ୍ୟ ସାଧନା କରିପାରିବା। ଏହି ଅବସରରେ ସେ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଧାରିତ ଏକ କ୍ଷୁଦ୍ର କାହାଣୀ ମଧ୍ୟ ଉପସ୍ଥାପନା କରିଥିଲେ।



# ଭାରତୀୟ ହାଇକମିଶନରଙ୍କୁ ବାଂଲାଦେଶର ସମନ



ନୂଆଦିଲ୍ଲୀ: ରବିବାର ଭାରତୀୟ ହାଇକମିଶନର ପ୍ରଣୟ ବର୍ମାଙ୍କୁ ସମନ କରିଛି ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ। ଭାରତ-ବାଂଲାଦେଶ ସୀମାରେ ପାଞ୍ଚଟି ସ୍ଥାନରେ ବାଡ଼ ନିର୍ମାଣ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିବାର କିଛି ଘଣ୍ଟା ପରେ ଢାକା ଏହି ସମନ ଜାରି କରିଛି, ଯାହା ଦ୍ୱିପାକ୍ଷିକ ଚୁକ୍ତିନାମାର ଉଲ୍ଲଂଘନ କରୁଛି। ଅପରାହ୍ନ ପ୍ରାୟ ୩ଟା ସମୟରେ ବର୍ମା ବୈଦେଶିକ ମନ୍ତ୍ରଣାଳୟ କାର୍ଯ୍ୟାଳୟକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା। ବୈଦେଶିକ ସଚିବ ଜସିମ ଉଦ୍ଦିନଙ୍କ ସହ ତାଙ୍କର ସାକ୍ଷାତ ପ୍ରାୟ ୪୫ ମିନିଟ୍ ଧରି ଚାଲିଥିଲା। ଆଲୋଚନା ସମ୍ପର୍କରେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ପକ୍ଷରୁ କୌଣସି ସରକାରୀ ବିବୃତ୍ତି ପ୍ରକାଶ କରାଯାଇ ନଥିଲେ ମଧ୍ୟ, ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ବର୍ମାଙ୍କୁ ସମନ କରାଯାଇଛି। ସମ୍ପ୍ରତି ଉଭୟ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଗତ ସପ୍ତାହର ଆରମ୍ଭରେ, ଢାକା ଭାରତୀୟ ପାଣିପାଗ ବିଭାଗର ୧୫୦ ତମ ବାର୍ଷିକୀ ପାଳନ ପାଇଁ ଭାରତ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମକୁ ନ ଆସିବାକୁ ନିଷ୍ପତ୍ତି ନେଇଥିଲା।

# ବାଣିଜ୍ୟ




ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଅଧୀନରେ କାର୍ଯ୍ୟରତ ଘରୋଇ କ୍ଷେତ୍ରର କର୍ମଚାରୀମାନେ ସେମାନଙ୍କ ସର୍ବନିମ୍ନ ପେନସନ୍ ରାଶି ମାସିକ ୭୫୦୦ ଟଙ୍କାକୁ ବଢ଼ାଇବା ପାଇଁ ବହୁବର୍ଷ ହେଲା ଦାବି କରିଆସୁଛନ୍ତି। ଏଥିପାଇଁ ଇପିଏସ୍ (କର୍ମଚାରୀ ପେନସନ୍ ଯୋଜନା)-୯୫ ପେନସନଭୋଗୀମାନେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଶୁକ୍ରବାର ଭେଟି ଆଲୋଚନା କରିଛନ୍ତି। ଇପିଏଫ୍‌ଓ ଅଧୀନରେ ସର୍ବନିମ୍ନ ପେନସନ୍ ରାଶି ଏବେ ୧୦୦୦ ଟଙ୍କା ରହିଛି। କିନ୍ତୁ ଏହି ରାଶିକୁ ୭୫୦୦ ଟଙ୍କାକୁ ବୃଦ୍ଧି କରିବା ସହିତ ମହଙ୍ଗାଭତ୍ତା ବ୍ୟବସ୍ଥା କରିବା ଲାଗି ପେନସନଭୋଗୀମାନେ ଦାବି କରିଛନ୍ତି। ଏଥିସହିତ ପେନସନଭୋଗୀ ଓ ତାଙ୍କ ପତି କିମ୍ବା ପତ୍ନୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ମଧ୍ୟ ଦାବି କରାଯାଇଛି। ଇପିଏସ-୯୫ ଜାତୀୟ ଆନ୍ଦୋଳନ କମିଟି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଅର୍ଥମନ୍ତ୍ରୀ ସେମାନଙ୍କୁ ଦାବିର ଅନୁଧ୍ୟାନ କରି ସହୃଦୟତାର ସହିତ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କୁମ୍ଭମେଳା ପାଇଁ ଗଡିବ ୭ ସ୍ପେଶାଲ ଟ୍ରେନ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କୁମ୍ଭମେଳା ପାଇଁ ଓଡ଼ିଶା ଦେଇ ପ୍ରୟାଗରାଜ ଗଡିବ ୭ଟି ସ୍ୱତନ୍ତ୍ର ଟ୍ରେନ୍। ଏ ନେଇ ପୂର୍ବତଟ ରେଲୱେ ପକ୍ଷରୁ ଘୋଷଣା କରାଯାଇଛି। ଏହି ଟ୍ରେନ୍ ଗୁଡିକ ହେଲା, ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର କୁମ୍ଭ ମେଳା ସ୍ପେଶାଲ। ଏହି ଟ୍ରେନ୍ ଖୋର୍ଦ୍ଧା, କଟକ, ଯାଜପୁର ଏବଂ କେନ୍ଦୁଝର ଦେଇ ଯିବ। ସେହିପରି ପୁରୀ-ତୁଣ୍ଡଲା-ପୁରୀ କୁମ୍ଭ ସ୍ପେଶାଲ ଟ୍ରେନ୍ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର ଏବଂ ବାଲେଶ୍ୱର ଦେଇ ଯିବ। ଟିଟିଲାଗଡ-ତୁଣ୍ଡଲା-ଟିଟିଲାଗଡ କୁମ୍ଭ ସ୍ପେଶାଲ ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଦେଇ ଯିବ। ସେହିପରି ବିଶାଖାପାଟଣା-ଦିନଦୟାଲ ଉପାଧ୍ୟାୟ ଜଙ୍କସନ୍-ବିଶାଖାପାଟଣା କୁମ୍ଭ ସ୍ପେଶାଲ ଟ୍ରେନ୍ ରାୟଗଡା, ବଲାଙ୍ଗୀର ଓ ନୂଆପଡା ଦେଇ ଯାତ୍ରା କରିବ। ବିଶାଖାପାଟଣା-ଗୋରଖପୁର-ବିଶାଖାପାଟଣା କୁମ୍ଭ ସ୍ପେଶାଲ ଗଞ୍ଜାମ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଏବଂ ଝାରସୁଗୁଡା ଦେଇ ଯିବ। ତିରୁପତି-ବନାରସ-ତିରୁପତି କୁମ୍ଭ ସ୍ପେଶାଲ ଓଡ଼ିଶାର ରାୟଗଡା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ରାଉରକେଲା ଦେଇ ଯାତ୍ରା କରିବ। ସେହିଭଳି ନରାସପୁର-ବନାରସ-ନରାସପୁର କୁମ୍ଭ ସ୍ପେଶାଲ ରାୟଗଡା, ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ଦେଇ ଯାତ୍ରା କରିବ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୁମ୍ଭମେଳା ପାଇଁ ସ୍ୱତନ୍ତ୍ର ବସର ଆଜି ଶୁଭାରମ୍ଭ କରିଛନ୍ତି। ଏହି ସ୍ୱତନ୍ତ୍ର ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ବସରେ ଓଡ଼ିଶାରୁ ସିଧା ପ୍ରୟାଗରାଜ ଯିବାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ମାର୍ଗ ପାଇଁ ୨ଟି ଲେଖାଏଁ ବସ୍ ରହିଛି। ଟିକେଟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିଛି

# ସୁନା ଅଳଙ୍କାର ରପ୍ତାନୀ ୧୨% ବୃଦ୍ଧି



ନୂଆଦିଲ୍ଲୀ: ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ସୁନା ଅଳଙ୍କାର ରପ୍ତାନୀ ୧୨ ପ୍ରତିଶତ ବଢିଛି । ଅନ୍ୟପଟେ ହୀରା ରପ୍ତାନୀରେ ୧୦ ପ୍ରତିଶତ ହ୍ରାସ ଘଟିଛି । ରତ୍ନ ଏବଂ ଅଳଙ୍କାର ରପ୍ତାନୀ ପ୍ରୋତ୍ସାହନ ପରିଷଦ ଏହି ସୂଚନା ଦେଇଛି । ଜିଜେଇପିସି ଆଗାମୀ ଦିନରେ ଖାସକରି ଆମେରିକାକୁ ହୀରା ରପ୍ତାନୀରେ ସୁଧାର ଆସିବ ବୋଲି ଆଶା ବ୍ୟକ୍ତ କରିଛି । ମୋଟ ହୀରା ରପ୍ତାନୀର ପ୍ରାୟ ଅଧା ଆମେରିକାକୁ ହୋଇଥାଏ । ଆର୍ଥିକ ବର୍ଷ ୨୦୨୪-୨୫ରେ ଏପ୍ରିଲରୁ ନଭେମ୍ବର ମଧ୍ୟରେ ପଲିସ୍ ହୀରା ରପ୍ତାନୀ ଗୋଟିଏ ବର୍ଷ ପୂର୍ବେ ସମାନ ଅବଧି ତୁଳନାରେ ୧୮.୮ ପ୍ରତିଶତ ହ୍ରାସ ପାଇ ୮୯୮.୦୨ କୋଟି ଡଲାର ରହିଛି । ଚୀନର ଚାହିଦା କମିବା ହୀରା ରପ୍ତନୀ ହ୍ରାସ ପଛର ଏକ କାରଣ । ଜିଜେଇପିସି ଅନୁସାରେ ଆମେରିକାରେ ଥ୍ୟାଙ୍କ୍ସଗିଭିଙ୍ଗ ଫେଷ୍ଟିଭାଲ୍ ସମୟରେ ହୀରା ଚାହିଦା ୫ ପ୍ରତିଶତ ଯାଏ ବଢିପାରେ । ଜିଜେଇପିସି ଅଧ୍ୟକ୍ଷ ବିପୁଲ ଶାହ କହିଛନ୍ତି ଯେ ଖରାପ ସମୟ ବିତିସାରିଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ୧୦ ପ୍ରତିଶତ ହ୍ରାସ ଆସିଛି । ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ନୂଆ ସରକାର ଏବଂ ଆର୍ଥିକ ବର୍ଷ ୨୦୨୫-୨୬ରେ ୧୦-୧୫ ବୃଦ୍ଧି ଅନୁମାନ ରଖାଯାଇଛି । ଜିଜେଇପିସିକର ରାଜ୍ୟ ଅଧିକାରୀ ପଙ୍କଜ ପାରେଖ କହିଛନ୍ତି ଯେ ସୁନାର ବଢୁଥିବା ମୂଲ୍ୟ ଯୋଗୁଁ ସୁନା ଅଳଙ୍କାର ରପ୍ତାନୀକୁ ଲାଭ ପହଞ୍ଚିଛି ।

# ୧୩ରୁ ଆମାଜନ୍ ଗ୍ରେଟ୍ ରିପବ୍ଲିକ୍ ଡ଼େ ସେଲ୍




ନୂଆଦିଲ୍ଲୀ : ୧୩ରୁ ଆରମ୍ଭ ହେବାକୁ ଯାଉଛି ଆମାଜନ୍ ଗ୍ରେଟ୍ ରିପବଲିକ୍ ଡ଼େ ସେଲ ୨୦୨୫। ଯେଉଁଥିରେକି ୧୩ ତାରିଖ ଅପରାହ୍ନ ୧୨ରୁ ସ୍ୱତନ୍ତ୍ରଭାବେ ୧୨ଘଂଟା ପାଇଁ ପ୍ରାଇମ ସଦସ୍ୟମାନେ ଏହାର ଲାଭ ଉଠାଇପାରିବେ । ଏଥିରେ ଗ୍ରାହକମାନେ ବିଭିନ୍ନ କାଟେଗୋରୀ ଯେପରିକି ସ୍ମାର୍ଟଫୋନ, ଫ୍ୟାଶନ୍ ଏବଂ ବିୟୁଟି, ଘରୋଇ ଏବଂ ରୋଷେଇ, କଂଜ୍ୟୁମର, ଇଲେକ୍ଟ୍ରୋନିକ୍ସ, ଗ୍ରୋସରୀ ଇତ୍ୟାଦି ସୁଲଭ ମୁଲ୍ୟରେ କ୍ରୟ କରିପାରିବେ । ଆହୁରିମଧ୍ୟ ଗ୍ରାହକମାନେ ବିଭିନ୍ନ ଅଗ୍ରଣୀ ବ୍ରାଣ୍ଡ ଯେପରିକି ୱାନପ୍ଲସ୍, ଆପଲ, ବୋଟ୍, ସାମସଙ୍ଗ, ସୋନୀ, ଏଲଜି, କ୍ରକ୍ସ, ଟାଇଟେନ୍ ଇତ୍ୟାଦି ବ୍ରାଣ୍ଡର ଉତ୍ପାଦ ଗୁଡ଼ିକ ମଧ୍ୟରୁ ଚୟନ କରିପାରିବେ। ଉକ୍ତ ଅଫର ଗୁଡ଼ିକ ମଧ୍ୟରେ ଗ୍ରାହକମାନେ ଏସବିଆଇ କ୍ରେଡ଼ିଟ କାର୍ଡ଼ ଏବଂ ଇଏମଆଇ ନେଣଦେଣ ଉପରେ ୧୦% ତତ୍କାଳ ରିହାତି ପାଇପାରିବେ । ଆମାଜନ୍ ପେ ଲ୍ୟାଟର ସହିତ ଗ୍ରାହକମାନେ ୬୦,୦୦୦ ପର୍ଯ୍ୟନ୍ତ ଇନଷ୍ଟାଂଟ କ୍ରେଡ଼ିଟ ଏବଂ ୬୦୦ ଟଙ୍କା ପର୍ଯ୍ୟନ୍ତ ୱେଲକମ୍ ରିୱାର୍ଡ଼ ମଧ୍ୟ ପାଇପାରିବେ। ଅଗ୍ରଣୀ ସ୍ମାର୍ଟଫୋନ୍ ଯେପରିକି ୱାନ୍‌ପ୍ଲସ, ଆପଲ,ସାମସଙ୍ଗ, ରିଅଲମି, ସାଓମି, ପୋକୋ, ମୋଟୋରୋଲା ଆଦିର ଲାଟେଷ୍ଟ ମଡ଼େଲ ଗୁଡ଼ିକ ଉପରେ ଆକର୍ଷଣୀୟ ରିହାତି ଉପଲବ୍ଧ। ୨୫୦ରୁ ଅଧିକ ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଗୁଡ଼ିକ ଉପରେ ୭୫% ପର୍ଯ୍ୟଂ ରିହାତି ସହିତ ୨୧,୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଏକ୍ସଚେଂଜ ଅଫର ଏବଂ ୱାସିଙ୍ଗ ମେସିନ୍, ରେଫ୍ରିଜେରେଟର, ଚିମିନୀ, ମାଇକ୍ରୋୱେଭ୍ ଏବଂ ଡ଼ିସ୍‌ୱାସର ଗୁଡ଼ିକ ଉପରେ ଗ୍ରାହକମାନେ ୬୦% ପର୍ଯ୍ୟନ୍ତ ରିହାତି ପାଇପାରିବେ । ଗ୍ରାହକମାନଙ୍କ ପାଇଁ ଆହୁରି ମଧ୍ୟ ଫ୍ୟାସନ୍ ଏବଂ ବିୟୁଟି ଉତ୍ପାଦ ଯେପରିକି ଲିବାସ୍, ବିବା, ଫରେଭର ୨୧ ଏବଂ ଡ଼ବ୍ଲୁ ଇତ୍ୟାଦି ବ୍ରାଣ୍ଡ ଗୁଡ଼ିକ ଉପରେ ୫୦-୮୦% ପର୍ଯ୍ୟନ୍ତ ଅଫର ଉପଲବ୍ଧ ।

# ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ପହଞ୍ଚାଇଲେ ମିଳିବ ଟଙ୍କା : ଗଡକରୀ



ନୂଆଦିଲ୍ଲୀ: ଦେଶରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବହୁଳ ମାତ୍ରାରେ ଘଟୁଛି। ଏଥିରେ ବହୁ ଲୋକ ମୃତ୍ୟୁ ମୁଖରେ ମଧ୍ୟ ପଡୁଛନ୍ତି। ଏହି ସମୟରେ, କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ଏକ ବଡ଼ ଘୋଷଣା କରିଛନ୍ତି। ସରକାର ସଡ଼କ ଦୁର୍ଘଟଣା ପୀଡିତଙ୍କୁ ତୁରନ୍ତ ଡାକ୍ତରଖାନା ନେଉଥିବା ଲୋକଙ୍କୁ ଦିଆଯାଉଥିବା ପୁରସ୍କାର ପରିମାଣ ବୃଦ୍ଧି କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁପମ ଖେର କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ ପଚାରିଥିଲେ। ଅଭିନେତା ଅନୁପମ ଖେରଙ୍କ ସହ କଥାବାର୍ତ୍ତା ସମୟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ ସେ ପୁରସ୍କାର ରାଶି ବୃଦ୍ଧି କରିବାକୁ ତାଙ୍କ ସଡ଼କ ପରିବହନ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଦୁର୍ଘଟଣା ପୀଡିତଙ୍କୁ ଠିକ ସମୟରେ ଡାକ୍ତରଖାନା ନେଉଥିବା ଲୋକଙ୍କୁ ୨୫,୦୦୦ ଟଙ୍କା ପୁରସ୍କାର ଦିଆଯିବ। ବର୍ତ୍ତମାନ, ଏହା କରିବା ପାଇଁ ୫,୦୦୦ ଟଙ୍କା ପୁରସ୍କାର ଦିଆଯାଉଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ଆମେ ଆଉ ଏକ କାମ କରିଛୁ ଯେ ଯଦି କେହି ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି ଏବଂ ପୋଲିସ ଏହାକୁ ସେମାନଙ୍କ ରେକର୍ଡରେ ପଞ୍ଜିକୃତ କରେ, ତେବେ ସାତ ଦିନର ଖର୍ଚ୍ଚ (୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ) ସେହି ହସ୍ପିଟାଲକୁ ଦିଆଯିବ ଯେଉଁଠାରେ ତାଙ୍କୁ ଭର୍ତ୍ତି କରାଯାଇଛି। ଆମେ ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଦୂର କରିବା ଏବଂ ଏହାକୁ ସ୍ୱଚ୍ଛ କରିବା ପାଇଁ କାମ କରୁଛୁ। ପୀଡିତଙ୍କୁ ତୁରନ୍ତ ସାହାଯ୍ୟ ପାଇବା ପାଇଁ ସବୁକିଛି ଅନଲାଇନ ହେଉଛି। ଆମେ ଏବେ ଚଣ୍ଡିଗଡ଼ ଏବଂ ଅନ୍ୟାନ୍ୟ ସ୍ଥାନ ସମେତ ପ୍ରତ୍ୟେକ ରାଜ୍ୟରେ ପାଇଲଟ ପ୍ରୋଜେକ୍ଟ ଚଳାଉଛୁ, ଏବଂ ସ୍ଥାନାନ୍ତର ବ୍ୟବସ୍ଥା କରିବୁ ଏବଂ ଆମେ କଲେକ୍ଟରଙ୍କୁ କ୍ଷମତା ଦେବୁ ଏବଂ ଦୁର୍ଘଟଣା ଘଟିବା ମାତ୍ରେ ଏସବୁ ତୁରନ୍ତ ଯୋଗାଇ ଦିଆଯିବ ଏବଂ ତାଙ୍କୁ ସାହାଯ୍ୟ କରାଯିବ।

# ମାର୍କେଟରେ ପ୍ରବେଶ କଲା ଫ୍ଲାଗସିପ୍ ନୂତନ ପିଜନ ମଡେଲ



ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଗୃହ, ରୋଷେଇ ଘର ଏବଂ ଆଲୋକ ସମାଧାନ ପ୍ରଦାନକାରୀ କମ୍ପାନୀ ଷ୍ଟୋଭ୍‌କ୍ରାଫ୍ଟ ଏହାର ଫ୍ଲାଗସିପ୍ ବ୍ରାଣ୍ଡ - ପିଜନ୍ ସହିତ ଏକ ଅନନ୍ୟ ଫ୍ରାଚାଇଜ୍ ସୁଯୋଗ ଘୋଷଣା କରିଛି। ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକ ଅଭିନବ, ଶୂନ୍ୟ-ପୁଞ୍ଜି-ବ୍ୟୟ (ସିଓଏଫ୍‌ଓ) ମଡେଲ୍ ଏବଂ ଫ୍ରାଚାଇଜ୍ ମାଲିକାନା ଏବଂ ପରିଚାଳିତ (ଏଫ୍‌ଓଏଫ୍‌ଓ) ମଡେଲ୍ ମାଧ୍ୟମରେ ଖୁଚୁରା କ୍ଷେତ୍ରରେ ଯୋଗଦେବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବା। ଜୁନ୍ ୨୦୨୨ରେ ପିଜନ ଏହାର ପ୍ରଥମ ଷ୍ଟୋର ଲଂଚ କରିଥିଲା ଏବଂ ୧୪ ମାସ ମଧ୍ୟରେ ଏହାର ୧୦୦ତମ ଷ୍ଟୋର ମାଇଲଖୁଣ୍ଟରେ ପହଂଚିଥିଲା । ଏବେ କମ୍ପାନୀ ସାରା ଦେଶରେ ୨୨୭ଟି ଷ୍ଟୋର ଚଳାଉଛି। ଷ୍ଟୋଭକ୍ରାଫ୍ଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି, 'ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଏବଂ ଦେଶବ୍ୟାପୀ ଆମର ବ୍ରାଣ୍ଡ୍ ପାଦଚିହ୍ନ ବିସ୍ତାର କରିବା ଦିଗରେ ଆମର ପ୍ରତିବଦ୍ଧତାର ପ୍ରମାଣ ହେଉଛି ପିଜନଙ୍କ ଫ୍ରାଞ୍ଚାଇଜ୍ ମଡେଲ୍। ଜିରୋ/ଲୋ-କ୍ୟାପେକ୍ସ, ହାଇ-ମାର୍ଜିନ୍ ସୁଯୋଗ ପ୍ରଦାନ କରି ଆମେ ସମଗ୍ର ଦେଶରେ ପିଜନର ପହଂଚକୁ ପ୍ରୋତ୍ସାହିତ କରିବା ସହିତ ବ୍ୟବସାୟିକ ମାଲିକାନାକୁ ସୁଲଭ କରିବାକୁ ଲକ୍ଷ୍ୟ ରଖିଛୁ । ମିଳିତ ଭାବେ ଆମେ ପ୍ରତ୍ୟେକ ଭାରତୀୟଙ୍କ ଘରେ ଅଭିନବ ଓ ସୁଲଭ ରୋଷେଇ ଘର ଆଣିପାରିବା। ଷ୍ଟୋଭକ୍ରାଫ୍ଟ ଲିମିଟେଡର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ମୟଙ୍କ ଗୁପ୍ତା ଏହି ପଦକ୍ଷେପ ପାଇଁ ଉତ୍ସାହ ପ୍ରକାଶ କରି କହିଛନ୍ତି, 'କବୁତ ଫ୍ରାଚାଇଜ୍ ସୁଯୋଗ କେବଳ ଏକ ବ୍ୟବସାୟିକ ମଡେଲ ନୁହେଁ; ଏହା ଏକ ଭାଗିଦାରୀ । ଆମେ ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକ ସମୃଦ୍ଧ ଖୁଚୁରା ବ୍ୟବସାୟ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ, ମାର୍ଗଦର୍ଶନ ଏବଂ ସହାୟତା ପ୍ରଦାନ କରୁଛୁ । ଏକ ସଫଳ ଏବଂ ସ୍ଥାୟୀ ବ୍ୟବସାୟ ନିର୍ମାଣ କରିବା ସମୟରେ ଅସାଧାରଣ ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ଉଦ୍ୟୋଗୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସଶକ୍ତ କରିବା ଆମର ଲକ୍ଷ୍ୟ। ମିଳିତ ଭାବେ ଆମେ ରୋଷେଇ ଘର ସମାଧାନ ଶିଳ୍ପରେ ଏକ ନୂଆ ମାନଦଣ୍ଡ ସ୍ଥାପିତ କରୁଛୁ।

## ମହାକୁମ୍ଭରୁ ବଢ଼ିବ ଦେଶର ଅର୍ଥନୀତି

# ଶ୍ରଦ୍ଧାଳୁ ଖର୍ଚ୍ଚ କରିବେ ୪ ଲକ୍ଷ କୋଟିରୁ ଅଧିକ



ନୂଆଦିଲ୍ଲୀ: ବିଶ୍ୱର ଅନ୍ୟତମ ବୃହତ ଧାର୍ମିକ ସମାବେଶ ମହାକୁମ୍ଭ ମେଳା। ଏହାକୁ ମାନବ ଜାତିର ସବୁଠୁ ବଡ଼ ସାଂସ୍କୃତିକ ସମାଗମ ବୋଲି ମଧ୍ୟ ବିଶ୍ୱାସ କରାଯାଏ। କେବଳ ଯେ ଏହା ଆଧ୍ୟାତ୍ମିକ ମହତ୍ୱ ରଖିଥାଏ, ତାହା ନୁହେଁ ବରଂ ଏହାର ଆର୍ଥିକ ପ୍ରଭାବ ମଧ୍ୟ ଅସାଧାରଣ। ତେଣୁ ୨୦୨୫ର ମହାକୁମ୍ଭରୁ ୪ ଲକ୍ଷ କୋଟି ଟଙ୍କାର ଅଧିକ ବ୍ୟବସାୟ ହେବାର ଅନୁମାନ ରହିଛି । ଯାହା ଭାରତର ଅର୍ଥବ୍ୟବସ୍ଥାକୁ ବଡ଼ ଆକାରରେ ଯୋଗଦାନ ଦେବ। ଉତ୍ତର ପ୍ରଦେଶ ସରକାରଙ୍କ ଅନୁମାନ ଅନୁଯାୟୀ, ଏହି ଆୟୋଜନରେ ୪୦ କୋଟି ଟଙ୍କାରୁ ଅଧିକ ଶ୍ରଦ୍ଧାଳୁ ଅନ୍ତର୍ଜାତୀ ଆସିବେ। ଏମିତିରେ ଯଦି ପ୍ରତ୍ୟେକ ବ୍ୟକ୍ତି ହାରାହାରି ୫ ହଜାରରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି, ତେବେ ସମୁଦାୟ ଖର୍ଚ୍ଚ ୪.୫ ଲକ୍ଷ କୋଟି ଟଙ୍କା ପହଞ୍ଚିପାରେ। ଏଥିରେ ଘର ଭଡ଼ା, ପରିବହନ, ଖାଦ୍ୟପେୟ, ହସ୍ତଶିଳ୍ପ ଏବଂ ପର୍ଯ୍ୟଟନ ଭଳି ବିଭିନ୍ନ କ୍ଷେତ୍ରକୁ ଫାଇଦା ହେବ। ମହାକୁମ୍ଭରୁ ଜିଡିପି ତଥ୍ୟରେ ୧%ରୁ ଅଧିକର ବୃଦ୍ଧି ହେବା ନେଇ ଅନୁମାନ ରହିଛି। ୨୦୨୩-୨୪ରେ ଭାରତର ଜିଡିପି ୨୯୫.୩୬ ଲକ୍ଷ କୋଟି ଟଙ୍କା ରହିଥିଲା, ଯାହା ୨୦୨୪-୨୫ରେ ୩୨୪.୧୧ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିବା ଆଶା ରହିଛି। ଏହି ବୃଦ୍ଧିରେ ମହାକୁମ୍ଭର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ପ୍ରତିଦିନ ସ୍ନାନ ସମୟରେ ଅଳ୍ପ ନଡ଼ିଆତେଲ କିମ୍ବା ସୋରିଷ ତେଲ ତୁଳାରେ ନେଇ ନଖ ଉପରେ ଲଗାନ୍ତୁ। ରସୁଣକୁ ଛେଚି ଏହାର ରସକୁ ନଖରେ ଲଗାଇ ୫ ମିନିଟ୍ ପରେ ପୋଛିବେ। ଶକ୍ତ ନଖ ପାଇଁ ଏହି ଉପାୟକୁ ସପ୍ତାହରେ ୨-୩ଦିନ କରିବା ଉଚିତ। ଭଲ କମ୍ପାନୀର ନେଲ୍‌ପଲିସ୍ ଲଗାଇବା ଉଚିତ। ନଚେତ୍ ଏଥିରେ ଥିବା ରାସାୟନିକ ତତ୍ତ୍ୱ ନଖକୁ ଦୁର୍ବଳ କରେ। ଭିଟାମିନ୍ ଭରପୂର ଡାଲି ଓ ପନିପରିବା ପ୍ରତିଦିନ ଖାଇଲେ ଆପଣଙ୍କ ନଖକୁ ଆବଶ୍ୟକ ପରିମାଣରେ ପୋଷକତତ୍ତ୍ୱ ମିଳେ। ୪ ରୁ ୫ଟି ରସୁଣ ନେଇ ଏହାର ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଅଳ୍ପ ନେଲପୋଲିସ ଥିବା ବୋତଲରେ ଭଲ ଭାବେ ମିଶାଇ ରଖନ୍ତୁ। ନେଲପୋଲିସ ଲଗାଇବା ଭଳି ଏହାକୁ ଲଗାଇ ୧ ରୁ ୨ ଘଣ୍ଟା ରଖି ଉଷୁମ ପାଣିରେ ହାତ ଧୋଇବା ସହ ସେହି ନେଲପୋଲିସକୁ ମଧ୍ୟ ଛଡ଼ାଇ ଦିଅନ୍ତୁ। ୨ ରୁ ୩ଟି ରସୁଣକୁ ପେଷ୍ଟ କରି ଅଲିଭ ଅଏଲରେ ମିଶାଇ ନଖରେ ଲଗାନ୍ତୁ। ଏକ ଘଣ୍ଟା ପରେ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ନଖ ପାଇଁ ବେଶ ଲାଭଦାୟକ।




## ୫୬ ଲକ୍ଷରେ ନିଲାମ ହେଲା ଭାରତର ଐତିହାସିକ 'ହଜ୍ ନୋଟ୍'




ନିକଟରେ ଲଣ୍ଡନରେ ଆୟୋଜିତ ଏକ ନିଲାମ ସମାରୋହରେ ଭାରତର ଐତିହାସିକ 'ହଜ୍ ନୋଟ' ୫୬,୪୯,୬୫୦ ଟଙ୍କାରେ ବିକ୍ରି ହୋଇଛି। ୧୯୫୦ ଦଶକରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ୧୦୦ ଟଙ୍କିଆ ଭାରତୀୟ ନୋଟକୁ 'ହଜ୍ ନୋଟ' ଭାବେ ଜାରି କରିଥିଲା। ଏହି ନୋଟର କ୍ରମିକ ସଂଖ୍ୟା ହେଉଛି 'ଏଚ୍‌ଏ ୦୭୮୪୦୦'। ବିଶେଷ କରି ହଜ୍ ଯାତ୍ରା ପାଇଁ ଗଲ୍ଫ ଦେଶଗୁଡ଼ିକୁ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ପାଇଁ ସେତେବେଳେ ଏହି ନୋଟ୍ ଜାରି ହୋଇଥିଲା। ବେଆଇନ ସୁନା କ୍ରୟ ବନ୍ଦ କରିବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ନୋଟକୁ ଆର୍‌ବିଆଇ ଜାରି କରିଥିଲା।ଏହି ଐତିହାସିକ ନୋଟର ପ୍ରିଫେକ୍ସ 'ଏଚ୍‌ଏ' ରହିଛି, ଯାହାଫଳରେ ଏହା ଆରବିଆଇ ଦ୍ୱାରା ଜାରି ସ୍ୱତନ୍ତ୍ର 'ହଜ୍ ନୋଟ' ହୋଇଥିବା ସ୍ପଷ୍ଟ ହୋଇଛି। ତେବେ ଏହି 'ହଜ୍ ନୋଟ'ର ବ୍ୟବହାର ଭାରତରେ ବୈଧ ନ ଥିବା ବେଳେ ସେତେବେଳେ ଏହାକୁ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ), କାତାର, ବାହାରିନ୍, କୁଏଟ ଏବଂ ଓମାନ ପରି ଗଲ୍ଫ ଦେଶରେ ବ୍ୟବହାର କରାଯାଉଥିଲା। ୧୯୬୨ରେ କୁଏଟ ନିଜର ମୁଦ୍ରା ଜାରି କରିବା ପରେ ୧୯୭୦ ଦଶକରେ 'ହଜ୍ ନୋଟ'ର ପ୍ରଚଳନ ଶେଷ ହୋଇଥିଲା। ସମ୍ପ୍ରତି ମୁଦ୍ରା ସଂଗ୍ରହକାରୀଙ୍କ ମଧ୍ୟରେ 'ହଜ୍ ନୋଟ'ର ଖୁବ୍ ଚାହିଦା ରହିଛି। ଐତିହାସିକ ଗୁରୁତ୍ୱ ବହନ କରୁଥିବାରୁ କେବଳ ଆର୍ଥିକ ଦୃଷ୍ଟିକୋଣରୁ ନୁହେଁ ବରଂ ଏହି ନୋଟ ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏତେ ଅଧିକ ମୂଲ୍ୟରେ ଏହି ନୋଟ ବିକ୍ରି ହୋଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେହିପରି ଉକ୍ତ ନିଲାମରେ ୧୦ ଟଙ୍କା ମୂଲ୍ୟର ୨ଟି ବିରଳ ପୁରାତନ ଭାରତୀୟ ନୋଟର ମଧ୍ୟ ବିକ୍ରି ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ୧୦ ଟଙ୍କିଆ ନୋଟ ୬.୯୦ ଲକ୍ଷ ଏବଂ ଅନ୍ୟଟି ୫.୮୯ ଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରି ହୋଇଛି। ୧୯୧୮ ମେ' ୨୫ରେ ଉଭୟ ନୋଟକୁ ଜାରି କରାଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧର ଶେଷାର୍ଦ୍ଧରେ ଉକ୍ତ ୨ ନୋଟର ଐତିହାସିକ ଗୁରୁତ୍ୱ ଥିବା ଜଣାପଡ଼ିଛି।



## ବେଡ୍ ରୁମରେ ଭୁଲରେ ରଖନ୍ତୁନି ଏହି ଜିନିଷ



**ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଏପରି ଅନେକ ଜିନିଷ ଅଛି ଯାହାକୁ ଭୁଲରେ ବି ବେଡ୍ ରୁମରେ ରଖିବା ଉଚିତ୍ ନୁହେଁ। ଏହିପରି ଜିନିଷ ସୁଖ, ଶାନ୍ତି ଏବଂ ଆର୍ଥିକ ସମୃଦ୍ଧି ସବୁକିଛି ଛଡ଼ାଇ ନେଇଥାଏ । ଆସନ୍ତୁ ଜାଣିବା ସେପରି କିଛ ଜିନିଷ ବିଷୟରେ ଯାହାକୁ ବେଡ୍ ରୁମରେ ରଖିବା ଆଦୌ ଉଚିତ୍ ନୁହେଁ।**

### ଧାରୁଆ ଜିନିଷ

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଆପଣ ବେଡ୍ ରୁମରେ କଇଁଚୀ, ଛୁରୀ କିମ୍ବା ଅନ୍ୟାନ୍ୟ ଧାରୁଆ ଜିନିଷ ରଖିବା ଉଚିତ୍ ନୁହେଁ। ଏହି ଜିନିଷଗୁଡ଼ିକ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ ଏବଂ ମତଭେଦ ସୃଷ୍ଟି କରିଥାଏ । ତେଣୁ, ସେଗୁଡ଼ିକୁ ରୋଷେଇ ଘର କିମ୍ବା ଅନ୍ୟାନ୍ୟ ସ୍ଥାନରେ ରଖିବା ଉଚିତ, ଯାହାଫଳରେ ପରିବେଶ ସକରାତ୍ମକ ରହିବ।

### ଧାର୍ମିକ ପୁସ୍ତକ

ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଶ୍ରୀମଦ୍ ଭାଗବତ ଗୀତା, ରାମାୟଣ, ମହାଭାରତ ଭଳି ଧାର୍ମିକ ପୁସ୍ତକ କେବେବି ଶୋଇବା ଘରେ ରଖିବା ଉଚିତ୍ ନୁହେଁ। ବେଡ୍ ରୁମରେ ଏହାକୁ ରଖିବା ଦ୍ୱାରା ଧାର୍ମିକ ପୁସ୍ତକ ପ୍ରତି ଅପମାନିତ ହୋଇଥାଏ।


### ଦେବା-ଦେବୀଙ୍କ ମୂର୍ତ୍ତି

ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଶୋଇବା ଘରେ କେବେବି ଦେବା-ଦେବୀଙ୍କ ପ୍ରତିମା କିମ୍ବା ଫଟୋ ରଖିବା ଉଚିତ୍ ନୁହେଁ। ଏହା କରିବା ଦ୍ୱାରା ଅଶୁଭ ହୋଇଥାଏ ଏବଂ ପରିବାର ସଦସ୍ୟ ମାନସିକ ଚାପର ଶିକାର ହୋଇପାରନ୍ତି । ଏହା ବ୍ୟତୀତ ଧୀରେ ଧୀରେ ଦାରିଦ୍ରତା ଆପଣଙ୍କୁ ପ୍ରଭାବିତ କରିବା ଆରମ୍ଭ କରେ ।

### ମୃତ ବ୍ୟକ୍ତିଙ୍କ ଫଟୋ

ବାସ୍ତୁ ଶାସ୍ତ୍ର ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ଫଟୋ ବେଡ୍ ରୁମରେ ରଖିବା ଉଚିତ୍ ନୁହେଁ। ଏହା କରିବା ଦ୍ୱାରା ନକାରାତ୍ମକ ଶକ୍ତି ଘର ଭିତରକୁ ଟାଣି ହୋଇଆସେ, ଯାହା ପରିବାର ସଦସ୍ୟଙ୍କ ମାନସିକ ଅବସ୍ଥାକୁ ଖରାପ କରିପାରେ । ତେଣୁ ବେଡ୍ ରୁମ୍ ପରିବର୍ତ୍ତେ, ସେହି ଫଟୋକୁ ଏକ ସମ୍ମାନଜନକ ସ୍ଥାନରେ ରଖାଯିବା ଉଚିତ, ଯେପରିକି ବାରଣ୍ଡା କିମ୍ବା ଡାଇନିଂ ହଲ୍ ।

## 'ଫତେହ୍'କୁ ପଛରେ ପକାଇଲା 'ଗେମ୍ ଚେଞ୍ଜର'




ଅଭିନେତା ସୋନୁ ସୁଦଙ୍କ 'ଫତେହ' ଓ ସାଉଥ୍ ସୁପରଷ୍ଟାର ରାମ ଚରଣଙ୍କ 'ଗେମ୍ ଚେଞ୍ଜର' ଶୁକ୍ରବାର ଏକସଙ୍ଗେ ବକ୍ସ ଅଫିସରେ ରିଲିଜ୍ ହୋଇଥିଲା। ତେବେ ରିଲିଜ୍ ହେବାର ପ୍ରଥମ ଦିନ ସୋନୁଙ୍କ 'ଫତେହ' ଦର୍ଶକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିପାରି ନାହିଁ। ବିଭିନ୍ନ ରିପୋର୍ଟ ଅନୁଯାୟୀ, 'ଫତେହ' ରିଲିଜ୍ ହେବାର ପ୍ରଥମ ଦିନରେ ସାରା ଦେଶରେ ମାତ୍ର ୨.୪୫ କୋଟି ଟଙ୍କାର ରୋଜଗାର କରିଛି। ତେବେ ୱିକ୍‌ଏଣ୍ଡ ଥିବାରୁ ଫିଲ୍ମ ହଲ୍‌ଗୁଡିକରେ ଅଧିକ ଦର୍ଶକ 'ଫତେହ' ଦେଖିବାକୁ ଆସିବେ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଆଶା କରାଯାଉଛି। ସେପଟେ ରାମଚରଣଙ୍କ 'ଗେମ୍ ଚେଞ୍ଜର' ରିଲିଜ୍ ହେବାର ପ୍ରଥମ ଦିନ ୭୬ କୋଟି ଟଙ୍କା ରୋଜଗାର କରିଛି। ଦେଶବ୍ୟାପୀ ଏହି ଫିଲ୍ମ ୬୦ କୋଟିର ବେପାର କରିଥିବା ବେଳେ ବିଦେଶରୁ ୧୬ କୋଟିର ବ୍ୟବସାୟ କରିଛି। 'ଗେମ୍ ଚେଞ୍ଜର' ଫିଲ୍ମ ସହ ବକ୍ସ ଅଫିସ୍ କ୍ଲାସ ହୋଇଥିବାରୁ ସୋନୁଙ୍କ 'ଫତେହ'କୁ କ୍ଷତି ସହିବାକୁ ପଡ଼ିଛି ବୋଲି ପ୍ରଥମ ଦିନର ବକ୍ସ ଅଫିସ ତଥ୍ୟ ଆସିବା ପରେ ଫିଲ୍ମ ସମୀକ୍ଷକମାନେ କହିଛନ୍ତି। ପ୍ରକାଶ ଯେ, 'ଫତେହ' ଏକ ଆକ୍ସନ୍ ଡ୍ରାମା ଚଳଚ୍ଚିତ୍ର ହୋଇଥିବାବେଳେ ଏଥିରେ ସୋନୁ ପ୍ରଥମଥର ନିର୍ଦ୍ଦେଶନା ଦେଉଥିବାର ନଜରକୁ ଆସିଛନ୍ତି। ଫିଲ୍ମରେ ସୋନୁଙ୍କ ସହ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଓ ଅଭିନେତା ନାସିରୁଦ୍ଦିନ ଶାହା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଛନ୍ତି। ଅନ୍ୟପକ୍ଷରେ 'ଗେମ୍ ଚେଞ୍ଜର' ଫିଲ୍ମରେ ରାମ ଚରଣଙ୍କ ବିପକ୍ଷରେ ଅଭିନେତ୍ରୀ କିଆରା ଆଡ୍‌ଭାନୀ ନଜରକୁ ଆସିଛନ୍ତି।

## 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୩'ରେ ନଜର ଆସିବେ ଅଲାୟା ଓ ଶନାୟା

୨୦୧୨ରେ କରନ୍ ଜୋହରଙ୍କ ବ୍ୟାନରରେ ନିର୍ମିତ ହୋଇଥିବା 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର' ଫିଲ୍ମ ଜରିଆରେ ଆଲିଆ ଭଟ୍ଟ, ବରୁଣ ଧୱନ ଓ ସିଦ୍ଧାର୍ଥ ମଲହୋତ୍ରା ବଲିଉଡ୍‌ରେ ପାଦ ରଖିଥିଲେ । ଫିଲ୍ମର ଦ୍ୱିତୀୟ ଭାଗରେ ଟାଇଗର ଶ୍ରଫଙ୍କ ସହିତ ଅନନ୍ୟା ପାଣ୍ଡେ ଓ ତାରା ସୁତାରିଆ ନଜର ଆସିଥିଲେ। ଏବେ ନିର୍ମାତାମାନେ ଏହାର ତୃତୀୟ ଭାଗ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୩' ବନାଇବାକୁ ପ୍ରସ୍ତୁତି ଚଳାଇଛନ୍ତି । ତେବେ ଏହା ଫିଲ୍ମ ନୁହେଁ, ବରଂ ଏକ ୱେବସିରିଜ୍ ହେବ। ଧର୍ମା ପ୍ରଡକ୍ସନ୍‌ର ଡିଜିଟାଲ ଶାଖା ଧର୍ମାଟିକ୍ ଏଣ୍ଟରଟେନମେଣ୍ଟ ଏହାର ନିର୍ମାଣ କରିବାକୁ ଥିବାବେଳେ ରିମା ମାୟା ନିର୍ଦ୍ଦେଶନା ଦେବେ । ସେଥିରେ ପୂଜା ବେଦୀଙ୍କର ଝିଅ ଅଲାୟା ଏଫ୍‌ଙ୍କୁ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ଚାଲିଛି । ସିରିଜ୍‌ରେ ଅଲାୟାଙ୍କର ଚରିତ୍ର ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିବାବେଳେ ଏହା ତାଙ୍କ କ୍ୟାରିୟର ଲାଗି ଟର୍ଣ୍ଣିଂପଏଣ୍ଟ ସାଜିପାରେ ବୋଲି ତାଙ୍କ ସହ ଘନିଷ୍ଠ ଜଣେ ବ୍ୟକ୍ତି ପ୍ରକାଶ କରିଛନ୍ତି । ଅଲାୟାଙ୍କ ସହିତ ଶନାୟା କପୁର ବି ଏଥିରେ ନଜର ଆସିପାରନ୍ତି। ତେବେ ଧର୍ମା ପ୍ରଡକସନ୍ସ ପକ୍ଷରୁ ଏ ସଂପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ । ଅଲାୟାଙ୍କୁ ଗତବର୍ଷ ଦୁଇଟି ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ମିଳିଥିଲା। 'ବଡ଼େ ମିୟାଁ ଛୋଟେ ମିୟାଁ'ରେ ସେ ଜଣେ ହ୍ୟାକରଙ୍କ ଭୂମିକାରେ ନଜର ଆସିଥିଲେ । 'ଶ୍ରୀକାନ୍ତ'ରେ ରାଜକୁମାର ରାଓଙ୍କ ସହିତ ଯୋଡ଼ି ବାନ୍ଧିଥିଲେ ସେ ।



## ପରଦାକୁ ଫେରିଲେ ହିନା

### କର୍କଟ ଚିକିତ୍ସା ଲାଗି ଛାଡ଼ିଥିଲେ ଅନେକ ପ୍ରୋଜେକ୍ଟ

ଟିଭି-ବଲିଉଡ୍ ଅଭିନେତ୍ରୀ ହିନା ଖାନ୍ ଏବେ କର୍କଟ ସହ ଲଢୁଛନ୍ତି । ଚିକିତ୍ସା ଯୋଗୁ ସ୍ୱାସ୍ଥ୍ୟର ଯତ୍ନ ନେବାରେ ତାଙ୍କର ଅଧିକାଂଶ ସମୟ ବିତୁଛି । ଫ୍ୟାନ୍‌ଙ୍କ ପାଇଁ ହିନା ଖୁସି ଖବର ଆଣିଛନ୍ତି । ଲମ୍ବା ବ୍ରେକ୍ ପରେ ସେ ପରଦାକୁ ଫେରୁଛନ୍ତି । ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ସେ କହିଛନ୍ତି, ସ୍ୱାସ୍ଥ୍ୟ ପାଇଁ ତାଙ୍କୁ ବ୍ରେକ୍ ନେବାକୁ ପଡ଼ିଲା । କିନ୍ତୁ ଯେତେବେଳେ ଜଣେ କଳାକାର ପରଦାଠୁ ଦୂରରେ ରହେ, ଲୋକେ ତାକୁ ଭୁଲିଯାଆନ୍ତି । ଆପଣ ଯେତେ ବଡ଼ ସେଲିବ୍ରିଟି ହେଲେ ବି କିଛି ଫରକ ପଡ଼ିବ ନାହିଁ ବୋଲି ହିନା ସ୍ୱୀକାର କରିଛନ୍ତି । ମନୋରଞ୍ଜନ ଉଦ୍ୟୋଗର ଏହା ଅପ୍ରିୟ ସତ । ତଥାପି ସ୍ୱାସ୍ଥ୍ୟଠୁ ବଳି ତାଙ୍କ ପାଇଁ ଆଉ କିଛି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସେଥିପାଇଁ ସେ କ୍ୟାରିଅରକୁ ଭୁଲି ଚିକିତ୍ସା ଉପରେ ଫୋକସ୍ କଲେ । ହିନା କହିଛନ୍ତି, ମଣିଷ ପାଇଁ ସ୍ୱାସ୍ଥ୍ୟ ସର୍ବପ୍ରଥମ ପ୍ରାଥମିକତା । ଜଟିଳ ସମୟରେ ତାଙ୍କ ପାଖରେ କିଛି ପ୍ରୋଜେକ୍ଟ ଥିଲା । ସବୁକିଛି ଠିକ୍‌ଠାକ୍ ଚାଲିଥିଲା । କାମ ଆରମ୍ଭ ହେବାକୁ ଯାଉଥିଲା । କର୍କଟ ଚିକିତ୍ସା ଲାଗି ତାଙ୍କୁ ତାହା ଛାଡ଼ିବାକୁ ପଡ଼ିଲା । ସେମାନେ ତାଙ୍କ ଲାଗି ଅପେକ୍ଷା କରିବା ବି ଠିକ୍ ନ ଥିଲା । ଏବେ କିନ୍ତୁ କାମ କରିବାକୁ ପ୍ରସ୍ତୁତ ବୋଲି ହିନା ସ୍ପଷ୍ଟ କରିଛନ୍ତି । ତାଙ୍କର ଏକ ନୂଆ ଶୋ' ଆସୁଛି ଯାହାର ଟାଇଟଲ୍ 'ଗୃହଲକ୍ଷ୍ମୀ' । ଆସନ୍ତା ୧୬ ତାରିଖରୁ ଏହା ପ୍ରସାରିତ ହେଉଛି । ଆଗକୁ ଭଲ ପ୍ରୋଜେକ୍ଟ ଓ ଭଲ ଚରିତ୍ର ମିଳିବ ବୋଲି ସେ ଆଶା କରୁଛନ୍ତି । ବ୍ରେକ୍ ପରେ ହିନା ଭିନ୍ନ ପ୍ରକାର ଭୂମିକା ନିର୍ବାହ କରିବାକୁ ଚାହୁଁଛନ୍ତି । ଫିଲ୍ମ ନିର୍ମାତାଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି 'ହିନା ଖାନ୍ ପରଦାକୁ ଓହ୍ଲାଇବାକୁ ପ୍ରସ୍ତୁତ । ସବୁ ପ୍ରକାର କାମ ପାଇଁ ତା' ପାଖରେ ତାରିଖ ଅଛି ।'

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଧାମନଗର (ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ବିଜେଡ଼ିର କାର୍ଯ୍ୟକାରିଣୀ ବୈଠକ ଦୋବଲ ନିକଟସ୍ଥ ଗୋହିରାଟିକିରି ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଯୋଗ ଦେଇ କର୍ମୀ ମାନେ ମନବଳ ଦୃଢ଼ କରି ଦଳକୁ ମଜବୁତ କରିବାସହ ଦଳର ଦଲାଲଙ୍କୁ ବାହାରକରି ନେତା ଓ କର୍ମୀଙ୍କୁ ନେଇ ସଂଗଠନକୁ ମଜବୁତ କରିବାକୁ ଗୁରୁମନ୍ତ୍ର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧାମନଗର ନିର୍ବାଚନ ମଣ୍ଡଳୀ ନେତା ଡ଼ା, ସଂଜୟ କୁମାର ଦାସ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଭଦ୍ରକ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଏମଡି ନୁରାନି, ଧୁସୁରି ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ ପ୍ରମୁଖ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ ।

### ଭତ୍ତା କେଳେଙ୍କାରୀ

# ପୁରୁଷଙ୍କୁ ବିଧବା ଓ ଭେଣ୍ଡିଆଙ୍କୁ ବାର୍ଦ୍ଧକ୍ୟ ଭତ୍ତା !

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ସରକାର ବୃଦ୍ଧ, ବୃଦ୍ଧା, ଅସହାୟ, ବିଧବା ମହିଳା ଓ ଦିବ୍ୟାଙ୍ଗଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ବିଭିନ୍ନ ଭତ୍ତା ପ୍ରଦାନ କରୁଛନ୍ତି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ଏହି ଯୋଜନାରେ ବଡ଼ କେଳେଙ୍କାରୀ ହୋଇଥିବା ନଜରକୁ ଆସିଛି। କେଉଁଠି ଭେଣ୍ଡିଆଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି ତ ଆଉ କେଉଁଠି ସଧବାଙ୍କୁ ବିଧବା ଭତ୍ତା ଦିଆଯାଉଛି। କେବଳ ସେତିକି ନୁହେଁ ୮୦ ବର୍ଷ ରୁ କମ୍ ବୃଦ୍ଧବୃଦ୍ଧାଙ୍କୁ ୮୦ବର୍ଷ ଦର୍ଶାଇ ଭତ୍ତା ପ୍ରଦାନ କରାଯାଉଛି। ଏପରିକି ପୁରୁଷଙ୍କୁ ମଧ୍ୟ ବିଧବା ଭତ୍ତା ପ୍ରଦାନ କରାଯାଉଥିବା ଭଳି ସାଙ୍ଘାତିକ




କେଳେଙ୍କାରୀ ନଜରକୁ ଆସିଛି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନା ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ଏଭଳି ଆଖିବୁଝା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସବୁଠୁ ବଡ଼ କଥା ହେଲା ବିଧବା ଭତ୍ତା ଯୋଜନାରେ ପୁରୁଷଙ୍କୁ ମଧ୍ୟ ଭତ୍ତା ଦିଆଯାଉଛି। ୬୦ବର୍ଷରୁ କମ୍ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ଅନ୍ୟ ପଟେ ଅନେକ ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ସାମାଜିକ ସୁରକ୍ଷା ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳ ସମାଜସେବୀ ଅମୀୟ ରଞ୍ଜନ ବାରିକି ଅଭିଯୋଗ କରିଛନ୍ତି । ତୁରନ୍ତ ସ୍ୱତନ୍ତ୍ର ଟିମ୍ ଶହ ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ଯାଞ୍ଚ କଲେ ସ୍ପଷ୍ଟ ଘଟଣା ସାମ୍ନାକୁ ଆସିବ। ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ଏଠି ଏଭଳି ଭତ୍ତା କେଳେଙ୍କାରୀ କରାଯାଇଥିବା କୁହାଯାଇଛି। ଏ ସମ୍ପର୍କରେ ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରା କହିଛନ୍ତି ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ ହେବ। ଏଠି ପ୍ରଶ୍ନ ଉଠୁଛି କିପରି ଭାବରେ ଭତ୍ତା ଜାଲିଆତି ହେଉଛି କାହଁକି ପ୍ରଶାସନ ତଦନ୍ତ କରୁନାହିଁ। ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଜନ ସାଧାରଣ ଦାବି କରିଛନ୍ତି।

# ଜୋର ଧରିଲା ପଟ୍ଟାମୁଣ୍ଡାଇ ସବ୍ ଡିଭିଜନ ମାନ୍ୟତା ଦାବି

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବାସୀ ବହୁ ଦିନ ଦାବି କରି ଆସୁଛନ୍ତି ପଟ୍ଟାମୁଣ୍ଡାଇ ସବ୍ ଡିଭିଜନ ମାନ୍ୟତା ପାଉ। କିନ୍ତୁ ବହୁ ଆନ୍ଦୋଳନ ପରେ ରାଜନୈତିକ ଯୁଦ୍ଧରେ ପଟ୍ଟାମୁଣ୍ଡାଇ ବାସୀଙ୍କ କଥାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ନାହାନ୍ତି। ଆଜି ପଟ୍ଟାମୁଣ୍ଡାଇ ବାସୀଙ୍କ ପାଇଁ ବିରୋଧ ସାଜି ଛନ୍ତି ରାଜନୈତିକ ନେତା । ସେଇ ନେତାଙ୍କ ଉଦାସୀନତା ପାଇଁ ପଟ୍ଟାମୁଣ୍ଡାଇ ସବ୍‌ଡଭିଜନର ମାନ୍ୟତା ପାଇ ବାରେ ବିଳମ୍ବ ଘଟୁଛି । ପଟ୍ଟାମୁଣ୍ଡାଇର ସବୁ ସରକାରୀ ସ୍କୁଲରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅଭାବ ଯୋଗୁ ବହୁ ସ୍କୁଲରେ ପାଠ ପଢା ବି ବ୍ୟାହତ ଘଟୁଛି। ସେହିପରି ପଟ୍ଟାମୁଣ୍ଡାଇରେ ଥିବା ସରକାରୀ ଡାକ୍ତରଖାନାରେ ବହୁ ଡାକ୍ତର ପଦବୀ ପୂରଣ ନ ହେବା ଦ୍ୱାରା ପଟ୍ଟାମୁଣ୍ଡାଇ ବାସୀ ରୋଗୀ ସେବା ନପାଇ କେନ୍ଦ୍ରାପଡ଼ାକୁ ଯାଉଛନ୍ତି। ପଟ୍ଟାମୁଣ୍ଡାଇରେ ସବୁ ସରକାରୀ କାର୍ଯ୍ୟାଳ ରେ ସରକାରୀ କର୍ମଚାରୀ ପଦବୀ ପୁରାଣ ନ ହେବା ଦ୍ୱାରା ଜନ ସାଧାରଣଙ୍କ କାର୍ଯ୍ୟରେ ଅସୁବିଧା ହେଉଛି । ପଟ୍ଟାମୁଣ୍ଡାଇ ଏକ ପୌରପରିଷଦ ଘୋଷଣା ହେଲେ ବି, ପଟ୍ଟାମୁଣ୍ଡାଇ ବଜାରରେ ଏକ ଶୌଚାଳୟ ଟି ବି ନାହିଁ। ପଟ୍ଟାମୁଣ୍ଡାଇରେ ଥିବା ବହୁ ପୁରୁଣା ପରିବା ହାଟକୁ ବନ୍ଦ କରି ଦିଆଯାଇଛି। ରାସ୍ତା ଘାଟ ବିପର୍ଯ୍ୟସ୍ତ ହେଇ ପଡ଼ିବା ଦ୍ୱାରା ପଟ୍ଟାମୁଣ୍ଡାଇ ଜନ ସାଧାରଣ ଯିବ ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଅଞ୍ଚଳର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ସମାଜସେବୀ ଓ ପଟ୍ଟାମୁଣ୍ଡାଇ ଏସୟୁଜେ ସାମ୍ବାଦିକ ସଂଘର କର୍ମକର୍ତ୍ତାଙ୍କର ମୁଖ୍ୟ ଦାବି ହେଉଛି ପଟ୍ଟାମୁଣ୍ଡାଇ ପୁଣି ନିର୍ବାଚନ ମଣ୍ଡଳୀ ମାନ୍ୟତା ପାଇବା ସହିତ ପଟ୍ଟାମୁଣ୍ଡାଇରେ ସବ୍ ଡିଭିଜନ ନିହାତି ଆବଶ୍ୟକ। ଯଦି ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ତାହାର ନିର୍ବାଚନ ମଣ୍ଡଳୀ ଓ ସବ୍ ଡିଭିଜନ ମାନ୍ୟତା ନ ପାଏ ଆଗାମୀ ଦିନ ଦଳ ମତ ନିର୍ବିଶେଷରେ ଏକ ବିରାଟ ଜନ ଆନ୍ଦୋଳନ ଦେଖା ଦେବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ପଟ୍ଟାମୁଣ୍ଡାଇ ସବ୍ ଡିଭିଜନ ମାନ୍ୟତା ଓ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀ ଘୋଷିତ ନ ହୁଏ ପଟ୍ଟାମୁଣ୍ଡାଇ ଜନସାଧାରଣଙ୍କ ସହିତ ପଟ୍ଟାମୁଣ୍ଡାଇ ଏସୟୁଜେ ସାମ୍ବାଦିକ ସଂଘ ବି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସଭାପତି ଘୋଷଣା କରିଛନ୍ତି।

# କାପୁଡିଆ ସମାଜ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ଢେଙ୍କାନାଳ (ଭାସ୍କର ନ୍ୟୁଜ): କାପୁଡିଆ ସମାଜର ତୃତୀୟ ବାର୍ଷିକ ସମ୍ମିଳନୀ ପାଇଁ ରାସୋଳ ନିକଟସ୍ଥ ବାଲିକିଆରୀ ଗ୍ରାମରେ ଜିଲ୍ଲା ସଭାପତି ଖଗେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାର୍ଚ୍ଚ ୯ ତାରିଖ ଦିନ ବାଲିକିଆରୀ ନୂଆସାହି ମହର୍ଷି ତପୋବନ ମଠ ପ୍ରାଙ୍ଗଣରେ କାପୁଡିଆ ସମାଜ ବାର୍ଷିକ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଅଛି । ଜିଲ୍ଲା ତଥା ରାଜ୍ୟର କପଡ଼ିଆ ସମାଜର ବହୁ ସଂଖ୍ୟାରେ ଏହି ସମ୍ମିଳନୀରେ ଯୋଗଦବା ପାଇଁ ଅନୁରୋଧ କରାଯାଇଛି । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଜାତିର ବ୍ୟକ୍ତି ବିଶେଷଙ୍କୁ ସମ୍ମିଳନୀରେ ସମ୍ମାନିତ କରାଯିବ। ଉକ୍ତ ପ୍ରସ୍ତୁତି ବୈଠକରେ କାପୁଡିଆ ସମାଜର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବି ନବ କିଶୋର ଗୁରୁ, ଜିଲ୍ଲା ସାଧାରଣ ସମ୍ପାଦକ ଭାସ୍କର ନାୟକ, ଜିଲ୍ଲା ଉପସଭାପତି ବିପିନ ବିହାରୀ ଦାସ, ପ୍ରମୋଦ କୁମାର ଦାସ, ଭାଗବତ ନାୟକ, ନବ କିଶୋର ପୋଥାଳ, ଅକ୍ଷୟ କୁମାର ସାହୁ, ବିନୟ କୁମାର ସାହୁ, ଘନଶ୍ୟାମ ଗୁରୁ, ପ୍ରସନ୍ନ କୁମାର ସାହୁ, ବିଦ୍ୟାଧର ଦାସ, ହୃଦାନନ୍ଦ ଦାସ, ଗୋବିନ୍ଦ ଦାସ, ଜଗନ୍ନାଥ ପୋଥାଳ, ବିନୋଦ ସାହୁ, ରମେଶ ଗୁରୁ, ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ତ୍ରିନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୯୯୦ ବ୍ୟାଚର ବନ୍ଧୁମିଳନ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ପଞ୍ଚାୟତର ଜଳହରିସ୍ଥିତ ସାରସ୍ୱତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୦ ମ୍ୟାଟ୍ରିକ୍ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଦିନ ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଦେବେନ୍ଦ୍ର ଦାଶ, ଶରତ ସେଠୀ, ମିହିର ଜେନା, ଜଗନ୍ନାଥ ବେହେରା, ଅଶୋକ ବେହେରା, ସୁନୀତା ମିଶ୍ର, ପୂର୍ଣ୍ଣିମା ସେଠୀ, ରେଣୁକା ସାମଲ, ସୁବାଷ ଦାସ,ଅମିତା ବେହେରା, ବସନ୍ତ ଜେନା, ମନୋଜ ମହାକୁଡ଼, ଶ୍ରୀଧର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂର୍ବତନ ସୈନିକ ସଂଘର ବନ୍ଧୁମିଳନ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ପୂର୍ବତନ ସୈନିକମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଟେଲ ନିରୁପମା ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ, ପର୍ଜଙ୍ଗ ବ୍ଲକ, ହିନ୍ଦୋଳ ବ୍ଲକ, ବଣସିଂହ ଅଞ୍ଚଳ, ଭାପୁର ଓ ତାଳବାରକୋଟ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ପୂର୍ବତନ ସୈନିକମାନେ ଯୋଗଦାନ କରିଥିଲେ। ସଂଘର ସଭାପତି କୈଳାସ ଚନ୍ଦ୍ର ରାଉତଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଓଜସ୍ୱୀ ବକ୍ତବ୍ୟ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନେତା ତଥା ସମାଜସେବୀ ରାମଚନ୍ଦ୍ର ପାତ୍ର ଉପସ୍ଥିତ ହୋଇ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ ପ୍ରଭାବିତ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଘର ସଭାପତି କୈଳାସ ଚନ୍ଦ୍ର ରାଉତ ତଥା ସହଯୋଗୀ ମାନେ ସମସ୍ତ ଦାୟିତ୍ୱ



ନେଇ ସୂଚାରୁ ରୁପେ ପରିବାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ସହିତ ଉପଦେଷ୍ଟା ଭ୍ରମରବର ଦଳାଇ, ଉପସଭାପତି ବିମଳ କୁମାର ଶତପଥି ଓ ବିଭୁତିଭୁଷଣ ନନ୍ଦ, ସମ୍ପାଦକ ସୁବାସ ଚନ୍ଦ୍ର ହୋତା, ଯୁଗ୍ମ ସଂପାଦକ ବଟକୃଷ୍ଣ ସାହୁ, ରାମଚନ୍ଦ୍ର ମୁକୁଟ, ହାଡିବନ୍ଧୁ ଦାସ, ଦୁର୍ଗା ମହାପାତ୍ର, ରଞ୍ଜିତ ପାଣିଗ୍ରାହୀ, ମାନସ ରଞ୍ଜନ ପଣ୍ଡା, ଭଜମନ ବେହେରା, ବୀରେନ୍ ବିଶ୍ୱାଳ, ଦାଶରଥି ବରାଳ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ମିଶ୍ର, ନିରଞ୍ଜନ ସାହୁ, ଆର୍ତ୍ତତ୍ରାଣ ସାହୁ, ଆଦି ସଦସ୍ୟମାନେ ଯୋଗଦେଇ ସାଫଲ୍ୟ ମଣ୍ଡିତ କରିଥିଲେ।

# କ୍ରିତିକା ଉତ୍ସବ ଉଦ୍‌ଘାଟିତ

ରଘୁନାଥପୁର (ଭାସ୍କର ନ୍ୟୁଜ): କଲରାବାଙ୍କ ସ୍ଥିତ କଳିଙ୍ଗ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଓ କଲରାବାଙ୍କ ଉଚ୍ଚ ବିଦ୍ୟାଳୟ ଦ୍ୱାରା ମିଳିତ ଆୟୋଜନରେ ସୃଜନଶୀଳ ଅଭିବ୍ୟକ୍ତିର ଏକ ଅନନ୍ୟ ମହୋତ୍ସବ କ୍ରୀତିକା ଉତ୍ସବ ୨୦୨୫ ରବିବାର ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ କଲରାବାଙ୍କ ଇଂରାଜୀ ମାଧ୍ୟମିକ



ବିଦ୍ୟାଳୟର ଅଧ୍ୟକ୍ଷା ତଥା କାଦମ୍ବିନୀ, କୁନିକଥା ପତ୍ରିକାର ସମ୍ପାଦିକା ଇତିରାଣୀ ସାମନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଅର୍ଜୁନ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାଇକେଲ ଚାଳିକା ମିନତୀ ମହାପାତ୍ର କ୍ରିତିକା ଉତ୍ସବକୁ ଉଦଘାଟନ କରିଥିଲେ। ଦୁଇଦିନ ଧରି ହେବାକୁ ଥିବା ଏହି ଉତ୍ସବରେ କଟକ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ପ୍ରାୟତଃ ୧୧୦ଟି ସ୍କୁଲର ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନେ ଆଜି ଗଳ୍ପ,କବିତା ଆବୃତ୍ତି, ଏକକ ଅଭିନୟ, ହସ୍ତ ଲିଖନ ଆଦି ଇଭେଣ୍ଟରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ଭୟଭୀତ ଅବସ୍ଥାରେ ପରିବାର, ନିଦ୍ରାରେ ପୋଲିସ

ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡାଜିଲ୍ଲା ଆଳି ଥାନା ସମ୍ମୁଖରେ ଦିନକୁ ଦିନ ମାତିଛନ୍ତି ଅସାମାଜିକ ଯୁବକ । ଆଳି ପୋଲିସ ସବୁ ଜାଣି ଅଚିନ୍ତା ନିଦରେ ଶୋଇରହୁଛି । ଫଳରେ ପୋଲିସ ଉପରୁ ଭରସା ତୁଟାଇ ଗଣମାଧ୍ୟମର ସାହାରା ନେଇଛନ୍ତି ପୀଡିତ ପରିବାର । ସୂଚନା ଥାଉକି ଆଳି ଥାନା ଅଧୀନ ମୂଳସାହି ଗାଁର ରଞ୍ଜନ କୁମାର ସେନାପତିଙ୍କ ଭୂଇଁପୁର ଛକ ସ୍ଥିତ ରାସ୍ତାକଡରେ ଥିବା ଫାଷ୍ଟଫୁଡ ଦୋକାନକୁ ରାତିରେ ଦୁର୍ବୃତ୍ତ ମାନେ ସମ୍ପୂର୍ଣ୍ଣ ପୋଡି ନଷ୍ଟ କରିଦେଇଥିବାରୁ ଏନେଇ ସେ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଘଟଣାକୁ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଆଳି ଥାନା ପୋଲିସ ଅଧିକାରୀ କୌଣସି କାର୍ଯ୍ୟନୁଷ୍ଠାନ ନେବା ତ ଦୂରର କଥା ଓଲଟି ଖୁଲମଖୁଲା ବୁଲୁଥିବା ଦୋଷୀମାନଙ୍କୁ ଘଣ୍ଟଘୋଡାଉଥିବା ସହ ପରୋକ୍ଷରେ ମୋର ଜୀବନହାନି ଘଟାଇବାକୁ ପ୍ରୋତ୍ସାହିତ କରୁଥିବାର ଓ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରିବା ଭଳି ସଂଗୀନ ଅଭିଯୋଗ ଆଣି ଏକ ସାମ୍ବାଦିକ ସମ୍ମିଳନୀ ଡାକି ପୋଲିସର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ପ୍ରକଟ କରି ଛନ୍ତି ରଞ୍ଜନ ଓ ତାଙ୍କ ପରିବାର ଲୋକେ । ପୋଲିସ ପାଖକୁ ବାରମ୍ବାର ନ୍ୟାୟ ପାଇଁ ଦୌଡୁଥିବାରୁ ଅଜଣା ନମ୍ବରରୁ ଫୋନ କରାଯାଇ ଧମକଚମକ ଦିଆଯିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଛି । ସେମାନଙ୍କ ପରିବାରର ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗଣମାଧ୍ୟମର ସାହାରା ନେଇଛନ୍ତି ପୀଡିତ ପରିବାର ଲୋକେ । ରଞ୍ଜନ ସେନାପତି ଧାର କରଜ କରି ନିଜର ପରିବାର ପ୍ରତିପୋଷଣ ପାଇଁ ଫାଷ୍ଟଫୁଡ ଦୋକାନ ଟିଏ କରିଥିଲେ । ଦୋକାନ ଟି ଜାଳି ଦିଆଯିବା ଦ୍ୱାରା ସେମାନଙ୍କ ପରିବାର ପକ୍ଷେ ବଂଚିବା ଏକ ପ୍ରକାର କଷ୍ଟକର ହୋଇପଡିଛି । ଯଦି ଆଗାମୀ ଦିନରେ ଆଳି ପୋଲିସ ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଆମକୁ ଉଚିତ ନ୍ୟାୟ ନଦିଏ ତେବେ ଆଗାମୀ ଦିନରେ ଆମେ ସପରିବାରେ ଆଳି ଥାନା ସମ୍ମୁଖରେ ସମୂହ ଆତ୍ମାହୂତି ଦେବୁ ଆଉ ଏଥିପାଇଁ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚରମ ଚେତାବନୀ ଶୁଣାଇଛନ୍ତି ପୀଡିତ ରଞ୍ଜନଙ୍କ ପରିବାର ।

# ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ପୋଲିସକୁ ମିଳିଛି ବଡ ସଫଳତା । ଜଙ୍ଗଲ ଭିତରେ କୁମ୍ବିଂ ଅପରେସନ ବେଳେ ଠାବ ହୋଇଛି ବଡ ଧରଣର ମାଓ ଡମ୍ପ। ଏହାରି ମଧ୍ୟରେ ଅନେକ ବନ୍ଧୁକ, ଗୁଳି ସାମଗ୍ରୀ ପ୍ରଭୃତି ରହିଛି । ସୂଚନା ମୁତାବକ, ମାଲକାନଗିରି ଜିଲ୍ଲା ଏମ୍ଭି ୭୯ ଥାନା ଅନ୍ତର୍ଗତ ଜିନେଲ ଗୁଡା ଜଙ୍ଗଲରେ ଡିଭିଏଫ ବାହିନୀ ପକ୍ଷରୁ କୁମ୍ବିଂ ଅପରେସନ ଚାଲିଥିଲା । ଏହି ସମୟରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଏକ ମାଓ ଡମ୍ପ ଠାବ ହୋଇଥିଲା । ଯାହା ମଧ୍ୟରେ ରହିଛି ଗୋଟିଏ ଏସ୍‌ଏଲ୍‌ଆର୍ ବନ୍ଧୁକ, ଏସ୍‌ଏଲ୍‌ଆର୍ ମାଗାଜିନ, ଚାରିଟି ଚାର୍ଜର,



୫୦ ଟି ଏସ୍‌ଏଲ୍‌ଆର୍ ଗୁଳି ସହ ନକ୍ସଲ ପୋଷାକ ଓ ପ୍ରଚାର ପତ୍ର ରହିଛି । ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀ ମାନେ ଏହି ସବୁ ବିସ୍ଫୋରକ ସାମଗ୍ରୀ ଜଙ୍ଗଲ ଭିତରେ ଲୁଚେଇ ରଖିଥିଲେ ବୋଲି ମାଲକାନଗିରି ଏସପି ବିବେକାନନ୍ଦ ଶର୍ମା କହିଛନ୍ତି ।

# 'ସାମାଜିକ ସଂସ୍କାର ପାଇଁ ଶିକ୍ଷକ ଓ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଅବକ୍ଷୟମୁଖୀ ସାମାଜିକ ବ୍ୟବସ୍ଥାରେ ସୁଧାର ଆଣି ସଂସ୍କାରମୂଳକ ପଦକ୍ଷେପ ନେବା ପାଇଁ ଶିକ୍ଷକ ଓ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରାଯାଇଛି। ଦାଦେଶ୍ୱର ଠାରେ ରବିବାର ଦିନ ଅନୁଷ୍ଠିତ ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ଓ ଭଣ୍ଡାରିପୋଖରୀ ପ୍ରେସ କ୍ଲବର ମିଳିତ ବନ୍ଧୁମିଳନ କାର୍ଯ୍ୟକ୍ରମର ଆଲୋଚନାଚକ୍ରରେ ଶାରଦା ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପବନ ନାୟକ, ସୁଶାନ୍ତ ସେନାପତି, ନିର୍ମଳ ସେନାପତି, କେଶବ ସେଠୀ, ଧ୍ରୁବ ଚରଣ ବାରିକ, ପ୍ରକାଶ ମହାପାତ୍ର, ଅନାଦି ଚରଣ ସାହୁ, ଶ୍ୟାମ ସୁନ୍ଦର ମହାପାତ୍ର, ଅଜୟ ରାଉତ, ନିତ୍ୟାନନ୍ଦ ଜେନା, ଦିଗମ୍ବର ଜେନା, ଗଣେଶ ବିଶ୍ୱାଳ, ତ୍ରିଲୋଚନ ଦାଶ, ମନୋରଞ୍ଜନ ମହାନ୍ତି, ଦେବୀରଞ୍ଜନ ବାରିକ, ନାରାୟଣ ଦାସ, ପ୍ରଭାତ ସାମଲ, ସୁଶାନ୍ତ ଦାସ, ରାଜକିଶୋର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭଣ୍ଡାରିପୋଖରୀର ବିକାଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

### ||||||||||||||||||||||||| ବିଭିନ୍ନ ସ୍ଥାନରେ ଜାତୀୟ ଯୁବ ଦିବସ ପାଳିତ |||||||||||||||||||||||||

# 'ଯୁବକ ମାନେ ହେଉଛନ୍ତି ରାଷ୍ଟ୍ରର ଶକ୍ତି'








ମାଲକାନଗିରି (ଭାସ୍କର ନ୍ୟୁଜ): ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ । ରାଜ୍ୟରେ ବିଭିନ୍ନ ସ୍ଥାନରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହିକ୍ରମରେ ମାଲକାନଗିରି ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଶ୍ରୀରାମ ନଗର ଠାରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ମାଲକାନଗିରି ଜିଲ୍ଲା ଶାଖା ଆନୁକୁଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମାଲକାନଗିରି ଜିଲ୍ଲା ଶାଖା ସଭାପତି ଡଃ ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ତପନ ନାରାୟଣ ରଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ମାଲକାନଗିରି ଓ ନୀଳମଣୀ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଉଚ୍ଚ ବିଦ୍ୟାଳୟ, କୋରକୋଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବାପରେ ବିଦ୍ୟାଳୟର ସଭାପତି ରବୀନ୍ଦ୍ର କୁମାର ମହାରଣା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନଅତିଥିମାନେ ସ୍ୱାମୀଜୀଙ୍କ ସଂଘର୍ଷମୟ ଜୀବନୀ ଓ ଚିକାଗୋ ସମ୍ମିଳନୀରେ ସନାତନ ଧର୍ମର ପ୍ରାଚୀନତା ଓ ସହନଶୀଳତା ଉପରେ ଆଲୋଚନା କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଉତ୍କଳ କଳା ଓ ସଂସ୍କୃତି ବିଭାଗ ଦ୍ୱାରା ୧୭ ନଭେମ୍ବର୨୦୨୪ ତାରିଖରେ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୨୪ ଜଣ କୃତି ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନଅତିଥିମାନଙ୍କଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସଦର ଆଜୀବନ ସଦସ୍ୟା ସାଧନାରାଣୀ ମଣ୍ଡଳ, ପ୍ରତିମା ନାୟକ, ଅଙ୍ଗୁର ବାଳା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ମାନେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିବାରେ ପ୍ରମୁଖ ଭୂମିକା ଗ୍ରହଣକରିଥିଲେ। ପରିଶେଷରେ କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଆସିକା:** ବିଶ୍ୱର ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ଯୁବ ଦିବସ ରୂପେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଅଜିତ କୁମାର ମୁନୀଙ୍କ ଅଧ୍ୟକ୍ଷତା ଏବଂ ସଂଯୋଜନାରେ ସଂପାଦିତ ହୋଇଯାଇଛି। ସ୍ୱାମୀଜୀଙ୍କ ଏହି ସ୍ୱନକ୍ଷତ୍ର ଦିବସରେ ମହାବିଦ୍ୟାଳୟ ରସାୟନ ବିଭାଗର ପ୍ରୟୋଗଶାଳା ଶିକ୍ଷକ ଧନଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଥିବା ବେଳେ ଏବଂ ଉକ୍ତ ମହାବିଦ୍ୟାଳୟର ହିନ୍ଦୀ ଅଧ୍ୟାପକ ଏବଂ ଯୁବ ରେଡକ୍ରସ ଶାଖାର ସଦ୍ୟତମ ଉପଦେଷ୍ଟା ରାଜେଶ କୁମାର ସାହୁ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ଥିଲେ। ଡ. ମୁନୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ସଭା ସଂଯୋଜନା କରିଥିଲେ। ଆମେରିକା ଚିକାଗୋ ସହରରେ ସ୍ୱାମୀଜୀଙ୍କ ଆଧ୍ୟାତ୍ମିକ ପ୍ରଗଳ୍ଭ ବ୍ୟକ୍ତବ୍ୟକୁ ସମ୍ମାନିତ ଅତିଥି ଅଭିବ୍ୟଞ୍ଜନା କରିଥିଲେ ଏବଂ ବିଶ୍ୱ ଦରବାରରେ ଭାରତକୁ ଆଧ୍ୟାତ୍ମିକ ଉତ୍କର୍ଷତାର କେନ୍ଦ୍ର ରୂପେ ବିଶିଷ୍ଟ ପରିଚୟ ସୃଷ୍ଟି କରିଥିଲେ ଏବଂ ଯୁବା ପୀଢୀଙ୍କ ଅନ୍ତଃର୍ନିହିତ ଶକ୍ତିକୁ ସ୍ୱାମୀଜୀଙ୍କ ଭାଷାରେ ଛାତ୍ରଛାତ୍ରୀଙ୍କୁ ଅଭିମନ୍ତ୍ରିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ଶକ୍ତିକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ କରିଥିଲେ । ମହାବିଦ୍ୟାଳୟ ଯୁବ ରେଡକ୍ରସ ଶାଖାର ସକ୍ରିୟ ସ୍ୱେଚ୍ଛାସେବୀ ହିମାଂଶୁ ରୟଜିତ ଜେନା, ପବନ କୁମାର ପଟ୍ଟନାୟକ, ପ୍ରାଚି ପଟ୍ଟନାୟକ, ସୃଷ୍ଟିରାଣୀ ପଣ୍ଡା, ହୃଷିକେଶ ମହାରଣା, ଟି. ସୁମନ ଆଚାରୀ, ବିଶ୍ୱଜିତ ବେହେରାଙ୍କ ମନ୍ତ୍ରଦଷ୍ଟା ସଂଭାଷଣ ସତରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲା।

**କୋଷାଗୁମୁଡା:** ନବରଙ୍ଗପୁର ଜିଲ୍ଲା କୋଷଗୁମୁଡା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ତତଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ୨୦୨୫ ପାଳନ ହୋଇଯାଇଛି । ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଡ଼ିଙ୍ଗାର ସମାଜସେବୀ ଧରମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜସେବୀ ବଦ୍ରୀ ନାରାୟଣ ସିଂ ମୁଖ୍ୟବକ୍ତା, ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜୀବ ଜାଲ ଓ କୋଡିଙ୍ଗା ଥାନା ଏଏସଆଇ ପ୍ରଦୀପ ବାଘ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷକ୍ଷ ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡ଼କ୍ରସ ଅଧିକାରୀ ଅଖିଳ କୁମାର ଭଟ୍ଟ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ମାନେ ଯୁବ ଶକ୍ତି ହେଉଛନ୍ତି ରାଷ୍ଟ୍ରର ଶକ୍ତି ଏବଂ ଯୁବ ସମାଜ ଉତ୍ସର୍ଗୀ କୃତ ମନୋଭାବ, ଆନ୍ତରିକତା, ଦ୍ୱାୟିତ୍ୱବାନ ହୋଇ କାର୍ଯ୍ୟକଲେ ଦେଶ ଉନ୍ନତିର ଚରମ ଶିଖରରେ ପହଞ୍ଚିବା ସହ ସ୍ୱାମୀଜୀଙ୍କ ସ୍ୱପ୍ନ ଓ ସଂକଳ୍ପ ପୂରଣ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ ।

**ଢେଙ୍କାନାଳ:** ନେହେରୁ ଯୁବ କେନ୍ଦ୍ର ଢେଙ୍କାନାଳ ଓ ପ୍ରିୟ ଯୁବ ଅନୁଷ୍ଠାନ ମିଳିତ ଆନୁକୁଲ୍ୟରେ ଜାତୀୟ ଯୁବ ଦିବସ ଗଁଦିଆ ବ୍ଲକର ଲାଉଲଇ ସ୍ଥିତ ପ୍ରିୟ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବେ ଡ. ସାହିଲ ଆଫ୍ରିଦ୍ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ଜାତୀୟ ଯୁବ ଦିବସର ତାତ୍ପର୍ଯ୍ୟ ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଯୁବକ ଯୁବତୀ ମାନଙ୍କୁ ବୁଝାଇ କହିଥିଲେ। ଯୁବକ ଯୁବତୀ ମାନଙ୍କ ମଧ୍ୟରେ ଏକ ଭାଷଣ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଏଲ୍‌ଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଉଦବୋଧନ ଯୁବକ ଯୁବତୀ ମାନେ ଶୁଣିଥିଲେ । ସର୍ବଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ୧୯୯୩ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ସାହାରପଡ଼ା ବ୍ଲକର ଉଦୟପୁର ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏଠାରୁ ପାଠ ପଢି ଅନେକ ଛାତ୍ରଛାତ୍ରୀ ଆଜି ଦେଶ ବିଦେଶରେ ପ୍ରତିଷ୍ଠିତ। ଏହି ସ୍କୁଲର ୧୯୯୩ ମସିହାରେ ମ୍ୟାଟ୍ରିକ ପାସ କରିଥିବା ଏକାଠି



ହୋଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରାୟ ୭୦ ଜଣ ପୁରୁଣା ଛାତ୍ରଛାତ୍ରୀ ଏକାଠି ହୋଇ ପୁରୁଣା ସ୍ମୃତି ରୋମନ୍ଥନ କରି ନିଜ ଭିତରେ ଦୁଃଖସୁଖ ହୋଇ ଆନନ୍ଦିତ ହୋଇଥିଲେ। ଏହି ବନ୍ଧୁମିଳନରେ ପୀତବାସ ପହି, ମାନଗୋବିନ୍ଦ ପରିଡ଼ା, ବିଶ୍ୱରଂଜନ ପହି, ରୁଦ୍ରନାରାୟଣ ବିଶ୍ୱାଳ, ବିରେନ୍ଦ୍ର କୁମାର ମହାନ୍ତି, ସମୀର କୁମାର ରାଉତ, ବଳଭଦ୍ର ନାଏକ ଆଦି ବହୁ ପୁରୁଣା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବିବେକାନନ୍ଦ ପଠନ କେନ୍ଦ୍ରର ବାର୍ଷିକ ଉତ୍ସବ

ଦଶପଲ୍ଲା (ଭାସ୍କର ନ୍ୟୁଜ): ବହୁ ପ୍ରାଚୀନ ବିବେକାନନ୍ଦ ପଠନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି। ଦଶପଲ୍ଲା ଗଣେଶ ବଜାର ସନ୍ନିକଟରେ ଥିବା ପଠନ କେନ୍ଦ୍ର ଠାରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ନଗର ଉର୍ନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଚନ୍ଦ୍ରବିଜୟୀ ମିଶ୍ର, ସମ୍ମାନିତ ବକ୍ତା ଭାବେ କବି ଅଶୋକ କୁମାର ମଲ୍ଲ ଉପସ୍ଥିତ ଥିଲେ। ଏହି ମଞ୍ଚ କୁ ପରିଚାଳନା କରୁଥିଲେ ସାହିତ୍ୟିକ ତଥା କବି ହାଡିବନ୍ଧୁ ମହାକୁଡ଼ । ଏଥିସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ପଠନ କେନ୍ଦ୍ରର ସଭ୍ୟ ଶୁଭ୍ରାଂଶୁ ଶେଖର ସୁବୁଦ୍ଧି ଏବଂ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ବିବରଣୀ ପାଠ କରିବା ସହିତ କୁନିକୁନି ପିଲାମାନେ ପୁଷ୍ପ ଗୁଚ୍ଛ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା ।



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ସମାରୋହରେ ଆଇନଜୀବୀ ଗୌରହରି ମହାନ୍ତି ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମହାମେଘବାହନ ଐରଖାରବେଳ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ବୀରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା ବୋଲି କହିଥିଲେ। ସଭାରେ ପୂର୍ବତନ ଛାତ୍ର ଗଣେଶ ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୟନ୍ତୀ କମିଟି ମିଡ଼ିଆ ସଂଯୋଜକ ତ୍ରିଲୋଚନ ଗୌତମ ଓ ଉମାକାନ୍ତ ଦାସ, ପୁରାତନ ଛାତ୍ର ସୁଧାଂଶୁ ନାୟକ, ରାଜେନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ମହାନ୍ତି, ସୁରେଶ ମହାପାତ୍ର, ମଳୟ ନାୟକ, ମିନକେତନ ମହଲା, ରାଜେଶ ସ୍ୱାଇଁ, ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।



## କୁସୁମିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକଉତ୍ସବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୁସୁମିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ସାହୁ ଛାତ୍ରୀମାନଙ୍କୁ ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା ନିୟମକୁ ପାଳନ କରିବା ସହିତ ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧି କରି ପିତାମାତା, ଶିକ୍ଷକଶିକ୍ଷୟିତ୍ରୀ ତଥା ଗୁରୁଜନମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାନ୍ତ, ଏସଏମଡିସି ଅଧକ୍ଷ ମନସା ପ୍ରସାଦ ହେମ୍ବ୍ରମ, ଏସଏମ୍‌ସି ଅଧକ୍ଷ ସଞ୍ଜୟ କୁମାର ମୁଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ଦେଶର ସ୍ୱର୍ଣ୍ଣାବ ଭବିଷ୍ୟତ ଭାବେ ଅବିହିତ କରି ସେମାନେ ପାଠପଢ଼ା ସମୟରେ ଗଭିର ଅଧ୍ୟବସାୟ, ନିଷ୍ଠା ଓ ପ୍ରଚେଷ୍ଟା ଜାରୀ ରଖିଲେ ଭବିଷ୍ୟତରେ ଜଣେ ଜଣେ ସଫଳ ମଣିଷ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବେଲଦା ସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଅମୀୟ ସାମନ୍ତରା ଯୋଗ ଦେଇ ନିଜ ଭିତରେ ଥିବା ଦକ୍ଷତାକୁ ଚିହ୍ନି ନିରନ୍ତର ପ୍ରଚେଷ୍ଟା କଲେ ଜୀବନରେ ନିଶ୍ଚୟ ସଫଳତା ମିଳିପାରିବ ବୋଲି ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନିରୁଦ୍ଧ ମହାନ୍ତ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ବିଭାବରୀ ମହାନ୍ତ, ଫାଲଗୁନି ନାଏକ, ଶତାବ୍ଦୀ ଚିନ୍ମୟୀ ବେହେରା, ଅନନ୍ୟା ରାଉତ, କର୍ମଚାରୀ ଜଗବନ୍ଧୁ ସାହୁ, ରାଜଲାଲ ହେମ୍ବ୍ରମ, ମେଟ୍ରନ ସସ୍ମିତା ରାଉତ, ଉର୍ମିଳା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝରର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ, ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କେନ୍ଦୁଝର ଶାଖାର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସଭାଗୃହଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ତୈଳଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ମୁଖ୍ୟ ଅତିଥି ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି, ମୁଖ୍ୟବକ୍ତା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିପିନ ବିହାରୀ ମହାପାତ୍ର ଓ ଅଧ୍ୟକ୍ଷ ପୁରେନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁଶ୍ରୀ ରୁପଶ୍ରୀ ଚାଟାର୍ଜୀ ଓ ତାଙ୍କର ସାଥିମାନେ ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପୁରେନ୍ଦ୍ର କୁମାର ବିଶ୍ୱାଳ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ରେଡ୍ ରିବନ କ୍ଲବ୍, ଯୁବରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନାର ୭୮ଜଣ ଛାତ୍ରଛାତ୍ରୀ ସଭାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପରେଶ ଚନ୍ଦ୍ର ଧର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭକ୍ତବତ୍ସଳ ମହାନ୍ତି ଯୁବ ସଂଗୀତ ବିଶ୍ୱ ବିଜୟୀ ନବ ଯବାନରୁ ବକ୍ତବ୍ୟ ଆରମ୍ଭ କରିଥିଲେ। ସେ କହିଲେ ସ୍ୱାମୀ ବିବେକାନନ୍ଦ ବା ନରେନ୍ଦ୍ର ନାଥ ଦତ୍ତ ପୂର୍ବ ଆଶ୍ରମରେ ପରିଚିତ ନରେନ, ପିତା ବିଶ୍ୱନାଥ ଦତ୍ତ ଓ ମାତା ଭୁବନେଶ୍ୱରୀ ଦେବୀଙ୍କର କୋଳରେ ୧୮୬୩ ଜାନୁଆରୀ ୧୨ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସ୍ୱାମୀଜୀଙ୍କ ଭାଷାରେ ସ୍ୱାମୀଜୀମାନଙ୍କ ମଧ୍ୟରେ ନିହିତ ପୂର୍ଣ୍ଣତାର ପରିପ୍ରକାଶ ହିଁ ଶିକ୍ଷା, ମଣିଷକୁ ଭଗବାନଙ୍କ ଭଳି ସେବା କର। ଆମର କର୍ତ୍ତବ୍ୟ ହେଉଛି ଅନ୍ୟକୁ ସାହାଯ୍ୟ କରିବା ଓ ବିଶ୍ୱର ମଙ୍ଗଳସାଧନ କରିବା। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିପିନ ବିହାରୀ ମହାପାତ୍ର କହିଲେ ଗୌତମ ବୁଦ୍ଧ, ମହାତ୍ମାଗାନ୍ଧୀ ଓ ସ୍ୱାମୀ ବିବେକାନନ୍ଦ ବିଶ୍ୱ ମାନବ ବାଦୀ ଚିନ୍ତାଧାରାର ଥିଲେ। ସ୍ୱାମୀ ବିବେକାନନ୍ଦ, ଆଧ୍ୟାତ୍ମିକବାଦୀ, ବିଶ୍ୱ ମାନବବାଦୀ, ବିଶ୍ୱ ଭାତୃତ୍ୱ ବାଦୀ, ଆଧ୍ୟାତ୍ମିକବାଦୀ ଚିନ୍ତାଧାରାର, ବିଶ୍ୱ ମାର୍ଗଦର୍ଶନ ଦେଇଥିବା ଜଣେ ସନ୍ୟାସୀ ଥିଲେ। ଭାରତୀୟ ସନାତନ ଧର୍ମର ବୈଦିକ ଦିଗକୁ ପାଠ କରିଥିଲେ। ଧର୍ମର ସଂକୀର୍ଣ୍ଣତା ଠାରୁ ମାନବ ଜାତିକୁ ବିଶ୍ୱରେ ବହୁ ଉର୍ଦ୍ଧ୍ୱକୁ ନେଇଯାଇଥିଲେ। ଧର୍ମଗତ ଭେଦ ଭାବକୁ ଭୁଲି ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା କରିବା ତାଙ୍କର ଲକ୍ଷ୍ୟ ଥିଲା। ଚିକାଗୋ ଧର୍ମ ସଭାରେ ସ୍ୱାମୀଜୀଙ୍କୁ ସର୍ବଶ୍ରେଷ୍ଠ ବକ୍ତା ଭାବେ ବିଶ୍ୱ ଗ୍ରହଣ କରିଥିଲା। ଭାରତୀୟ ଉପନିଷେଦ, ଗୀତା, ବେଦାନ୍ତକୁ ୟୁରୋପରେ ୪ବର୍ଷ ରହି ପ୍ରଚାର କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଗୀତାରାଣୀ ସାହୁ, ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ, ଅଧ୍ୟାପକ ସତ୍ୟବ୍ରତ ମହାନ୍ତ, ଅଧ୍ୟାପିକା ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ପ୍ରମୁଖ ସ୍ୱାମୀଜୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାମୀଜୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅତିଥିମାନେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଫଳ ବୃକ୍ଷ ରୋପଣ କରିଥିଲେ।

## ପଞ୍ଚାୟତ ସମିତି ବୈଠକରେ ଅଭାବୀ ଯୋଜନା ଓ ଦୁର୍ନୀତିର ସ୍ୱର




ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ପଞ୍ଚାୟତ ସମିତିର ପଞ୍ଚମ ବୈଠକରେ ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିବା ବେଳେ ସାଂସଦ ବୈଜୟନ୍ତ ଜୟ ପଣ୍ଡା ଅନୁପସ୍ଥିତ ଥିବାରୁ ତାଙ୍କ ତରଫରୁ ଏହି ବୈଠକରେ ବିକ୍ରମ ବାରିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ କୋଇଲିପୁରୁ ସରପଞ୍ଚ ଦିଲିପ ରାଉତ ବିଭିନ୍ନ ଉନ୍ନୟନ ତଥା ଅନୀୟମିତ କାର୍ଯ୍ୟ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ତା' ସହିତ ୨ଲକ୍ଷ ଟଙ୍କା ଭିତରେ ବିଲକୁ ଅଧ୍ୟକ୍ଷା କାଉଣ୍ଟର ସାଇନ୍ କରିବା ନିୟମ ନଥିବା ବେଳେ କି ସ୍ୱାର୍ଥରେ କାଉଣ୍ଟର ସାଇନ ପାଇଁ ଫାଇଲ ଅଟକା ଯାଉଥିବା ନେଇ ସରପଞ୍ଚ ରାଉତ ଯୁକ୍ତି ବାଢ଼ିଥିଲେ। ରାଉତଙ୍କ ପ୍ରଶ୍ନର ଉତ୍ତରରେ ଅଧ୍ୟକ୍ଷା ପାତ୍ର ଅସ୍ୱିକାର କରି କହିଥିଲେ ସେଭଳି ବିଲରେ ସେ ଦସ୍ତଖତ କରନ୍ତି ନାହିଁ। ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରିବା ସହ ତାଙ୍କର ହାତପାଣ୍ଠିର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ବିଶେଷକରି ପାନୀୟ ଜଳ ଓ ପରିମଳ ଉପରେ ସଭ୍ୟସଭ୍ୟାମାନେ ବିଶଦ୍ ଭାବେ ଆଲୋଚନା କରିବାର ସୁଯୋଗ ପାଇଥିଲେ। ସେହିପରି ଶିଶୁବିକାଶ ଯୋଜନାରେ ଲାଗି ରହିଥିବା ଛତୁଆ ଦୁର୍ନୀତିର ସୁଧାର ଆସିପାରୁ ନଥିବାରୁ ବୈଠକରେ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିବା ସହ ନୂତନ ନଳକୂପ ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ମେଘା ପାନୀୟ ଜଳ ପ୍ରକଳ୍ପ ପାଇଁ ଖୋଳାଯାଇଥିବା ରାସ୍ତାକୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ଭଳି ବିଭାଗ ସଠିକ ଢଙ୍ଗରେ କାର୍ଯ୍ୟ କରିବାକୁ ସୂଚିତ କରାଯାଇଥିଲା। ଏହି ବୈଠକରେ ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ସରପଞ୍ଚ ଅଶୋକ ମହାନ୍ତି, କୈଳାଶ ପରିଡ଼ା, ସମିତି ସଭ୍ୟସଭ୍ୟା ପ୍ରଶାନ୍ତ ରାଉତ, ସଞ୍ଜୟ ସ୍ୱାଇଁ, କେତକୀ ମହାନ୍ତି, ଅଭୟ ଖଣ୍ଡୁଆଳ, ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ସଭ୍ୟା ଝୁକୁମିନା କହଁର ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ଗିରି, ତହସିଲଦାର ଅଜୟ କୁମାର ମହାନ୍ତି, ଜିପିଓ ଧର୍ମେନ୍ଦ୍ର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ନାୟକ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ପ୍ରାଣୀ ବିଭାଗ, କୃଷି, ରାସ୍ତାଓ ଗୃହବିଭାଗ, ସେଚ ବିଭାଗ ସମେତ ବ୍ଲକ୍‌ସ୍ତରୀୟ ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ହେଲେ କେତେକ ବ୍ଲକରେ ପଞ୍ଚାୟତ ସମିତି ବୈଠକରେ ସାମ୍ବାଦିକମାନଙ୍କୁ କେବଳ ନିରବଦ୍ରଷ୍ଟା ସାଜି ବୈଠକର ସମ୍ବାଦ ପରିବେଷଣ ନିମନ୍ତେ ପ୍ରବେଶ କରାଯାଉଛି। ଦୁଃଖ ଓ ପରିତାପର ବିଷୟ ରାଜନଗର ବ୍ଲକ୍‌ରେ ତା'ର ବ୍ୟତିକ୍ରମ ହୋଇ ସାମ୍ବାଦିକମାନଙ୍କୁ ପଞ୍ଚାୟତ ସମିତି ବୈଠକକୁ ସମ୍ବାଦ ସଂଗ୍ରହ ପାଇଁ ଅନୁମତି ନାହିଁ କି ବୈଠକର ସୂଚନା ମଧ୍ୟ ନାହିଁ। ଅପରପକ୍ଷରେ ବ୍ଲକ କର୍ତ୍ତୃପକ୍ଷଙ୍କ ପାଖରେ ସାମ୍ବାଦିକଙ୍କ ତାଲିକା ନାହିଁ କିମ୍ବା ସୂଚନା ଜଣାଇବାକୁ 'ପଞ୍ଚାୟତ ସମିତି ଓ ପ୍ରେସ'ର ଗ୍ରୁପ୍ ମଧ୍ୟ ନଥିବାରୁ ପ୍ରିୟାପ୍ରୀତି ହାତଗଣତି ସାମ୍ବାଦିକଙ୍କୁ ବ୍ଲକ୍ ସୂଚନା ମିଳୁଛି। ଯାହାଫଳରେ ସାମ୍ବାଦିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନା ଚକ୍ର




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜରେ ରାଜନୀତି ବିଜ୍ଞାନ ବିଭାଗର ଏକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। 'ଭୋଟ ବ୍ୟାଙ୍କ ସୃଷ୍ଟି କରିବା ସାମାଜିକ ଗଣମାଧ୍ୟମ ଏକ ମାଧ୍ୟମ ସାଜିଛି' ଶୀର୍ଷକ ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସରୋଜ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମୂଲ୍ୟ ପରିଡ଼ା ମୁଖ୍ୟ ଅତିଥି ଭାବେ, ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରାଜଶ୍ରୀ ଦତ୍ତ ବିଷୟ ବିଶାରଦ ଭାବେ ଯୋଗଦାନ କରି ସାମ୍ପ୍ରତିକ ରାଜନୀତିରେ କିପରି ସାମାଜିକ ଗଣମାଧ୍ୟମ ଏକ ମାଧ୍ୟମ ପାଲଟିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ଭାବେ ଲୋକ ପ୍ରଶାସନର ବିଭାଗୀୟ ମୁଖ୍ୟ ମୃତ୍ୟୁଞ୍ଜୟ ନାରାୟଣ ଦାସ, ରାଜନୀତି ବିଜ୍ଞାନ ଅଧ୍ୟାପିକା ଅନିତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ରରେ ରୋଜାଲିନ ବଳ ଅତିଥି ମାନଙ୍କ ମତ ଆହ୍ୱାନ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଜୟ ମଲ୍ଲିକ, ବନ୍ଦ୍ୟାବତୀ ବେହେରା, ବର୍ଷା ମହାଳିକ, ସୁଚୀସ୍ମିତା ଦାସ, ଇତିରେଖା, ପ୍ରଦୀପ ଜେନା ସନ୍ଦର୍ଭ ପାଠ କରିଥିଲେ। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟାପକ ରାମଚନ୍ଦ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ବାଗ, ରାଜେନ୍ଦ୍ର ଭୁଏ, ପ୍ରଦୀପ କୁମାର ମିଶ୍ର, ମାରୁତି ତ୍ରିପାଠୀ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## 'ଦେବାରେ ଆନନ୍ଦ'

ବାଣପୁର, (ଭାସ୍କର ନ୍ୟୁଜ୍): ବାଣପୁର ଏଡୁକେୟାର ବିଦ୍ୟାଳୟ ପରିସରରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍‌ର ଏକ କାର୍ଯ୍ୟକ୍ରମ 'ଦେବାରେ ଆନନ୍ଦ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦାଶରଥି ପୁର, ବଡ଼ହନ୍ତୁଆଡ଼ ଓ ଯୋଗୀ ପୋଖରୀ ହରିଜନ ସାହି ତଥା ବାଣପୁର ବିଜ୍ଞାପିତ ଅଞ୍ଚଳର ବିଭିନ୍ନ ୱାର୍ଡ଼ର ଗରିବ ବୃଦ୍ଧ ଓ ବୃଦ୍ଧାମାନଙ୍କୁ କମ୍ବଳ ଓ ମଶାରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସମ୍ପାଦକ ଅଶୋକ କୁମାର ନାୟକ, ବରିଷ୍ଠ ସଭ୍ୟ ସରୋଜିନୀ ଦାଶ, ଓମପ୍ରକାଶ ଅଗ୍ରୱାଲ, ବିଜୟ କୁମାର ନନ୍ଦ, ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକଙ୍କ ସମେତ ବିପ୍ଳବ କୁମାର ମୁଦୁଲି, ରବିନାରାୟଣ ପାଲ, ରବୀନ୍ଦ୍ରନାଥ ପ୍ରଧାନ, ଚିନ୍ତାମଣୀ ମିଶ୍ର, ମନୋରଞ୍ଜନ ବାରିକି, ସୂର୍ଯ୍ୟ ସେନାପତି ଓ ନୂତନ ସଭ୍ୟ ସତୀଶ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିବା ବେଳେ ନନ୍ଦକିଶୋର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଦର୍ଶନର ମୂଳ ଲକ୍ଷ୍ୟ ତଥା ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସହ ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମାନେ ବିବେକାନନ୍ଦଙ୍କ ଅଭିଭାଷଣ ପ୍ରଦାନ ସହ ବିବେକାନନ୍ଦଙ୍କ ବେଶରେ ସଜ୍ଜିତ ହୋଇ ଆସିଥିଲେ। ଆଚାର୍ଯ୍ୟ ଶ୍ରୀକାନ୍ତ ମହାପାତ୍ର ସ୍ୱାମୀଜୀଙ୍କ ଜୀବନୀ କଥନ କରିଥିଲେ। ଶେଷରେ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କଲେ କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କିଟ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ରବିବାର ସକାଳେ ତୁଳସୀକ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଛନ୍ତି। ସେବାୟତଙ୍କ ପକ୍ଷରୁ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ଡ. ସାମନ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଡ. ସାମନ୍ତ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ମହାଲକ୍ଷ୍ମୀ ମନ୍ଦିରରେ ମା'ଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ସେବାୟତଙ୍କ ପକ୍ଷରୁ ଜ୍ୟୋତି ରଞ୍ଜନ ପତ୍ରୀ, ରବୀନ୍ଦ୍ର ସୁଆର, ସୋମନାଥ ପତ୍ରୀ, ଭଗବାନ ସୁଆର, ମହେଶ୍ୱର ପତ୍ରୀ, ବିଶ୍ୱଜିତ ପତ୍ରୀ ପ୍ରମୁଖ ଡକ୍ଟର ସାମନ୍ତଙ୍କୁ ଶ୍ରୀଜୀଉଙ୍କ ପାଟବସ୍ତ୍ର ଓ ଫଟୋଚିତ୍ର ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏଥିସହିତ ଶ୍ରୀଜୀଉଙ୍କ ମନ୍ଦିରର ବିଭିନ୍ନ ସମସ୍ୟା ଏବଂ ବିକାଶ ପାଇଁ ସେବାୟତମାନେ ଡ. ସାମନ୍ତଙ୍କ ସହ ଆଲୋଚନା କରିଥିଲେ। ଶ୍ରୀଜୀଉଙ୍କ ମନ୍ଦିର ଭିତ୍ତିଭୂମିର ବିକାଶ ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ସେବାୟତମାନଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହା ସହ ଶ୍ରୀଜୀଉଙ୍କ ଆଶିର୍ବାଦ ମିଳିଲେ ଏଠାରେ କିମ୍ସ ପକ୍ଷରୁ ଏକଶହ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା କରାଯିବ ବୋଲି ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ।

## କୃଷ୍ଣଙ୍କ କୁବୁଜା ଉଦ୍ଧାର କଂସର ଭାଇଙ୍କୁ ହତ୍ୟା ଯୋଜନା

ମଥୁରା/ଗୋପପୁର(ଭାସ୍କର ନ୍ୟୁଜ୍): ବରଗଡ଼ ଧନୁଯାତ୍ରାରେ କୃଷ୍ଣ ବଳରାମ ବେନି ଭ୍ରାତାଙ୍କୁ ଗୋପପୁର ଆବାଳବୃଦ୍ଧ ବନିତା ଅଶ୍ରୁଳ ବିଦାୟ ସହ ଭଗବାନ ଶ୍ରୀକୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା, ବନ୍ଦାପନା ଦୃଶ୍ୟ ଦର୍ଶକଙ୍କ ପାଇଁ କୃଷ୍ଣ ଭକ୍ତି ସହ ଦ୍ୱାପରଯୁଗର ଭ୍ରମ ସୃଷ୍ଟି କରିଥିଲା। ସେହିପରି କଂସ ଅତ୍ୟାଚାରରେ ମୁନିଋଷିଙ୍କ ନିଧନ ଦୃଶ୍ୟ ଅଭିନିତ ହୋଇଥିଲା। ସେହିପରି ଅକ୍ରୁର ସହ କୃଷ୍ଣ-ବଳରାମଙ୍କ ମଥୁରା ଆଗମନ, ବିଶ୍ରାମ ପରେ ଦଶମ ଦିନରେ କଂସର ଦିଗବିଜୟ, ସ୍ୱପ୍ନରେ ନିଜର ଆଗତ ମୃତ୍ୟୁ ଦେଖି କଂସ ଭୟଭିତ ହେବା ଦୃଶ୍ୟ ଅଭିନିତ ହୋଇଥିଲା। ମଥୁରା ନଗରୀରେ କୃଷ୍ଣ ବଳରାମଙ୍କ ଭ୍ରମଣ, ମାଲି ରଜକ ସହ ସାକ୍ଷାତ, କାଳି ମନ୍ଦିରରେ କୁବୁଜା ଉଦ୍ଧାର ସହ ଆଜି କଂସ ଦରବାରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝି ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ବିଭିନ୍ନ ଜନହିତକର ଯୋଜନା ଘୋଷଣା ଅଶା କରିଥବା ବେଳେ ରବିବାର ଛୁଟି ଯୋଗୁଁ ମୀନାବଜାର, ପଲ୍ଲୀଶ୍ରୀ ମେଳା, ବୟନିକା ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନ ସମାଗମ ଦେଖାଯାଇଥିଲା।

## କୁମାର ବଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍ ଅନ୍ତର୍ଗତ ଛୋଟି ଗ୍ରାମର ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କୁମାର ଚନ୍ଦ୍ର ବଳ ଏବଂ ତାଙ୍କ ଜ୍ୟେଷ୍ଠ ଭ୍ରାତା ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ବଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବଳଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁମାର ଚନ୍ଦ୍ର ବଳ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଅଧ୍ୟକ୍ଷତା କରିଥିବା ବେଳେ ରାଜଶ୍ରୀ ତଥା ସ୍ମୃତି ପରିଷଦର ସମ୍ପାଦକ ଆଶୁକବି ହେମନ୍ତ ଜେନା ମଞ୍ଚ ପରିଚାଳନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରେଣ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ସମାଜସେବୀ ପ୍ରଫେସର ଅଜୟ କୁମାର ରାଉତ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, କବି ଇଂ ସୁଶାନ୍ତ କିଶୋର ବଳ, କବି ମଞ୍ଜୁଳ ମଞ୍ଜୁଶ୍ରୀ ବରାଳ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବରିଷ୍ଠ ବିଜେଡି ନେତା ରବି ସାମଲ, କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ପରିବେଶବିତ୍ କାଶୀନାଥ ରାଉତରାୟ, ଶିକ୍ଷାବିତ ପ୍ରଣବ ଜେନା ଓ ଯୁବନେତା ରାଜେଶ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବଳଙ୍କ ସ୍ମୃତି ଚାରଣ କରିବା ସଙ୍ଗେସଙ୍ଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇତ୍ୟବସରରେ ବରେଣ୍ୟ ଅତିଥି ଉଭୟ ଭାଇଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ କରିବା ସହିତ ସ୍ମରଣିକା କୁମାର କାର୍ତ୍ତିକ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରଜନୀ ମଲ୍ଲିକ, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ଜେନା, ତ୍ରିଲୋଚନ ଜେନା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ କୁମାର ଚନ୍ଦ୍ର ବଳ ଛୋଟି ପଞ୍ଚାୟତର ଦୁଇଥର ସରପଞ୍ଚ ଓ ସମିତି ସଭ୍ୟ ଥିବା ବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପଣ୍ଡିତ ପ୍ରଜ୍ଞାଶ୍ରୀ ପ୍ରମୋଦ କୁମାର ତ୍ରିପାଠୀ ଗୀତା ଓ ବେଦପାଠ କରିଥିବା ବେଳେ ପ୍ରମୋଦ କୁମାର ସ୍ୱାଇଁ ଅତିଥି ପରିଚୟ ଏବଂ ନାରାୟଣ ଚନ୍ଦ୍ର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବଶ୍ରୀ ନିରଞ୍ଜନ ବଳ, ଦିଲ୍ଲୀପ ସିଂହ, ପ୍ରଦୀପ୍ତ ପ୍ରଧାନ, ଭରତଚନ୍ଦ୍ର ମଳିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ମହାକୁମ୍ଭ-୨୦୨୫ ପାଇଁ ବ୍ରହ୍ମପୁରରୁ ଅଯୋଧ୍ୟା ବସ୍ ସେବା

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ମହାକୁମ୍ଭ-୨୦୨୫ ପାଇଁ ଓଡ଼ିଶା-ଅଯୋଧ୍ୟା ସ୍ୱତନ୍ତ୍ର ବସ ସେବାର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କରିଛନ୍ତି। ରାଜ୍ୟର ୪ ପ୍ରମୁଖ ସ୍ଥାନ ପୁରୀ, ବ୍ରହ୍ମପୁର, ଭବାନୀପାଟଣା ଓ ସମ୍ବଲପୁରରୁ ଏହି ବସ୍ ସେବା ଆରମ୍ଭ ହୋଇଛି। ବ୍ରହ୍ମପୁର ଓଏସ୍‌ଆରଟିସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁରରୁ ଅଯୋଧ୍ୟା ଯାଉଥିବା ସ୍ୱତନ୍ତ୍ର ବସର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଯାତ୍ରାର ଶୁଭକାମନା ଜଣାଇଥିଲେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଓଡ଼ିଶାର ଜନତାଙ୍କ ଆସ୍ଥା ଓ ବିଶ୍ୱାସ ପ୍ରତି ଆମ ସରକାର ସର୍ବଦା ସଚେତନ ଅଛନ୍ତି ଏବଂ ଯାତ୍ରା ସମୟରେ ସମସ୍ତ ପ୍ରକାରର ସହାୟତା ପାଇଁ ଉପଲବ୍ଧ ରହିବୁ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅତ୍ୟାଧୁନିକ ସୁପର୍ ପ୍ରିମିୟମ ଭଲ୍‌ବ ବସ୍ ସେବା ସପ୍ତାହରେ ଦୁଇଥର ବ୍ରହ୍ମପୁର ଠାରୁ ବନାରସ, ପ୍ରୟାଗରାଜ ଦେଇ ଅଯୋଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ବସ୍‌ରେ ରାଜ୍ୟ ସରକାରଙ୍କ ତରଫରୁ ଜଣେ ଗାଇଡ୍, ଜଣେ ମ୍ୟାନେଜର ସହ ଜଳପାନ ଏବଂ ଭୋଜନର ବ୍ୟବସ୍ଥା ମଧ୍ୟ ଉପଲବ୍ଧ କରାଯାଇଛି। ମହିଳା ଯାତ୍ରୀଙ୍କ ପାଇଁ ରିହାତି ବ୍ୟବସ୍ଥା ସରକାର କରିଛନ୍ତି। ଏହାସହ ଯାତ୍ରୀଙ୍କ ସୁବିଧା ପାଇଁ ଅନଲାଇନ୍ ଟିକଟ ବ୍ୟବସ୍ଥା ମଧ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲ୍ଲା ପରିବହନ ପରିଚାଳକ ଶାନ୍ତନୁ ମିଶ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ବରିଷ୍ଠ ନେତା ସୁରେଶ ପାଢ଼ୀ, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ଦଳର ବରିଷ୍ଠନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ସାମନ୍ତରା, ରନ୍‌ଗର୍ଭା ସରସ୍ୱତୀ ଦେବୀ, ଏସ୍.ରାଣୀ, ରାଜେଶ କୁମାର ସାହୁ, ଗୌରୀ ସାମନ୍ତରା, ଯୁବନେତା ସୁନିଲ ପାତ୍ର, କେ.ରବି ରାଓ, ବି.ସୋମନାଥ ପାତ୍ର, ଶିବ ସତପଥି, କମଳ ପାତ୍ର, କୃଷ୍ଣ ପଲେଇ, ଅମର ସାହୁ ପ୍ରମୁଖଙ୍କ ସମେତ ବହୁ ସହରବାସୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ରାଜ୍ୟ ଖବର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ଧୂଳିପଦା ଦାସ ସାହିରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୬ବଖରା ଘର ଭସ୍ମୀଭୂତ ହୋଇ ଯାଇଥିଲା। ଏହି ଖବର ପାଇବାପରେ ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରି ତିହିଡ଼ିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଘ ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତା ପ୍ରାଦାନ କରିବା ସହିତ ସମବେଦନା ଜଣାଇଛନ୍ତି। ସଂଘ ପକ୍ଷରୁ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ, ଘରୋଇ ଉପକରଣ, ଶୀତବସ୍ତ୍ର, ପିନ୍ଧାବସ୍ତ୍ର ଇତ୍ୟାଦି ପ୍ରଦାନ କରିବା ସହିତ ସରକାରଙ୍କ ପକ୍ଷରୁ ବିପନ୍ନଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇ ଦେବାକୁ ନିବେଦନ କରିଥିଲେ। ସଂଘର ସଭାପତି ରାଜୀବ କୁମାର ନାୟକ, ରାମଚନ୍ଦ୍ର ନାୟକ, ରବିଶଙ୍କର ଦାସ, ବସନ୍ତ କୁମାର ଦାସ, ଅଭିରାମ ଦାସ, ଦେବବ୍ରତ ସାହୁ, ସେକ ଲିୟାକତ, ପ୍ରଫୁଲ୍ଲ କୁମାର ସେନାପତି, ଅଶୋକ ନାୟକ, ବିଶ୍ୱଜିତ୍ ନାୟକ, ଆଶିଷ ପଣ୍ଡା, ରଶ୍ମିରଞ୍ଜନ ନାୟକ, ଭରତ କୁମାର ସାହୁ, ବୈକୁଣ୍ଠ ମଲିକ, ଗୌରାଙ୍ଗ ନାୟକ ପ୍ରମୁଖ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରିଥିଲେ।

## ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ରବିବାର ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ବିଜ୍ଞାନ ପ୍ରଦର୍ଶନୀ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଶିକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାସ ମହାପାତ୍ରଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡା. ବିଚିତ୍ରାନନ୍ଦ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରୀ ମାନେ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସମାଜର ସଂସ୍କାର ହୋଇ ପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟ ପଣ୍ଡା, ଆଇନଜୀବୀ ସଞ୍ଜୟ ମହାନ୍ତି, ପରିଚାଳନା କମିଟି ସଦସ୍ୟ ନରେନ୍ଦ୍ର ମିଶ୍ର, ଲକ୍ଷ୍ମୀପ୍ରିୟା ଯତି ପ୍ରମୁଖ ଯୋଗ ଦେଇ ଯୁବକମାନେ ସମାଜର ପରିବର୍ତ୍ତନ ଆଣିବାରେ ସହାୟକ ହୁଅନ୍ତୁ ବୋଲି କହିଥିଲେ। ଶିକ୍ଷକ ରବୀନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଦେବବ୍ରତ ନାୟକ ଅତିଥି ପରିଚୟ ଓ ସହକାରୀ ପ୍ରଧାନଶିକ୍ଷକ ଗୟାଧର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନେ ୫୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ତିନି ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ସାଧାରଣ ଜ୍ଞାନ, କୁଇଜ, ତର୍କ, ମୁରୁଜ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସରୋଜ ଦାସ, ସୂର୍ଯ୍ୟକାନ୍ତ ନାୟକ, ନକୁଳ ମହାଳିକ, ମନିଜା ବଳ, ଅଙ୍କିତା ସ୍ୱାଇଁ, ସୁଦୀପ୍ତ ସାମଲ, ସୁକାନ୍ତ ନାୟକ, ପ୍ରଦୀପ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଅଭିଭାବକ ମାନେ ଉପସ୍ଥିତ ଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

କେନ୍ଦୁଝର,(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଫକିରପୁର ଗ୍ରାମର ସ୍ୱର୍ଗତଃ ଚକ୍ରଧର ପଣ୍ଡଙ୍କ ଧର୍ମପତ୍ନୀ ତିଳତ୍ତୋମା ପଣ୍ଡାଙ୍କ ବାର୍ଦ୍ଧକ୍ୟ ଜନିତ କାରଣଯୋଗୁଁ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁଶର୍ଯ୍ୟା ନିକଟରେ ପୁତ୍ର, କନ୍ୟା, ଜ୍ୱାଇଁ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବାସିନ୍ଦା ମଧ୍ୟ ତିଳତ୍ତୋମାଙ୍କ ଶେଷଦର୍ଶନ ପାଇଁ ତାଙ୍କ ବାସଭବନକୁ ଆସିଥିଲେ।



## ଦୁଇ ନାବାଳକଙ୍କୁ ଉଦ୍ଧାର କଲା ଭରସା ପରିବାର ଟ୍ରଷ୍ଟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ୨୫ ନମ୍ବର ଜିଲ୍ଲା ପରିଷଦ ଅରୁଣ କୁମାର ବାରିକଙ୍କ ପାଖରୁ ସୂଚନା ପାଇ ଭରସା ପରିବାର ଟ୍ରଷ୍ଟ ରବିବାର ଦୁଇ ନାବାଳକଙ୍କୁ ଉଦ୍ଧାର କରିଛି। ସୂଚନାଯୋଗ୍ୟ ଯେ, ବାଂଶପାଳ ବ୍ଲକ ୨୫ ନମ୍ବର ଜିଲ୍ଲା ପରିଷଦ ଅରୁଣ କୁମାର ବାରିକଙ୍କ ପାଖରୁ ସୂଚନା ପାଇ ଭରସା ପରିବାରର ରାଜ୍ୟ ସଭାପତି ଲମ୍ବୋଦର ମହାନ୍ତଙ୍କ ନେତୃତ୍ୱରେ ଜିଲ୍ଲା ସଂଯୋଜକ ଶୁନ୍ୟରଞ୍ଜନ ଘଣା, ଉପଦେଷ୍ଟା ହୃଦାନନ୍ଦ ସେଠୀ, ଜିଲ୍ଲା ଉପସଭାପତି ତାପସ ବେହେରା, ସୋସିଆଲ ମେଡ଼ିଆ ସଂଯୋଜକ ମାନସ ରଞ୍ଜନ ବେହେରା ପ୍ରମୁଖ ପହଞ୍ଚି ଶୁଆକାଟି ଅଞ୍ଚଳରେ ଅସହାୟ ଅବସ୍ଥାରେ ବୁଲୁଥିବା ପଣ୍ଡା ମୁଣ୍ଡା (୬ ବର୍ଷ)ଓ ବାଲିଆଗୋଡ଼ା ଅଞ୍ଚଳର ଈଶ୍ୱର ପାତ୍ର(୭ ବର୍ଷ)ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଡାକ୍ତର ରବି କୁମାର ସାହୁଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଜିଲ୍ଲା ଶିଶୁମଙ୍ଗଳ କମିଟିରେ ଉପସ୍ଥାପନା କରିଥିଲେ। ପରେ ବଣିଆପାଟସ୍ଥିତ ମୁକ୍ତଆଶ୍ରୟରେ ରକ୍ଷଣାବେକ୍ଷଣ ଓ ଶିକ୍ଷାବ୍ୟବସ୍ଥା ପାଇଁ ହସ୍ତାନ୍ତର କରାଗଲା। ମୁଖ୍ୟ ଉପଦେଷ୍ଟା ଅଞ୍ଜନ କୁମାର ବେଜ ତଥା ଗ୍ରାମବାସୀ ଭରସା ପରିବାର ଟ୍ରଷ୍ଟର ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ପ୍ରଶଂସା କରୁଛନ୍ତି।

## ବସ୍‌ଷ୍ଟାଣ୍ଡ ରାସ୍ତା ଅବରୋଧ ଯୋଗୁଁ ଗ୍ରାମବାସୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ଏରସମା, (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ୍ ମୁଖ୍ୟାଳୟସ୍ଥିତ ସିହା ଗ୍ରାମ ସନ୍ନିକଟ ନିର୍ମାଣଧୀନ ବସ୍‌ଷ୍ଟାଣ୍ଡ ରାସ୍ତା ଅବରୋଧ କରିବାରୁ ଗ୍ରାମବାସୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରଛନ୍ତି। ରାସ୍ତା ଅବରୋଧ ହଟେଇବା ଦାବିରେ ସ୍ଥାନୀୟ ଗ୍ରାମବାସୀ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ ପରିସରରେ ପହଞ୍ଚି ଦାବି ଉପସ୍ଥାପିତ କରିଥିଲେ। ପ୍ରକାଶ ଯେ, ନାରଦିଆ ପଞ୍ଚାୟତରୁ ଏକ ଆରଡ଼ି ରାସ୍ତା ସିହା ଗ୍ରାମ ଦେଇ ଏରସମା ଯାଇଛି। ଏହି ଆରଡ଼ି ରାସ୍ତାରୁ ୧୦୦ ମିଟର ବିଶିଷ୍ଟ ଏକ ଢଳେଇ ରାସ୍ତା ବସ୍‌ଷ୍ଟାଣ୍ଡକୁ ସଂଯୋଗ କରିଛି। ମାତ୍ର ବସ୍‌ଷ୍ଟାଣ୍ଡ ପାଚିରୀ ଦ୍ୱାରା ଏହି ରାସ୍ତାକୁ ଅବରୋଧ କରାଯାଇଛି। ଗ୍ରାମବାସୀ ବାରମ୍ବାର କହିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ସିହାଗ୍ରାମ ସୀମାରୁ ମାଟିନେଇ ବସ୍‌ଷ୍ଟାଣ୍ଡ ପୋତେଇ କରାଯାଇଛି। ଏହି ରାସ୍ତା ଅବରୋଧ କରିବାକୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବସ୍‌ଷ୍ଟାଣ୍ଡକୁ ଯିବାପାଇଁ ଏହି ରାସ୍ତା ଉପରେ ନିର୍ଭର କରିବାକୁ ଯାଉଥିବା ଏରସମା, ପୋଖରୀଆପଡ଼ା, ନାରଦିଆ, ଜାନକାଦେଇପୁର, ଗୋଡ଼ା ୫ ପଞ୍ଚାୟତର ୪୦ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ। ଏଥି ସହିତ ଅଧ କିମି ଦୂରରେ ଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବେ। ଅପରପକ୍ଷରେ, ଗ୍ରାମବାସୀ ଏହାକୁ ଦୃଷ୍ଟିରେ ରଖି ଗତ କିଛିଦିନ ତଳେ ରାସ୍ତା ଅବରୋଧ ହଟେଇବା ପାଇଁ ସମ୍ପୃକ୍ତ ଠିକାଦାର ଓ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ସିହା ଗ୍ରାମ୍ୟ କମିଟିର ସଭାପତି ଆଶିଷ କୁମାର ସ୍ୱାଇଁ, ପ୍ରତାପ କେଶରୀ ସ୍ୱାଇଁ, ମହିମା ସ୍ୱାଇଁ, ଉମେଶ ରାଉତ, ସ୍ୱାମୀ ବିବେକାନନ୍ଦ ସ୍ମାରକ ଯୁବ ସଂଗଠନର ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ନାନୁଶ୍ରୀ ଜେନା, ହୃଷିକେଶ ମହାନ୍ତି, ବାବୁ ସେଠୀ ଓ କାଳନ୍ଦୀ ସ୍ୱାଇଁ ପ୍ରମୁଖ ବସ୍‌ଷ୍ଟାଣ୍ଡ ଘେରାଉ କରିଥିଲେ। ସମ୍ପୃକ୍ତ ଠିକାଦାର ଫୋନ ଯୋଗେ ଏହି ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ସେମାନେ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ବୁଝାଇବାରୁ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଥିଲେ।

## ରାମାୟଣ ଗୀତିନାଟ୍ୟ କଳାକାରଙ୍କ ବିୟୋଗରେ ଶୋକ

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ବାମଦେଇପୁର ପଞ୍ଚାୟତର ସୁନାଡ଼ିଆ ଗ୍ରାମର ମା' ସୁନାଦେଇ ରାମାୟଣ ଗୀତିନାଟ୍ୟ ବରିଷ୍ଠ କଳାକାର ଧୀରେନ୍ଦ୍ର ଦଳାଇଙ୍କ ୫୩ ବର୍ଷ ବୟସରେ ନିଜ ବାସ ଭବନରେ ପରଲୋକ ହୋଇଯାଇଛି। କିଛିଦିନି ହେବ ସେ ଚିକିତ୍ସିତ ହେଉଥିଲେ। ଦଳାଇ ଦୀର୍ଘଦିନ ଧରି ରାମାୟଣ ଗୀତିନାଟ୍ୟରେ ବିଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରିୟ କଳାକାର ଟିଏ ହେଇପାରିଥିଲେ। ସେ ମଧ୍ୟ ନିଜର ଅଭିନୟ ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ କଳାକାର ଭାବରେ ସମ୍ମାନିତ ହୋଇଛନ୍ତି। ସେ ଜଣେ ସରଳ, ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ହିସାବରେ ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟ ଥିଲେ। ଦଳାଇଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଜିଲ୍ଲାର ବହୁ ରାମାୟଣ ଗୀତିନାଟ୍ୟ ପକ୍ଷରୁ ମଧ୍ୟ ଗଭୀର ଶୋକର ଛାୟା ଖେଳିଯାଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। ପୁତ୍ର ଦେବାଶିଷ ଦଳାଇ ମୁଖାଗ୍ନି ଦେଇଥିବା ବେଳେ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ଦଳାଇଙ୍କ ବିୟୋଗରେ ବ୍ଲକ୍ ଉପାଧକ୍ଷ ବିକାଶ କୁମାର ପରିଡ଼ା, ବାମଦେଇପୁର ସରପଞ୍ଚ ବୈଜନ୍ତି ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଆରସା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ଦିବସ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଜୟନ୍ତୀ କମିଟି ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଥିଲେ, ଆରସା ହାଇସ୍କୁଲ ଦୁର୍ବାଦଳରୁ ବିଶାଳ ବଟବୃକ୍ଷ ହୋଇ ଆଜି ତା'ର ସମାରୋହ ପାଳନ କରୁଛି। ବିଦ୍ୟାଳୟର ସମସ୍ତ ପ୍ରତିଷ୍ଠାତାଙ୍କ ଗୁରୁତ୍ୱ ଏବେ ପ୍ରତିପାଦନ ହୋଇଛି। ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରେଣ୍ୟ ଅତିଥି ଭାବେ କଳିଙ୍ଗ ଟିଭିର କାର୍ଯ୍ୟନିର୍ବାହୀ ଅଧିକାରୀ ହିମାଂଶୁ ଖଟୁଆ, ଫିଲ୍ମ ନିର୍ଦ୍ଦେଶିକା ବିଦୁସ୍ମିତା ଦାସ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମୁଖପତ୍ର 'ସ୍ମୃତି ସୁବର୍ଣ୍ଣା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବାହ୍ନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେଶ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ମହା ମେଘବାହନ ଐର ଖାରବେଳ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ଜ୍ୟୋତିର୍ମୟ କର, ତିହିଡ଼ି ଦମକଳ କେନ୍ଦ୍ରର ଆଗ୍ନିକ ଅନନ୍ତ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟିର ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବାରିକ ଅତିଥି ପରିଚୟ ଏବଂ କାର୍ଯ୍ୟକାରୀ ସଦସ୍ୟ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତ୍ୟେକ ବ୍ୟାଚ୍‌ର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଜୟନ୍ତୀ କମିଟି ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିବା ବେଳେ ପୁରାତନ ଛାତ୍ର ଉମାକାନ୍ତ ଦାସ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜୟନ୍ତୀ କମିଟି ମିଡ଼ିଆ ସଂଯୋଜକ ତ୍ରିଲୋଚନ ଗୌତମ, ପୁରାତନ ଛାତ୍ର ସୁଧାଂଶୁ ନାୟକ, ଧୀରେନ୍ଦ୍ର ସାହୁ, ହେମନ୍ତ ମହାନ୍ତି, ସୁମନ୍ତ ମହାନ୍ତି, ଜ୍ୟୋତିର୍ମୟ ପାଣ୍ଡବ, ମିନକେତନ ମହଲା, ରାଜେଶ ସ୍ୱାଇଁ, କ୍ଷମାମୟ ପାଣ୍ଡବ, ଗୌରହରି ମହାନ୍ତି, ବୀରେନ୍ଦ୍ର ସାହୁ ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।

## କୁମାର ବଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ୍ ଅନ୍ତର୍ଗତ ଛୋଟି ପଞ୍ଚାୟତର ପୂର୍ବତନ ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସଭା ରବିବାର ଛୋଟି ଠାରେ ଅନୁଷ୍ଠିତ ହୋଇଯାଇଛି। କୁମାର ଚନ୍ଦ୍ର ବଳ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ମଞ୍ଚ ସଂଯୋଜନା କରିଥିବା ବେଳେ ଏଥିରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ, ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବଳଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ବଳଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ବଳଙ୍କ ବଡ଼ଭାଇ କାର୍ତ୍ତିକ ବଳଙ୍କର ମଧ୍ୟ ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ କରାଯାଇଥିବାରୁ ଏକ ସ୍ମରଣିକା 'କୁମାର କାର୍ତ୍ତିକ' କୁ ମଧ୍ୟ ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂସଦର କର୍ମକର୍ତ୍ତା ତଥା ପୁଅ, ବୋହୂ, ଝିଅ ଓ ଜ୍ୱାଇଁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ବଳ ଛୋଟି ପଞ୍ଚାୟତରୁ ସମିତିସଭ୍ୟ ଓ ସରପଞ୍ଚ ଭାବେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱ ସମୟରେ ତାଙ୍କ ଉଦ୍ୟମରେ ଛୋଟି ପଞ୍ଚାୟତର ବହୁବିଧ ଉନ୍ନତି ହୋଇଥିବା ସ୍ମୃତିଚାରଣରେ ବକ୍ତାମାନେ କହିଥିଲେ।

## ସମ୍ବାଦ ସାହିତ୍ୟଘର ପକ୍ଷରୁ ଶୀତ ଆସର




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ସମ୍ବାଦ ସାହିତ୍ୟଘର ପକ୍ଷରୁ ଶୀତ ଆସର ସ୍ଥାନୀୟ ସୈନିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବାଦ ସାହିତ୍ୟଘର ଆବାହକ ପ୍ରଭାତ କୁମାର ରାଉଳଙ୍କ ଆବାହକତ୍ୱ ଓ ସଭାପତି ଶଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନାରାୟଣ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗ ଦେଇ ଶୀତଋତୁ ସୃଜନ ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ କବି ଭାସ୍କର ଦାସଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ସଞ୍ଜିତ କୁମାର ବଳ, ସରୋଜ କୁମାର ଓଝା, ସୁଧାରଞ୍ଜନ ମହାନ୍ତି, ରଘୁନାଥ ପାତ୍ର, ସୁଧାକର ଧନୀ, ଶଶିକାନ୍ତ ବେହେରା, ବାବୁରାମ ରାଉତ, ବିସ୍ମୟ ବିହାରୀ ସାହୁ, କୈଳାସ ବେହେରା, ଦୈତାରୀ ଜେନା, କବିଶ୍ରୀ ଗୋଲକ ପ୍ରସାଦ ବୈୟାରୀ, ବେଣୁଧର ଦାସ, ବାଇଧର ମହାନ୍ତି, ଦ୍ୱାରିକାନାଥ ଦାସ, ଦେବେନ୍ଦ୍ର ମହାଳିକ, ରୁବିଲତା ଦାସ, ନିର୍ମଳ ଚନ୍ଦ୍ର ଦଳେଇ, ହରିହର ମଳିକ, ପୁଷ୍ପାଞ୍ଜଳି ତ୍ରିପାଠୀ, ପ୍ରଫୁଲ୍ଲ ପାଢ଼ୀ, ଆଶୁତୋଷ କରଣ, ମାମି ପାତ୍ର, ଅରୁଣ ସୂତାର, ନିରୁପମା ପାଣି, ବସନ୍ତ ଦାସ, ଭଗବାନ ପଣ୍ଡା, ବାଇଧର ମାହୁନ୍ତ, ହରିଚନ୍ଦନ ନାୟକ, ଫକୀର ମହାଳିକ, ପୀତାମ୍ବର ସେଠୀ, ସୁରେଶ ଚନ୍ଦ୍ର ନାୟକ, ମୌସୁମୀ ଗୋଛାୟତ, ଚିନ୍ମୟ ବେହେରା, ଯଯାତି କେଶରୀ ଦାସ ପ୍ରମୁଖ ଯୋଗଦେଇ ସ୍ୱରଚିତ ଶୀତ କବିତା ପାଠ କରିଥିଲେ। ପ୍ରବଚିକା ବିଶ୍ୱ ମୈତ୍ରୀ ନାୟକ ବେଦପାଠ କରିଥିଲେ। କବି ସୁବ୍ରତ ମିଶ୍ର ଆହ୍ୱାନ କରିଥିବା ବେଳେ କବି ନୀଳମାଧବ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ନିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶନିବାର ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇ ଯାଇଛି। ଏହି ଅବସରରେ କାର୍ଯ୍ୟକ୍ରମ ସଂଯୋଜିକା ନିରୁପମା ସାହୁଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜର ଅଧକ୍ଷ ଦୀନବନ୍ଧୁ ଗାହାଣ ଯୋଗଦେଇ ବାଳିକାମାନେ ନିଜର ଆତ୍ମରକ୍ଷା ପାଇଁ କୌଶଳ ଶିଖିବା ଆବଶ୍ୟକ ବୋଲି କହିଥିଲେ। ଏହି ଶିବିରରେ ବହୁସଂଖ୍ୟାରେ ଛାତ୍ରୀମାନେ ସାମିଲ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ, ଅଧ୍ୟାପିକା ଉଷାରାଣୀ ଜେନା, ଜ୍ୟୋସ୍ନାରାଣୀ ବିଶ୍ୱାଳ, ସମୀକ୍ଷା ଲେଙ୍କା, ସ୍ୱେତାଲିନା ଦାସ, ଅଧ୍ୟାପକ ନିରଞ୍ଜନ ପାଢ଼ୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କର୍ମଚାରୀ ଦିବାକର ବୀର, ପ୍ରଦୀପ ରାଉଳ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୀନମଣି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୋଳସାହି ପଞ୍ଚାୟତ ଅଧୀନ ଗାଜିପୁର ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୀନମଣି ମିଶ୍ରଙ୍କୁ ଦ୍ୱାଦଶ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଶିକ୍ଷାବିତ ଭରତ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, ଅଧ୍ୟାପକ ଶିବ ପ୍ରସାଦ ଖାମୁରାଇ, ବ୍ରଜସୁନ୍ଦର ମିଶ୍ର, ରତ୍ନାକର ସାହୁ, କାମେଶ୍ୱର ନାରାୟଣ ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ସାହୁ, ରମାକାନ୍ତ ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ର ଗାଁ ଓ ମାଟି ପାଇଁ ଉତ୍ସର୍ଗୀକୃତ ସେବା କରି ସ୍ମରଣୀୟ ହୋଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୋମନାଥ ମିଶ୍ର, ଦମୟନ୍ତୀ ନାଥ, ସୁଦର୍ଶନ ସାହୁ, ବିନୋଦ ବିହାରୀ ତ୍ରିପାଠୀ, ଦ୍ରୌପଦୀ ସାହୁ, ଉମାକାନ୍ତ ସାହୁ, ଗୌରାଙ୍ଗ ସାହୁ, ହରେକୃଷ୍ଣ ପଣ୍ଡା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅରବିନ୍ଦ ମିଶ୍ର, ଶ୍ୟାମସୁନ୍ଦର ମିଶ୍ର, ସତ୍ୟସୁନ୍ଦର ମିଶ୍ର, ପ୍ରମୋଦ ମିଶ୍ର, ଅକ୍ଷୟ ମିଶ୍ର, ମନମୋହନ ମିଶ୍ର, ସିଦ୍ଧାର୍ଥ ମିଶ୍ର, ବାପୁଜୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ମଧ୍ୟ ଉପସ୍ଥିତ ରହି ଦୀନମଣି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ହାଡ଼ଭଙ୍ଗା ଶୀତରେ ଥରୁଛି କେନ୍ଦୁଝର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବିଳମ୍ବରେ ହେଲେ ବି କେନ୍ଦୁଝର ଜିଲାରେ ଏବେ ପ୍ରବଳ ଶୀତର ପ୍ରକୋପ ଅନଭୁତ ହେଉଛି। ଫଳରେ ସାଧାରଣ ଲୋକଙ୍କର ଜୀବନ ଯାତ୍ରା ଅସ୍ତ ବ୍ୟସ୍ତ ହୋଇ ପଡିଛି। ସାରା ଜିଲା ହାଡଭଙ୍ଗା ଶୀତରେ ଥରୁଥିବା ବେଳେ ଏଥିରୁ ଟିକିଏ ତ୍ରାହି ପାଇବା ପାଇଁ ଲୋକଙ୍କର ଏବେ ବେଶ ଭିଡ଼ ଶୀତ ବସ୍ତ୍ର ଦୋକାନମାନଙ୍କରେ ଜମୁଥିବା ଲକ୍ଷ୍ୟ କରାଯାଉଅଛି। ଅନ୍ୟପକ୍ଷରେ ଶୀତର ପ୍ରକୋପ ସଙ୍ଗକୁ ଗ୍ରାହକଙ୍କ ଆଗ୍ରହକୁ ଦେଖି ବ୍ୟବସାୟୀ ମାନେ ମଧ୍ୟ ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଦାମ୍ ଭେଳିକି ଭେଳିକି କିସମ କିସମର ରଙ୍ଗ ବେରଙ୍ଗ ଶୀତବସ୍ତ୍ରର ପସରା ମେଲାଇ ଦେଇଛନ୍ତି। ବଣ, ପାହାଡ଼, ନଈ, ନାଳ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ କେନ୍ଦୁଝର ଜିଲାରେ ପାରଦ ଖସି ୮ ଡିଗ୍ରୀ ତଳକୁ ଆସିଯାଇଥିବା ବେଳେ ସାରା ଜିଲ୍ଲା ଏବେ ପ୍ରବଳ ଥଣ୍ଡାରେ ଥର ହର ହେଉଛି। ଗତ କିଛିଦିନ ହେବ ପାଗ ଶୁଖିଲା ଥିବାବେଳେ ରାତିରେ ପ୍ରବଳ କାକର ପଡୁଛି। ସକାଳୁ ସକାଳୁ ସାମାନ୍ୟ କୁହୁଡି ପଡ଼ିବା ସହ ଓ ରାତି ଦିନ ସବୁବେଳେ ଥଣ୍ଡା ପବନ ବୋହୁଛି। ଫଳରେ ଦିନ,ରାତି ସବୁବେଳେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ ଭୋରରୁ ଓ ସକାଳୁ ଥଣ୍ଡା ଅଧିକ ଅନୁଭୁତ ହେଉଛି। ଏବେ ପାରଦ ୮ ଡିଗ୍ରୀକୁ ଖସି ଆସିଥିବା ବେଳେ ଥଣ୍ଡାରୁ ଦୂରେଇ ରହିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ବ୍ୟବସାୟୀମାନେ କମ୍ବଳଠାରୁ ଆରମ୍ଭକରି କିସମ କିସମର ସାଲ, ସ୍ୱେଟର, ଜ୍ୟାକେଟ ଭେଳିକି ଭେଳିକି ଡିଜାଇନର ଟୋପି ଆଦିର ପସରା ମେଲାଇ ବସିଛନ୍ତି। ଫଳରେ ସବୁ ଶ୍ରେଣୀର ଲୋକ ନିଜ ଶକ୍ତି ଅନୁସାରେ ଶୀତବସ୍ତ୍ର ପାଇ ପାରୁଛନ୍ତି। ଡେରିରେ ହେଲେ ବି ଏବେ କିଛିଦିନ ହେବ କେନ୍ଦୁଝରକୁ ଶୀତ ଆସିଥିବାରୁ ଓ ଶୀତବସ୍ତ୍ରର ବେପାର ମଧ୍ୟ ଭଲ ହେଉଥିବାରୁ ବ୍ୟବସାୟୀ ମାନେ ମଧ୍ୟ ବେଶ ଖୁସିଥିବା ମତବ୍ୟକ୍ତ କରିଛନ୍ତି। ଏହି ହାଡ଼ଭଙ୍ଗା ଶୀତରେ କିନ୍ତୁ ସବୁଠାରୁ ଅଧିକ କଷ୍ଟ ପାଉଛନ୍ତି ଗରୀବ ମଳିମୁଣ୍ଡିଆମାନେ। ସେମାନଙ୍କ ପାଇଁ କେବଳ ନିଆଁର ଧ୍ୱନି ଏକମାତ୍ର ସାହାରା ପାଲଟିଅଛି। ଚା'ଦୋକାନ ମାନଙ୍କରେ ବେଶ ଭିଡ଼ ମଧ୍ୟ ଦେଖିବାକୁ ମିଳୁଛି।

## ମାଆ ତାରିଣୀଙ୍କ ଜନ୍ମୋତ୍ସବ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମରେ ପୌଷ ଶୁକ୍ଳ ଦଶମୀ ଦିନଠାରୁ ଚାରିଦିନ ବ୍ୟାପି କୃପାମୟି ମା'ତାରିଣୀଙ୍କ ୧୭ତମ ଯଜ୍ଞଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଙ୍କୁରକ୍ଷରୋପଣ, କଳସାଧିବକ୍ଷସ, ଆଗ୍ନି ସ୍ଥାପନ, ଗୋପୂଜା, ସୂର୍ଯ୍ୟପୂଜା,ଓ ଶେଷରେ ପୂର୍ଣ୍ଣାହୂତି ହୋଇ ଥିଲା। ପ୍ରତ୍ୟେହ ଶ୍ୟାମ ସୁନ୍ଦର ଭଜନ ସଂଧ୍ୟା ଆନୁକୁଲ୍ୟରେ ନାମ ସଙ୍କୀର୍ତ୍ତନ, ଭଜନ, ଜଣାଣ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିଜୟ କୁମାର କରଶର୍ମା ସନ୍ତୋଷ କୁମାର ପାଢ଼ୀ, ଆଲୋକ ଚନ୍ଦ୍ର ପଣ୍ଡା, ଶିବ ପ୍ରସାଦ ପଣ୍ଡା, ତ୍ରିଲୋଚନ ପଣ୍ଡା, ଜଗତଜୀବନ ପଣ୍ଡା, ଶ୍ରୀନିବାସ ପଣ୍ଡା ଯଷାଙ୍କିକ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ଯଥା ବିଦ୍ଧି ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ସମରେନ୍ଦ୍ର ମାହାଲା ଓ ଗୀତାଞ୍ଜଳୀ ମାହାଲା ଉପକର୍ତ୍ତା ଭାବେ ପ୍ରଦୀପ୍ତ କୁମାର ବିଶ୍ୱାଳ, ମଞ୍ଜୁଳା ବିଶ୍ୱାଳ, ପ୍ରତାପ ପଲେଇ ଯଥା ବିଦ୍ଧି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ପ୍ରତ୍ୟେହ ଶ୍ରଦ୍ଧାଳୁ ଭକ୍ତମାନେ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିଥିଲେ। ଚାରିଦିନ ବ୍ୟାପି ଯଜ୍ଞ କାର୍ଯ୍ୟକୁ ସୁଙ୍ଗୁଡ଼ା ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



କଟକ(ଭାସ୍କର ନ୍ୟୁଜ୍): ଦେଶରେ ବୁଲଡୋଜର ସରକାର ନାମରେ ପରିଚିତ ଡବଲ ଇଞ୍ଜିନ ବିଜେପି ସରକାର ବାଲେଶ୍ୱରରେ ନିରିହ ବସ୍ତି ବାସିନ୍ଦାଙ୍କ ଉପରେ ତାଙ୍କର ବୁଲଡୋଜର କରାମତି ଦେଖାଇ ଦେଇଛନ୍ତି। ଅଢେଇଶହ ପାଖାପାଖି ପରିବାରକୁ ବିନା ଥଇଥାନରେ କର୍ଫ୍ୟୁ ଲଗାଇ ଅତ୍ୟନ୍ତ ଅମାନୁଷିକ ଓ ବେଆଇନ ଭାବେ ଉଚ୍ଛେଦ କରିଛନ୍ତି। ବାଲେଶ୍ୱର ଅରଡବଜାର ରେଳ ବିଭାଗ ସ୍ଥାନରେ ଥିବା ବହୁ ପୁରାତନ ବସ୍ତି ବାସିନ୍ଦାଙ୍କ ସଂପର୍କରେ ପ୍ରଶାସନ ମିଥ୍ୟା କୁତ୍ସାରଟନା କରି ଉଚ୍ଛେଦ କରିଥିବାରୁ ଏହାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଘୋର ନିନ୍ଦା କରଛନ୍ତି। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସରକାରଙ୍କ ଏହି କାମକୁ ତୀବ୍ର ଭର୍ତ୍ସନା କରିବା ସହ ତୁରନ୍ତ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରି ପଟ୍ଟା ଦେବାକୁ ମଞ୍ଚ ଆବାହକ ସେଠୀ ଦାବି କରଛନ୍ତି।



## ବଜାରକୁ ନୂଆ ଆଳୁ ଆସିବା ପରେ ମଧ୍ୟ କମୁନି ଦର



କଟକ(ଭାସ୍କର ନ୍ୟୁଜ୍): ଗତ କିଛିଦିନ ହେବ ରାଜ୍ୟରେ ଆଳୁ ଦର ବୃଦ୍ଧି ପାଉଥିବାବେଳେ ଏହାକୁ ନିୟନ୍ତ୍ରଣରେ ଆଣିବା ପାଇଁ ସରକାର ଓ ଯୋଗାଣ ବିଭାଗ ବିଫଳ ହୋଇଛି । ଛତ୍ର ବଜାରରେ ଆଳୁ ଧଡା ପ୍ରତି (୩ କିଲୋ)କୁ ଶହେ କୋଡିଏ ଟଙ୍କା ଦରରେ ବିକ୍ରୀ କରାଯାଉଛି । ଏବେ ବଜାରକୁ ନୂଆ ଆଳୁ ଆସିଯାଇଥିଲେ ମଧ୍ୟ ଦର କମୁନାହିଁ । ପୁରୁଣା ଆଳୁଠାରୁ ନୂଆ ଆଳୁ ତିନି କିଲୋ ପିଛା ଅଧିକ ୧୦ ଟଙ୍କାରେ ବିକ୍ରୀ ହେଉଛି । ଅନ୍ୟପକ୍ଷରେ ଖୁଚୁରା ଦୋକାନରେ ଆଳୁ କିଲୋ ପିଛା ୪୫ ଟଙ୍କା ଲେଖାରେ ବିକ୍ରୀ ହେଉଛି । ଛତ୍ର ବଜାରକୁ ପଶ୍ଚିମବଙ୍ଗ ଆଳୁ ଆସୁନଥିବାବେଳେ ଉତରପ୍ରଦେଶ ଆଳୁ ଲୋକଙ୍କ ଚାହିଦା ପୂରଣ କରୁଛି । ହେଲେ ଅଧିକାଂଶ ଉତରପ୍ରଦେଶ ଆଳୁରୁ ପଚା ଆଳୁ ବାହରୁଥିବାବେଳେ ଏହାକୁ ବେଶୀ ଦିନ ସଂରକ୍ଷିତ ରଖାଯାଇପାରୁନାହିଁ । ଉତର ପ୍ରଦେଶରୁ ଆସୁଥିବା ପ୍ରତ୍ୟେକ ଆଳୁ ପ୍ୟାକେଟରେ ଦେଢ କିଲୋ କମ୍ ଆଳୁ ଆସୁଥିବାବେଳେ ପ୍ରତି ପ୍ୟାକେଟ୍‌ରୁ ମଧ୍ୟ ତିନିରୁ ୫ କିଲୋ ପଚାସଢା ତଥା ଖାଦ୍ୟ ଅନୁପଯୋଗୀ ଆଳୁ ବାହାରୁଛି ବୋଲି ଆଳୁ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । ଏପରିସ୍ଥଳେ ବଜାରରେ ପଶ୍ଚିମବଙ୍ଗ ଆଳୁର ଅଭାବ ଯୋଗୁ ବ୍ୟବସାୟୀମାନେ ବାଧ୍ୟ ହୋଇ ଉତରପ୍ରଦେଶ ଆଳୁ ନେବାକୁ ବାଧ୍ୟ ହେଉଛନ୍ତି । ଉତ୍ତରପ୍ରଦେଶ ଆଳୁ ବାଦ୍ ଅନ୍ୟ ଉପାୟ ନଥିବାରୁ ଖାଉଟିମାନେ ମଧ୍ୟେ ଏହି ଆଳୁ ନେବାକୁ ବାଧ୍ୟ ହେଉଛନ୍ତି ।

## ବାସ୍ତବ ବିଜ୍ଞାନ ଓ ତାତ୍ତ୍ୱିକ ସାହିତ୍ୟ ପୁସ୍ତକ ଲୋକାର୍ପିତ



କଟକ(ଭାସ୍କର ନ୍ୟୁଜ୍): ସାହିତ୍ୟ ସହ ବିଜ୍ଞାନର ସଂପର୍କ ପ୍ରାଚୀନ କାଳରୁ ରହିଛି। ସାହିତ୍ୟକୁ ବେଳେ ବେଳେ ବିଜ୍ଞାନ ପ୍ରଭାବିତ କରିଥିଲା ବେଳେ ବିଜ୍ଞାନକୁ ମଧ ସାହିତ୍ୟ ପ୍ରଭାବିତ କରିଛି। ଲୋକପ୍ରିୟ ବିଜ୍ଞାନ ହିଁ ସାହିତ୍ୟ ସର୍ବସ୍ୱ ବୋଲି ସ୍ୱର୍ଗତ ଚୌଧୁରୀ ଶରତ ଚନ୍ଦ୍ର ଦାଶଙ୍କ ପୁସ୍ତକ ବାସ୍ତବ ବିଜ୍ଞାନ ଓ ତାତ୍ତ୍ୱିକ ସାହିତ୍ୟ ପୁସ୍ତକ ଡ. ମିହିର କୁମାର ଦାସଙ୍କ ସଭାପତିତ୍ୱରେ ଶତାବ୍ଦୀ ଭବନରେ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ହେମେନ୍ଦ୍ର ନାରାୟଣ ଦାସ, ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ୍ ଦୈତାରି ସାହୁ, ସମ୍ମାନିତ ଅତିଥି, ଦିବ୍ୟଲୋକ ସନ୍ଧାନେ ପତ୍ରିକାର ସଂପାଦକ ଶ୍ରୀ ସନ୍ନ୍ୟାସୀ, ସମ୍ମାନିତ ବକ୍ତା, ଉତ୍କଳ ସମ୍ମିଳନୀର ସଭାପତି ଡାକ୍ତର ରବିରଂଜନ ସାହୁ, ଡ. ସୁବାସିନୀ ଲେଙ୍କା ଓ କୈଳାସ ଶତପଥି ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିବା ପୁସ୍ତକଟି ଲୋକାର୍ପଣ କରି ପୁସ୍ତକଟିର ପ୍ରସଙ୍ଗର ଜନାଦୃତି ଘଟିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୁସ୍ତକର ପ୍ରକାଶକ ଓ ସଂକଳକ ଚୌଧୁରୀ ଶ୍ରୀମତି ଦାସ ପୁସ୍ତକର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲାବେଳେ ଗାଳ୍ପିକ ତପନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ କବି ରାଜୀବ କୁମାର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅଜଂନକୃଷ୍ଣ କମିଲା ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୮ତମ ବାର୍ଷିକ ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଅଭିଭାଷଣ ପ୍ରଦାନ କରି କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ସେମାନଙ୍କ ସାମଗ୍ରିକ ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ। ସ୍ୱାଗତ ଭାଷଣ ଦେଇ ସ୍କୁଲର ଚେୟାରପର୍ସନ ଡ ମୋନାଲିସା ବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ବୃଦ୍ଧିରେ ସକ୍ରିୟ ସମର୍ଥନ କରିବା ଦିଗରେ ଉତ୍ସାହିତ କରିଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲକୁ ସୁନାମ ଆଣିଦେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କାରାନାଇ'ର ଇ-ସଂସ୍କରଣକୁ ଶ୍ରୀ ସାମନ୍ତ ଉନ୍ମୋଚନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟ୍ରାଇସିଟିର ପରିକଳ୍ପନା କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟୁଇନ ସିଟି ପରେ ଟ୍ରାଇସିଟିର ପରିକଳ୍ପନା କରୁଛନ୍ତି ରାଜ୍ୟ ସରକାର । ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ପୁରୀ, ଭୁବନେଶ୍ୱର ଓ କଟକକୁ ନେଇ ଟ୍ରାଇସିଟି କରିବେ ରାଜ୍ୟ ସରକାର । ଉଭୟ ତିନି ସ୍ଥାନର ଗମନାଗମନ ଓ ବିକାଶକୁ ଗୁରୁତ୍ୱ ଦେଇ ଏହି ଟ୍ରାଇସିଟିକୁ ଡେଭଲପ କରିବେ ରାଜ୍ୟ ସରକାର ।

## ସମସ୍ତ ସହରାଞ୍ଚଳରେ ଟାଉନ୍ ପ୍ଲାନିଂ ସ୍କିମ୍ କରାଯିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ହେଉଛି ଏକ ପ୍ଲାନଡ୍ ସିଟି। ତେଣୁ କୌଣସି ଅନପ୍ଲାନଡ୍ କାର୍ଯ୍ୟ କରାଯିବ ନାହିଁ । ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଅଧିକରୁ ଅଧିକ ଟାଉନ ପ୍ଲାନ ସ୍କିମ ଉପରେ ଗୁରୁତ୍ୱ ଦିଆଯାଉଛି । କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କରାଯିବ ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ ।

## ବିଜେଡିର କାହା ସହ ଲିଙ୍କ୍ ନାହିଁ: ବିଜେଡି ବିଧାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦୀପ ପୁରୋହିତଙ୍କ ଅଭିଯୋଗର ଉତ୍ତର ରଖିଲେ ବିଜେଡି ବିଧାୟକ ପ୍ରଦୀପ ଦିଶାରୀ । ସରକାରରେ ଅଛନ୍ତି କିଏ ଲିଙ୍କରେ ଥିଲେ ତଦନ୍ତ କରନ୍ତୁ । ଖାଲି ବିଜେଡି ନେତା ଏବଂ ମନ୍ତ୍ରୀଙ୍କ ନାଁ ରେ କହିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି । ବିଜେଡିର କାହାରି ଲିଙ୍କ ନାହିଁ । ସେମାନେ ଖୋଜିକି କାଢନ୍ତୁ ବୋଲି ବିଜେଡି ବିଧାୟକ କହିଛନ୍ତି ।

## ଏଚ୍‌ଏମ୍‌ପିଭି ଭାଇରସକୁ ନେଇ ବୁଧବାର ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଚ୍‌ଏମ୍‌ପିଭି ଭାଇରସକୁ ନେଇ ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ଏଚଏମପିଭି ଭାଇରସକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଡାକିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ବୁଧବାର ସମସ୍ତ ଜିଲ୍ଲାର ସ୍ଥିତି ଓ ପ୍ରସ୍ତୁତି ନେଇ ଆଲୋଚନା କରିବ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ।

## ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ ଓଭର ବ୍ରିଜ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସହରାଞ୍ଚଳ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ ଓଭର ବ୍ରିଜ । ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଓ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇ ପାରିବ ସେ ନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ ଡାକି ଆଲୋଚନା କରିଛନ୍ତି । ତୁରନ୍ତ ପ୍ଲାନ ଦେବା ପାଇଁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଦେଖା ଯାଉଥିବା ଟ୍ରାଫିକ ଜାମକୁ ଦୂର ପାଇଁ ଆମେ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବଢ଼ାଉଛୁ । ଡବଲ ଡେକର ବସ ସେବା ଆରମ୍ଭ କରାଯାଇଛି ।

## ଝାରସୁଗୁଡ଼ା ବିଜେଡିର ଅନ୍ତଃ କନ୍ଦଳକୁ ଲୁଚାଇବା ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍: ପ୍ରଦୀପ ପୁରୋହିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅଧ୍ୟକ୍ଷ ଅନାସ୍ଥା ନିର୍ବାଚନ ଘଟଣାରେ ବିଜେଡି ସଭାପତି ଯେଉଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି ତାହା ତାଙ୍କ ଦଳର ଅନ୍ତଃ କନ୍ଦଳକୁ ଲୁଚାଇବା ପାଇଁ ହୋଇଛି ବୋଲି କହିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ସେ କହିଛନ୍ତି ଯେ ବିଜେଡିର ଏହି ୭ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଜି ଏକ ହୋଟେଲରେ ବ୍ରଜରାଜନଗର ଅନାସ୍ଥା ପ୍ରସ୍ତାବ ଆଲୋଚନା କରିବା ବେଳେ ଯୁକ୍ତିତର୍କ ହୋଇଥିବା କଥା ଶୁଣିବାକୁ ମିଳୁଛି । ବ୍ରଜରାଜନଗରର ପୂର୍ବତନ ବିଧାୟିକାଙ୍କ ସମର୍ଥକ ଚେୟାରମ୍ୟାନଙ୍କୁ ହଟାଇବା ପାଇଁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକାଙ୍କ ସମର୍ଥକ ଏହି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ଏହି ଦୁଇ ପୂର୍ବତନ ବିଧାୟିକାଙ୍କ ଅନ୍ତଃ କନ୍ଦଳକୁ ଲୁଚାଇବା ପାଇଁ ବିଜେଡି ପ୍ରୟାସ କରୁଛି । ଅପରପକ୍ଷରେ ଝାରସୁଗୁଡ଼ାକୁ ଯେଉଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଆସିଥିଲେ, ସେହି ଟିମରେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ମାହାଙ୍ଗା ଡବଲ ମର୍ଡରର ଅଭିଯୁକ୍ତ ଅଛନ୍ତି । ଏହିଭଳି ଲୋକ ଯଦି ଝାରସୁଗୁଡ଼ାକୁ ଆସନ୍ତି ତେବେ ଝାରସୁଗୁଡ଼ାବାସୀ କେତେ ସୁରକ୍ଷିତ ରହିବେ ? ଶ୍ରୀ ପୁରୋହିତ କହିଛନ୍ତି ଯେ, ଦୀପାଳି ଦାସ ଯେଉଁ ସମୟରେ ଅଭିଯୋଗ କଲେ, ତାଙ୍କ ବାପା ସ୍ୱର୍ଗତ ନବ ଦାସଙ୍କୁ ପୋଲିସ ଦ୍ୱାରା ହତ୍ୟା କରାଯାଇଛି, ସେ ସମୟରେ ନବୀନ ବାବୁ ଉକ୍ତ ଘଟଣାର ଅନୁଧ୍ୟାନ ପାଇଁ କେତେଟା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଥିଲେ ? ଏହାର ଉତ୍ତର ସେ ରଖିବେ କି ? ଏହି ଘଟଣାରେ ବିଜେଡି କେବଳ ରାଜନୈତିକ ଫାଇଦା ନେଇ ଲୋକଙ୍କୁ ଭୟଭୀତ କରିବା ପାଇଁ ଚେଷ୍ଟା କରୁଛି, ଯେଉଁ ପ୍ରଚେଷ୍ଟା କେବେ ବି ଫଳପ୍ରଦ ହେବ ନାହିଁ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

## ପୁନର୍ମିଳନ ୧୯୭୮ର ବାର୍ଷିକ ବନ୍ଧୁମିଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ପ୍ରେସ କ୍ଲବ ପରିସରରେ ପୁନର୍ମିଳନ-୧୯୭୮ର ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ୧୯୭୮ରେ ମାଟ୍ରିକ ପାସ କରିବା ପରେ ରେଭେନ୍ସା ଓ ବାଣୀବିହାରରେ ପଢିଥିବା ବନ୍ଧୁମାନେ ୨୦ ତମ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିଲେ । ଏଥିପାଇଁ କେତେଜଣ ଦିଲ୍ଲୀ, ମୁମ୍ବାଇ, କଲିକତାରେ ରହୁଥିଲେ ମଧ ଏହି ବନ୍ଧୁ ମିଳନ ଉତ୍ସବରେ ଯୋଗ ଦେବାକୁ ଆସିଥିଲେ । ପ୍ରାୟ ସବୁ ବନ୍ଧୁ ଏବେ ସେବାନିବୃତ୍ତ ହୋଇ ନିଜ ଅନୁଭୂତିକୁ ଉପସ୍ଥାପନା କରିଥିଲେ । ପ୍ରତ୍ୟେକ ବନ୍ଧୁଙ୍କୁ ଉଦ୍ୟୋକ୍ତା ଅସିତ ମହାନ୍ତି, ଅରବିନ୍ଦ ଶତପଥି, ରାକେଶ ମହାନ୍ତି, କୌସ୍ତବ ବେହେରା, ସଂଗ୍ରାମ ସ୍ୱାଇଁ ଏକ ଉତ୍ତରୀୟ ପିନ୍ଧାଇବା ସହ ସଭ୍ୟ ରାଜା ପରିଜାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ଉପହାର ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ଏକ ସଂଗୀତ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ଓ ପୁରୁଣା ଗୀତର ତାଳେ ତାଳେ ସମସ୍ତେ ନାଚିଥିଲେ । ବନ୍ଧୁମିଳନରେ ସର୍ବଶ୍ରୀ ନିକୁଞ୍ଜ ସୁନ୍ଦରାୟ, ପ୍ରେମାନନ୍ଦ ଖୁଣ୍ଟିଆ, ସଂଗ୍ରାମଜୀତ ନାୟକ, ରାଜା ପରିଜା, ବିଶ୍ୱମୋହନ ରାୟ, ଚିନ୍ମୟ କବି, ଅସିତ ମହାନ୍ତି, ଅଜିତ କୁମାର ଦାସ, ରାକେଶ ମହାନ୍ତି, ସୁଶାନ୍ତ ମହାନ୍ତି, ସଞ୍ଜୟ ଦାସ, ଗୌରୀଶଙ୍କର ଶର୍ମା, ରଞ୍ଜନ କୁମାର ସ୍ୱାଇଁ, ଭାଗିରଥି ପଣ୍ଡା ।

### ସରକାରୀ ପ୍ରାଥମିକ ବିଦ୍ୟାଳୟ କନ୍ଦଳେଇର ବାର୍ଷିକ ଉତ୍ସବ

## 'ଭଲ ପାଠ ପଢ଼, ଭଲ ମଣିଷ ହୁଅ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭଲ ପାଠ ପଢ଼, ଭଲ ମଣିଷ ହୁଅ । ଜୀବନରେ ଜଣେ ଜଣେ ଆଦର୍ଶ ନାଗରିକ ହୁଅ । ଜଣେ ଉତ୍ତମ ବିଦ୍ୟାର୍ଥୀ ପାଇଁ ସଂସ୍କାର, ନମ୍ରତା, ଶାଳୀନତା ଓ ଶୃଙ୍ଖଳା ନିତ୍ୟାନ୍ତ ଜରୁରୀ । ସେମାନଙ୍କ ମଧ୍ୟରେ ଅସରନ୍ତି ଉତ୍ସାହ, ଉଦ୍ଦୀପନା ଓ ପ୍ରତିଭା ଭରି ରହିଛି । ସେହି ପ୍ରତିଭାକୁ ବିକଶିତ କରିବାରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସରକାରୀ ପ୍ରାଥମିକ ବିଦ୍ୟାଳୟ, କନ୍ଦଳେଇର ୮ମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ । ସାମାଜିକ ଅନୁଷ୍ଠାନ 'ଚିନ୍ମୟୀ ଫାଉଣ୍ଡେସନ୍ ଟ୍ରଷ୍ଟ' ସହଯୋଗରେ ଆୟୋଜିତ ଉକ୍ତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପ□ ବିଷ୍ଣୁପ୍ରସାଦ ଢ଼େଙ୍ଗ, ସମ୍ମାନିତ ଅତିଥି ରୂପେ 'ଚିନ୍ମୟୀ ଫାଉଣ୍ଡେସନ୍'ର ପ୍ରତିଷ୍ଠାତ୍ରୀ ସନ୍ତୋଷୀ ଜୈନ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଗୋପୀମୋହନ ପଟ୍ଟନାୟକ, ଶ୍ରୀପତି ଆଚାର୍ଯ୍ୟ, ତ୍ରିଲୋଚନ ବେଉରା, 'ଆମ ପରିବାର ଚ୍ୟାରିଟେବୁଲ୍ ଟ୍ରଷ୍ଟ'ର ସାଧାରଣ ସମ୍ପାଦକ ବିମଳ ଶତପଥି, ସୁଶ୍ରୀ ନିରୋଜାଲକ୍ଷ୍ମୀ ମହାପାତ୍ର, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବି.କେ. ଗାୟତ୍ରୀ, ବି.କେ. କବିତା ଭଉଣୀ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଉପସ୍ଥିତ ଅତିଥି ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ସୁବାସ ଓଝା ଓ ଗ୍ରାମବାସୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାର୍ଥୀମାନେ ନୃତ୍ୟ ମାଧ୍ୟମରେ ପ୍ରକୃତି ପ୍ରେମର ବାର୍ତ୍ତା ଦେଇଥିଲେ ।

## ସ୍ୱାମୀ ବିବେକାନନ୍ଦଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ଦାର୍ଶନିକ, ରାଷ୍ଟ୍ରଭକ୍ତ, ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀରେ କୋଟି କୋଟି ପ୍ରଣାମ ଏବଂ ଜାତୀୟ ଯୁବ ଦିବସ ଅବସରରେ ଦେଶର ସମସ୍ତ ଯୁବଶକ୍ତିଙ୍କୁ ହାର୍ଦ୍ଦିକ ଶୁଭକାମନା। ସେହିପରି ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ସଂସ୍କୃତିର ଅଦ୍ୱିତୀୟ ପ୍ରବକ୍ତା ତଥା ଯୁବ ଶକ୍ତିର ପ୍ରେରଣାସ୍ରୋତ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ ଓ ଦେଶବାସୀଙ୍କୁ ଜାତୀୟ ଯୁବ ଦିବସର ଶୁଭକାମନା ।

## ଭୋସ୍- ୯୨ର ୩୩ ତମ ବାର୍ଷିକ ବନ୍ଧୁମିଳନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଣୀବିହାର ପୁରାତନ ଛାତ୍ର ସଂଗଠନ (ଭୋସ-୯୨) ବାର୍ଷିକ ବନ୍ଧୁ ମିଳନ ଆମ୍ରପଲ୍ଲୀ ରିସର୍ଟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଭାବାବେଗ ଏବଂ ଆତ୍ମିୟତା ବେଶ ପରିଲକ୍ଷିତ ହୋଇଥିଲା । ବିଗତ ୩୩ ବର୍ଷର ବାଣୀବିହାର ଅନୁଭୂତିକୁ ବନ୍ଧୁ ଓ ବାନ୍ଧବୀମାନେ ରୋମନ୍ଥନ କରିଥିଲେ । ବିଦେଶରୁ ବହୁତ ବନ୍ଧୁ ଓ ବାନ୍ଧବୀ ଏଥିରେ ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନ ମୁଗ୍ଧକର ଥିଲା । ଭୋସ ପ୍ରଚେଷ୍ଟାରେ ଲାଲକିଲ୍ଲାରେ ଗୋପବନ୍ଧୁଙ୍କ ଛବି ପୁନଃ ସ୍ଥାପନ ଆଦି କାର୍ଯ୍ୟ ବିଷୟରେ ସମ୍ପାଦକ ମନୋଜ ରାଉତ ସୂଚନା ପ୍ରଦାନ କରିଥିଲେ । ନୂତନ କର୍ମକର୍ତ୍ତା ଭାବରେ ପ୍ରିୟବ୍ରତ ମହାନ୍ତି ସଭାପତି, ପୁଷ୍ପଜିତ ମହାପାତ୍ର ଉପସଭାପତି, ମନୋଜ କୁମାର ରାଉତ ସମ୍ପାଦକ, ମନୋଜ କୁମାର ଦେଓ ସହ ସମ୍ପାଦକ, ହିମାଂଶୁ ଶେଖର ସ୍ୱାଇଁ କୋଷାଧ୍ୟକ୍ଷ, ସୌମେନ୍ଦ୍ର ମହାପାତ୍ର ଅଡିଟର ଏବଂ ଗଦାଧର ରଥ ଆବାହକ ଭାବରେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ପରିଶେଷରେ ଉତ୍କଳ ବିଶ୍ୱବିଦ୍ୟାଳୟର ଉନ୍ନତି ଓ ସମାଜ ସେବା ପାଇଁ ଏହି ସଙ୍ଗଠନ ଆଗାମୀ ଦିନରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଶେଷରେ ଉପ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ମହାନ ଦାର୍ଶନିକ, ଆଧ୍ୟାତ୍ମିକ ଗୁରୁ ଓ ସାମାଜିକ ସଂସ୍କାରକ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ତାଙ୍କୁ ବିନମ୍ର ଶ୍ରଦ୍ଧାଂଜଳି । ଏହି ଦିବସଟି ଜାତୀୟ ଯୁବ ଦିବସ ଭାବେ ମଧ ପାଳିତ । ଯୁବ ଆଇକନ ଜ୍ଞାନ ଏବଂ ମୂଲ୍ୟବୋଧ ଯୁବକମାନଙ୍କୁ ସଠିକ୍ ମାର୍ଗରେ ମାର୍ଗଦର୍ଶନ କରିଥାଏ ।


## ଯୁବ ରେଡ୍‌କ୍ରସ୍ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ଯୁବ ଦିବସ ଉପଲକ୍ଷେ ଭାରତୀୟ ରେଡ଼କ୍ରସ୍, ଓଡିଶା ଶାଖାର ଯୁବ ରେଡକ୍ରସ ତରଫରୁ ଭାରତୀୟ ରେଡକ୍ରସ୍, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଷ ଚନ୍ଦ୍ର ପାତ୍ର, (ଭା.ପ୍ର.ସେ.)ଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ସ୍ଥାନୀୟ ରେଡ଼କ୍ରସ୍ ଭବନଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ବିଶିଷ୍ଟ ସ୍ତମ୍ଭକାର ଓ ଶିକ୍ଷାବିତ୍ ପ୍ରଫେସର ନିରଞ୍ଜନ ପାଢୀ ମୁଖ୍ୟ ଅତିଥିରୂପେ ଯୋଗଦେଇ ବିଶ୍ୱ ଯୁବ ଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ସ୍ୱେଚ୍ଛାସେବୀମାନେ ଅନୁପ୍ରାଣୀତ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ଆର୍ନ୍ତଜାତୀୟ ରଗ୍‌ବି ଖେଳାଳୀ ସୁଶ୍ରୀ ତରୁଲତା ନାୟକ ଯୋଗଦେଇ ସାମ୍ପ୍ରତିକ ସମୟରେ ଆଗକୁ ବଢିବା ପାଇଁ ଯୁବକମାନେ ନିଷ୍ଠା ଓ ଏକାଗ୍ରତା ଥିବା ଜରୁରୀ ବୋଲି କହିଥିଲେ । ଭାରତୀୟ ରେଡ଼କ୍ରସ୍, ଓଡିଶା ଶାଖାର କୋଷାଧ୍ୟକ୍ଷ ଲାବଣ୍ୟ ସବର ତାଙ୍କର ସଭାପତିତ୍ୱ ଅଭିଭାଷଣରେ ରେଡ଼କ୍ରସ୍ର ସ୍ୱେଚ୍ଛାସେବୀ ଭାବେ ପରିଚିତ ହେବା ଆଜିର ସମାଜରେ ଏକ ଗର୍ବ ଓ ଗୌରବର ବିଷୟ ଭାବରେ ଗ୍ରହଣ କରି ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନେ ସମାଜରେ ଥିବା ପିଡିତ ନିଷ୍ପେଷିତ ଓ ଅବହେଳିତମାନଙ୍କ ପାଖରେ ପଂହଚି ସେବା ଯୋଗେଇ ଦେବାପାଇଁ ସେ ଆହ୍ୱାନ ଦେଇଥିଲେ । ଯୁବ ରେଡକ୍ରସ ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ ପ୍ରଦାନ କରଥିଲେ ଓ ଭାରତୀୟ ରେଡ଼କ୍ରସ୍, ଓଡିଶା ଶାଖାର ଯୁଗ୍ମ ସଚିବ ଅଶୋକ କୁମାର ମହାନ୍ତି, ଅତିଥି ପରିଚୟ ପ୍ରଦାନ କରିଥିଲେ । କଟକ ଜିଲ୍ଲାର ଯୁବ ରେଡକ୍ରସ ଆବାହକ ଡ. ସସ୍ମିତା ପନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହଂସିତାଙ୍କ ସହ ବିଜେଡି ନେତାଙ୍କର ରହିଛି ସମ୍ପର୍କ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହଂସିତାଙ୍କ ସହ ବିଜେଡି ନେତାଙ୍କର ରହିଛି ସମ୍ପର୍କ । କଳାହାଣ୍ଡିର ବିଜେଡି ନେତା ତଥା ତତ୍କାଳୀନ ଶିଳ୍ପ ମନ୍ତ୍ରୀଙ୍କ ସହ ହଂସିତାଙ୍କ ସମ୍ପର୍କ ଥିବାର ଅଭିଯୋଗ ଆଣିଲେ ବିଜେପି ସାଂସଦ ପ୍ରଦୀପ ପୁରୋହିତ । ପ୍ରଦୀପ ପୁରୋହିତ କହିଛନ୍ତି ଶିଳ୍ପ ବିଭାଗ ନୀତି ନିୟମ ବାହାରେ ଅନେକ କାମ ହଂସିତାଙ୍କୁ ଦିଆଯାଇଛି । ଏଥିରେ ଶହ ଶହ କୋଟି ଟଙ୍କାର ଲୁଟ ହୋଇଛି । ଏହି ଘଟଣାରେ ତତ୍କାଳୀନ ମନ୍ତ୍ରୀ ତଥା ବିଜୁ ଜନତାର ବିଧାୟକଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି ।

## ମୁଁ ପେନ୍‌ସନ୍ ଗ୍ରହଣ କରିବି ନାହିଁ: ପ୍ରଫୁଲ୍ଲ ସାମନ୍ତରା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମନ୍ତରା ଜରୁରୀ ପରିସ୍ଥିତିର ବନ୍ଦୀମାନଙ୍କୁ ପେନସନ ପ୍ରଦାନ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଉପରେ ଓ ଜଣେ ମିସା ବନ୍ଦୀ ରୂପେ ଏହାକୁ ଗ୍ରହଣ ନକରିବାର ନିଷ୍ପତି ନେଇ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କହିଲେ ଯେ, ଦୀର୍ଘ ୪୭ ବର୍ଷରେ ତତ୍କାଳୀନ ବନ୍ଦୀମାନଙ୍କ ମଧ୍ୟରୁ ଯେଉଁମାନେ ବିଧାୟକ, ସାଂସଦ ସମେତ ବିଭିନ୍ନ କ୍ଷେତ୍ରରୁ ପାଉଥିବା ପେନସନ ଓ ବ୍ୟବସାୟ କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ବା ସମ୍ପତ୍ତିବାନ ବ୍ୟକ୍ତିମାନଙ୍କୁ ବନ୍ଦୀ ନାମରେ ଭତ୍ତା ଦିଆଯିବାର ଯଥାର୍ଥତା ନାହିଁ । ବନ୍ଦୀ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ବର୍ତ୍ତମାନ ଜରୁରୀ ପରିସ୍ଥିତି ଠାରୁ ଭୟାନକ ଅଘୋଷିତ ଜରୁରୀ ପରିସ୍ଥିତିର ସମର୍ଥକ ଓ ସହଯୋଗୀ ରୂପେ ରାଜନୀତି କରୁଛନ୍ତି । ସେମାନଙ୍କୁ ଭତ୍ତା ଦେବା କେତେ ଯଥାର୍ଥ ? ମୁଁ ନିଜେ ଜରୁରୀ ପରିସ୍ଥିତିରେ ଭଞ୍ଜନଗର ଜେଲରେ ଏକ ବର୍ଷ ମିସା ବନ୍ଦୀ ରୂପେ ରହିଥିଲି।, କିନ୍ତୁ ସେତେବେଳେ ବି କେତେକ ବିଶିଷ୍ଟ ବ୍ୟକ୍ତିମାନେ ପେନସନ ପାଇଁ ପ୍ରସ୍ତାବ ଦେଇଥିଲେ, ମୋ ପରି ବ୍ୟକ୍ତିମାନେ ନୀତିଗତ ଭାବେ କହିଥିଲୁ ଯେ ଭତ୍ତା ପାଇଁ ଆମେ ଜେଲ ଯାଇନଥିଲୁ । ସେ ପୁଣି କହିଲେ, ଆଜି ୪୭ ବର୍ଷ ପରେ ସେହି ବନ୍ଦୀମାନଙ୍କ ମଧ୍ୟରୁ ଯେଉଁମାନଙ୍କ ବୃଦ୍ଧାବସ୍ଥା ଯୋଗୁଁ ପାରିବାରିକ ଅସହାୟ, ଆର୍ଥିକ ଅଭାବରେ ରହିଛନ୍ତି ସେମାନଙ୍କୁ ଭତ୍ତା ପ୍ରଦାନ ଯଥାର୍ଥ ହେବ। ମୁଁ ଘୋଷଣା କରିଛି ଯେ ମୁଁ ଭତ୍ତା ଗ୍ରହଣ କରିବି ନାହିଁ। ଆବେଦନ କରିବାର ପ୍ରଶ୍ନ ମଧ ଉଠୁ ନାହିଁ । କେବଳ ଗୋଟିଏ ପେନସନ ପାଇବା ପାଇଁ ନିୟମ କିମ୍ବା ଆଇନ ହେବା ଏକାନ୍ତ ଜରୁରୀ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଆର୍ଥିକ ଅସ୍ୱଚ୍ଛଳତା ଭିତରେ ରହୁଛନ୍ତି ସେମାନଙ୍କ ପାଇଁ ହିଁ ପେନସନ ଲାଗି ହେବା ଉଚିତ୍।



ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା କଲେଜ ପରିସରରେ ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ ଅଧ୍ୟାପକ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରି ଜାତୀୟ ବିକାଶରେ ସାହିତ୍ୟିକମାନଙ୍କର ଯଥେଷ୍ଟ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ସାହିତ୍ୟ ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ଏକ ପ୍ରକୃଷ୍ଟ ମାଧ୍ୟମ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର୍ ଯୋଗ ଦେଇ ଭାଷା ଗୋଟିଏ ଜାତିର ପ୍ରାଣ । ଏହି ପ୍ରାଣରେ ସାହିତ୍ୟ ଉନ୍ମାଦନା ଭରେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତ ଅତିଥି ସାହିତ୍ୟ ଦର୍ପଣର ରଜତ ଜୟନ୍ତୀ ସଂଖ୍ୟା ଉନ୍ମୋଚନ କରିଥିଲେ । ଏହି ଅବସରରେ ବିଶିଷ୍ଟ ଔପନ୍ୟାସିକ ଭୀମ ପୃଷ୍ଟିଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ ପୁରସ୍କାର, କବି ଅଭୟ ନାୟକଙ୍କ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ କବିତା ପୁରସ୍କାର, ଗାଳ୍ପିକ ଅରବିନ୍ଦ ଦାସଙ୍କୁ ଗଳ୍ପ ସମ୍ମାନ, ଡ଼. ନଳିନୀ ବେହେରା, ଡ଼. ଚିତ୍ତରଞ୍ଜନ ବେହେରା, କବି ନିରୁପମା ସ୍ୱାଇଁ, କବି ଶ୍ରୁଶୀ ସଙ୍ଗୀତା କୁମାର, କବି ଚନ୍ଦ୍ର ମୋହନ ମହାପାତ୍ରଙ୍କୁ ସାହିତ୍ୟ ଦର୍ପଣ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

# ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ପୂର୍ତ୍ତ ବିଭାଗ ଅଧିନରେ ସଳେଇରୁ ଜଲ୍ଲାରପୁର ପର୍ଯ୍ୟନ୍ତ ୬୦ ନମ୍ବର ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା । ସଳେଇ, କାଳିଆଘାଇ, ଅପୂଜା, ନୂଆଗାଁ, ଜଲ୍ଲାରପୁର ଛକରେ ବିଭିନ୍ନ ଯାଗାରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ଗର୍ତ୍ତରେ ବାଇକ୍ ଆରୋହୀ ପଡି ଖଣ୍ଡିଆ ଖାବରା ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି । ଅନେକ ମଧ ଗୁରୁତର ହୋଇ ଚିକିତ୍ସା ହେଉଛନ୍ତି । ତଥାପି ପୂର୍ତ୍ତ ବିଭାଗର ନିଦ ଭାଙ୍ଗୁନାହିଁ । ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରିବା ନିମନ୍ତେ ଲକ୍ଷାଧିକ ଟଙ୍କା ପୂର୍ତ୍ତ ବିଭାଗ ଖର୍ଚ୍ଚ କରୁଥିବା ବେଳେ ରାସ୍ତା ମରାମତି ନକରିବା ସନ୍ଦେହ ଘେରକୁ ଆସିଛି ପୂର୍ତ୍ତ ବିଭାଗ । ପୂର୍ତ୍ତ ବିଭାଗ ଏହାକୁ ଟେଣ୍ଡର କରାଇ କାହିଁକି ଏହାର ମରାମତି କରୁନାହିଁ । ଅଡଶପୁର ଫୁଲନଖରା ମରାମତି ହୋଇଥିବା ବେଳେ ସଳେଇରୁ ଜଲ୍ଲାରପୁର କାହିଁକି କରାଯାଉ ନାହିଁ । ଯଥାଶୀଘ୍ର ଏଥିପ୍ରତି ପୂର୍ତ୍ତ ବିଭାଗର ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ସାପ କାମୁଡ଼ାରେ ବୃଦ୍ଧ ମୃତ

ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ଥାନୁଆଳ ଗ୍ରାମର ଜଣେ ବ୍ୟକ୍ତି ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । ଥାନୁଆଳ ଗ୍ରାମର ସନାତନ ସେଠୀ ରବିବାର ୧୧ଟା ବେଳେ ସ୍ଥାନୀୟ ଜଙ୍ଗଲକୁ ଯାଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ିଥିବା ସେ ଘରେ ଆସି କହିଥିଲେ । ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଧର୍ମଶାଳା ପୋଲିସ୍ ଶବ ଜବତ କରିବା ସହ ୪/୨୫ରେ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ସର୍ବଭାରତୀୟ ଆଜାଦ ଚାଲେଞ୍ଜ କ୍ରିକେଟ୍ କପ୍

# ଇଷ୍ଟ କୋଷ୍ଟ ରେଲ୍‌ୱେକୁ ହରାଇ ଇଉସିସି ଚାମ୍ପିଅନ୍




କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢ଼େଇଭଲ ଦି ଆଜାଦ ସ୍ପୋର୍ଟସ ଏଣ୍ଡ କୋଲଚୁରାଲ କ୍ଲବ ଆନୁକୁଲ୍ୟରେ ଆୟୋଜିତ ସର୍ବଭାରତୀୟ ଆଜାଦ ଚେଲେଞ୍ଜ କ୍ରିକେଟ କପ ଫାଇନାଲରେ ଇଷ୍ଟ କୋଷ୍ଟ ରେଲୱେକୁ ହରାଇଇଉ ସିସି ରାଞ୍ଚି ଚମ୍ପିୟନ ହୋଇଛି । ପ୍ରଥମେ ରାଞ୍ଚି ଦଳ ଟସ ଜିତି ବୋଲିଙ୍ଗର ନିଷ୍ପତି ନେଇ ଖୋର୍ଦ୍ଧାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରଥମେ ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା ବ୍ୟାଟିଂ କରି ୨୨ ଓଭର ଖେଳି ୫ ଉଇକେଟ ହରାଇ ୨୧୦ ରନ କରି ପ୍ରତିପକ୍ଷ ଦଳ ଇଉସିସି ରାଞ୍ଚି ଦଳକୁ ବିଜୟ ଲକ୍ଷ ୨୧୧ରନର ଟାର୍ଗେଟ ଦେଇଥିଲା ତେବେ ରାଞ୍ଚି ୧୪.୧ ଓଭର ଖେଳି ୮ ଉଇକେଟ ହରାଇ ୨୧୩ ରନ କରି ୨ ଉଇକେଟରେ ବିଜୟ ହୋଇ ଚଳିତ ବର୍ଷ ଚମ୍ପିୟାନ ହୋଇଛି । ଆଜିର ଖେଳକୁ ଆମ୍ପେୟାର ଭାବେ ସତ୍ୟବ୍ରତ ମହାପାତ୍ର ଓ ଚିନ୍ମୟ ଦାସ କାର୍ଯ୍ୟ ତୁଲାଇଥିଲେ । ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ଅବ ଦୁଲ ମଲ୍ଲିକ ଓ ଅସଗୋର ଅଲ୍ଲୀ ସ୍କୋରର ଭାବେ ଏମଡି ଆବାସ ଅଲ୍ଲୀ, ଏମଡି ଫେଏଜ.ଏମ ଡି ଆବେନ, ଏମଡି କେୟେସ ଓ ଏମଡି ଇରଫ ।ନ୍ ଖେଳ ଶେଷରେ କ୍ଲବ ସଭାପତି ଏମଡି ଖୋଲିଲୁର ରେହମାନଙ୍କ ଅଧକ୍ଷତା ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥିଭାବେ ଯଶିପୁର ବିଧାୟିକ ତଥା ଜଙ୍ଗଲ ଓ ପାରିବେଶ ମନ୍ତ୍ରୀ ଇ ଗଣେଷ ରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଓସିଏର ପୂର୍ବତନ ଉପ ସଭାପତି ନବ ଚରଣ ପଟ୍ଟନାୟକ, ତେଲକୋଇ ବିଧାୟକ ଫକୀର ଚରଣ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଅଭିନେତ୍ରୀ ସୀପ୍ରା । ପ୍ରିୟଦର୍ଶିନୀ, କୃପାସିନ୍ଧୁ ମହାନ୍ତ ଓ ମଦନ ମୋହନ ମହାନ୍ତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଯୋଗ ଦେଇ ବିଜେତା ଦଳ ରାଞ୍ଚି କୁ ୫୧ ହଜାର ସହିତ ଟ୍ରଫି ଓ ଉପ ବିଜେତା ଦଳ ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା ଦଳ କୁ ୪୧ ହଜାର ସହିତ ଟ୍ରଫି ପ୍ରଦାନ କରିଥିଲେ । ଏହା ସହିତ ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିବା ରାଞ୍ଚି ଦଳର ଖେଳାଳି ଲକ୍ଷା ସିଂଙ୍କୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ । ଫାଇନାଲ ଖେଳକୁ ଉପଭୋଗ କରିବାକୁ ହଜାର ହଜାର ଦର୍ଶକ ରୁଣ୍ଡ ହୋଇଥିଲେ । ମନୋରଞ୍ଜନର ଖୋରାକ ଯୋଗାଇଥିଲେ ଅଭିନେତ୍ରୀ ସିପ୍ରା । ପ୍ରିୟ ଦର୍ଶନି ଖେଳରେ ସହଯୋଗ କରିଥିଲେ ସମ୍ପାଦକ ଏମଡି ସବୀର ଅଲ୍ଲୀ, ଏମଡି ସୁଲେମାନ, ସରଫୋତ, ନୁରୂଲ ଇସଲାମ, ଫୋରିମ, କେଦାର, ଏମଡ଼ି କାଏମ, ଏମଡି ତାଜ, ଏମଡି ରିୟାଯୁଦ୍ଦିନ, ଏମଡି ଖୋଲିଲ, ବିଜୟ ବାରିକ, ସୁରେନ୍ଦ୍ର ବେହେରା, ଇନ୍ଦ୍ରମଣି ମହାକୁଡ଼ ଓ କ୍ଲବର ଅନ୍ୟ ସାଥୀମାନେ ।

# ଜାତୀୟ ଯୁବ ଦିବସ ପାଳିତ

ଭୁବନ (ଭାସ୍କର ନ୍ୟୁଜ): ଭୁବନ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷା ସୁପ୍ତିମୟୀ ସେନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜାତୀୟ ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜାତୀୟ ସେବା ଯୋଜନା (ଏନ୍ ଏସ ଏସ) ପ୍ରୋଗ୍ରାମ ଅଧିକାରୀ ନମିତା ଦ୍ୱିବେଦୀ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ଭୁଷଣ ବେହେରା, ସୁରେନ୍ଦ୍ର ଗୁରୁ, ସୁକାନ୍ତି ନାୟକ, ବାସନ୍ତୀ ବେହେରା, ଗୟାଧର ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ ।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସାର ବିହାର ଚାମ୍ପିଅନ୍



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଗ୍ରାମବାସୀଙ୍କ ଦ୍ୱାରା ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ସର୍ବ ଭାରତୀୟ ଟାଙ୍ଗୀ କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନଲ ଖେଳରେ ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସାର ବିହାର ଚମ୍ପିୟାନ ହୋଇଥିବା ବେଳେ ରଙ୍ଗବାଜ ଫୁଟବଲ୍ କ୍ଲବ୍ ଜଗଦଲପୁର ଛତିଶଗଡ଼ ରନର୍ସ ହୋଇଛି । ଆୟୋଜକ କମିଟିର ସଭାପତି ତଥା ସରପଞ୍ଚ କିଶୋର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଟ୍ରଫି ପ୍ରଦାନ ଉତ୍ସବରେ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମାଜସେବୀ ସଂଜୟ କୁମାର ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା (ଖୋର୍ଦ୍ଧା) ବାସନ୍ତୀ ମହାପାତ୍ର, ଅପସରା ଜୁଏଲାରୀ ର ପ୍ରୋପାଇଟର ତଥା ସମାଜସେବୀ ବିକ୍ରମ କେଶରୀ ସାହୁ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟ୍ରଫି ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟପଟରେ ଟାଙ୍ଗୀ ଚିଲିକା ଷ୍ଟାଡିୟମର ଉନ୍ନତି ପାଇଁ ଖୋର୍ଦ୍ଧା ବିଧାୟକ ତାଙ୍କର ଅନୁଦାନ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିଥିଲେ । କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଆୟୋଜକ କମିଟିର ଉପଦେଷ୍ଟା ବିଜୟ କୁମାର ରାଉତ । ଆୟୋଜକ କମିଟିର ଉପଦେଷ୍ଟା ସୁରେନ୍ଦ୍ର ମହାପାତ୍ର, ଆଇନଜୀବୀ ନକୁଳ ନାୟକ, କୋଷାଧକ୍ଷ ସୁନିଲ ମହାନ୍ତି, ନରେନ୍ଦ୍ର ମହାପାତ୍ର, ବାଳକୃଷ୍ଣ ମିଶ୍ର,ବାବୁ ବେହେରା, ପ୍ରଣୟ ପାଇକରାୟ, ସୁକାନ୍ତ ବେହେରା, ପ୍ରଣୟ ପ୍ରତିକ ପଟନାୟକ, ଦିଲିପ କୁମାର ନାଥ, ରବିନ୍ଦ୍ର କୁମାର ନାୟକ, କୃଷ୍ଣ ଚନ୍ଦ୍ର ସାହୁ , ଚିନ୍ମୟ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ । ଶ୍ରେଷ୍ଠ ଖେଳାଳି ଙ୍କୁ ସ୍ୱଗତ ପ୍ରାକ୍ତନ ଫୁଟବଲ୍ ଖେଳାଳି ପଦ୍ମଚରଣ ଦାସ,ହରିହର ଦାସ, ଡାକ୍ତର କରୁଣାକର ଶ୍ରୀ ଚନ୍ଦନ, ସୁଧାଂଶୁ ଶେଖର ଦଳାଇ, ସୁଜିତ ଦାସ, ଦିଲିପ କୁମାର ଦାସ, ପ୍ରଶାନ୍ତ ବିଶ୍ୱାଳ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା । ଚାମ୍ପିୟାନ ଦଳକୁ ଓ ରନର୍ସ ଦଳକୁ ଟ୍ରଫି ସହିତ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା ।

# ଖଣି କାର୍ଯ୍ୟ ଚଳାଇଲା ପ୍ରଶାସନ

କଣିହାଁ (ଭାସ୍କର ନ୍ୟୁଜ): ଜରଡା ଗ୍ରାମବାସୀ କରିଥିବା ଖଣି ବନ୍ଦ ଆନ୍ଦୋଳନକୁ ପ୍ରଭାବିତ କରି ପୋଲିସ ସହାୟତାରେ ଖଣି କାର୍ଯ୍ୟ ସ୍ୱାଭାବିକ କରିଛି ପ୍ରଶାସନ । ଏଥିପାଇଁ ଆନ୍ଦୋଳନ ସ୍ଥଳରେ ଅନୁଗୋଳ ଏସପି ରାହୁଲ ଜେନ, ତାଳଚେର ଉପଜିଲ୍ଲାପାଳ ଆଇଏଏସ ସମୀର କୁମାର ଜେନା, ୨ ଆଡିସିନାଲ ଏସପି ,୫ ମାଜିଷ୍ଟ୍ରେଟ, ୬ଜଣ ଏସଡିପିଓ, ୧୨ଇନ୍ସପେକ୍ଟର, ୨୦ ଜଣ ଏସଆଇ ଓ ଏଏସଆଇ, ୧୭ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ । କଣିହାଁ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡା ଗ୍ରାମବାସୀ ପ୍ରସ୍ତାବିତ ପଥରମୁଣ୍ଡା ଯାଗା ମିଳିବା ଦାବିରେ କଣିହାଁ କୋଇଲା ଖଣି ମେନଗେଟ ସମ୍ମୁଖରେ ସୋମବାର ଧାରଣାରେ ବସି ରହି ଆନ୍ଦୋଳନ ଚଳାଇଥିଲେ ।

# ପ୍ରତିଭା ଅନ୍ୱେଷଣ ଓ ସଙ୍ଗୀତ ସମାରୋହ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ସିଦ୍ଧ ମହାବୀରଙ୍କ ପ୍ରାଙ୍ଗଣରେ ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ଓ ଗୋପିନାଥ ବେହେରା ଫାଉଣ୍ଡେସନ ଆନୁକୂଲ୍ୟରେ ପ୍ରତିଭା ଅନ୍ୱେଷଣ ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାକୁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ସରପଞ୍ଚ ମଧୁସ୍ମିତା ରାଉତ, ମୁଖ୍ୟବକ୍ତାଭାବେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଗୋପିନାଥ ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶ ସ୍ୱାଗତ ଭାଷଣ ଓ ଶେଷରେ ସମ୍ପାଦକ ସର୍ବେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରସ୍କାର ବିତରଣ ଉତ୍ସବ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମ ପଞ୍ଚାୟତ କେନ୍ଦିଲୋସ୍ଥିତ ବାବା ତାରକଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ସକୁନ୍ତଳା ମଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ରାଉତ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିରୂପେ ସମାଜସେବୀ ଅନନ୍ତ ଦାସ, ମୁଖ୍ୟବକ୍ତାଭାବେ ଅସୁରେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଲେଖ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥିଭାବେ ସମାଜସେବୀ ଜଜାତୀ କେଶରୀ ସିଂ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ ।

# ନଗସପୁର ଶାମ୍ବଦଶମୀ ମହୋତ୍ସବ ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଠାରେ ୩ଦିନ ବ୍ୟାପି ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ଶାମ୍ବଦଶମୀ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଭାଗବତ ମେଳଣ ଓ ସାମ୍ବଦଶମୀ ଯାତ୍ରା ଅନୁଷ୍ଠିତ ହୋଇଥିଲା । ୩ଦିନ ଧରି ଚାଲିଥିବା ଯାତ୍ରାରେ ସ୍ଥାନୀୟ ଅଂଚଳର ଶହ ଶହ ଦର୍ଶକ ଯାତ୍ରା ଉପଭୋଗ କରିଥିଲେ । ମା ସପ୍ତ' ଭଗିନୀ ଶାମ୍ବଦଶମୀ ଭାଗବତ ମେଳଣ କମିଟିର ସଭାପତି କିଶୋର ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଯୋଗେନ୍ଦ୍ରନାଥ ବେହେରା, କୋଷାଧକ୍ଷ ଦେବେନ୍ଦ୍ରନାଥ ହୋତା, ମୁଖ୍ୟ ପରିଚାଳକ ସୁବ୍ରତ କିଶୋର ଭୂୟାଁ, ସୁନାକର ଜେନା, ଜଗନ୍ନାଥ ଦାସ, ଶରତ ଚନ୍ଦ୍ର ହୋତା, ବିଶ୍ୱଜିତ ଦାସ,କ୍ଷୀରୋଦ ଷଡଙ୍ଗୀ, ସଚ୍ଚିଦାନନ୍ଦ ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ଶାରଳାପୁତ୍ର ବିନୋଦ ଷଡଙ୍ଗୀ,ସୁଧାଂଶୁ ମହାନ୍ତି,ବିନୋଦ ମହାନ୍ତି,ନିରଞ୍ଜନ ମହାନ୍ତି,ଜିତନ କୁମାର ମହାନ୍ତି, ବଟକୃଷ୍ଣ ବେହେରା,ସରୋଜ ବେହେରା,ତପନ ସିଂ ,ପ୍ରମୋଦ ଭୋଇ, ମୋହନ କାଣ୍ଡି, ନାରାୟଣ ବେହେରା, ଅରୁଣ କୁମାର ଦାସ, ଭୀମ ସିଂ, ପ୍ରତାପ ବାରିକ ପ୍ରମୁଖ କାର୍ଯ୍ୟକର୍ତାମାନେ ଏହି ଉତ୍ସବକୁ ସଫଳ କରାଇବାରେ ପୂର୍ଣ ସହଯୋଗ କରିଥିଲେ ।

# ରାୟଗଡ଼ାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ




ରାୟଗଡା (ଭାସ୍କର ନ୍ୟୁଜ୍) : ରାୟଗଡ଼ା ସ୍ୱାମୀ ବିବେକାନନ୍ଦ ସେବା ସମିତି ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସହ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି । ରାୟଗଡ଼ା ଗାୟତ୍ରୀ ନଗର ସ୍ଥିତ ଗାୟତ୍ରୀ ମନ୍ଦିର ସଭା ଗୃହରେ ସମିତିର ସଭାପତି ଯୋଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗୀ ଚୈତନ୍ୟ ରାମ ଜୀ, ମୁଖ୍ୟ ବକ୍ତା ଭାବେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସକ୍ଷମ ର ପ୍ରାନ୍ତଃ ସଙ୍ଗରଖ୍ୟକ ବାଦଲ କୁମାର, ସମ୍ମାନିୟ ଅତିଥି ଭାବେ ଗାୟତ୍ରୀ ପରିବାର ର ଜିଲ୍ଲା ପ୍ରମୁଖ ସୁଧିର କୁମାର ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାୟଗଡ଼ା ନଗର କାର୍ଯ୍ୟବାହ ବିଦ୍ୟାଭୂଷଣ ପଣ୍ଡା ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସହ ସ୍ୱାଗତ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମକୁ ଆଗକୁ ନେବା ସହ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ସ୍ମୃତି ଚାରଣ କରିବା ସହ ଛାତ୍ର ଏବଂ ଯୁବ ସମାଜ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଗ୍ରହଣ କରି ନିଜ ଜୀବନକୁ ଆଗକୁ ନେବା ପାଇଁ ମାର୍ଗଦର୍ଶନ କରିଥିଲେ । ସମିତିର ସଂପାଦକ କୃଷ୍ଣ କାନ୍ତ ଜେନା ସମିତିର କାର୍ଯ୍ୟ ଶୈଳୀ, କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ । ସମିତିର କୋଷାଧକ୍ଷ ଗଣେଶ କୁମାର ସାହୁ ଉପସ୍ଥିତ ଛାତ୍ର ଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଦୁର୍ଗା ମାଧବ ଘୋଷ, ରାମ କୃଷ୍ଣ ପାଣିଗ୍ରାହୀ, ପ୍ରଦୀପ ସାହୁ, ଆନନ୍ଦ ରାଉଳ, ଅଶ୍ୱିନୀ ନାୟକ, ନେହା ସିଂ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମଞ୍ଜୁଳା ମିନୀୟାକା, ରାୟଗଡ଼ା ଗାୟତ୍ରୀ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀ ଏବଂ ଗୁରୁମା ଗୁରୁଜୀ, ରାୟଗଡ଼ା ଗାୟତ୍ରୀ ପରିବାର , ଭାରତୀୟ ମଜଦୂର ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ସଂଗଠନର ନେତୃବୃନ୍ଦ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ସାମ୍ବାଦିକଙ୍କ ଘରୁ ଚୋରି ଅଭିଯୋଗ

ବାରିପଦା (ଭାସ୍କର ନ୍ୟୁଜ): ରାସଗୋବିନ୍ଦପୁର ଥାନା ଅଧିନ ତୋଟାପଡା ଗ୍ରାମରେ ଗତକାଲି ରାତିରେ ସ୍ୱର୍ଗତ ସାମ୍ବାଦିକ ସୁଦୀପ୍ତ ପଣ୍ଡାଙ୍କ ଘରେ ଚୋରମାନେ ପଶି ଚୋରି କରିଥିବା ଅଭିଯୋଗ ହୋଇଛି । ଶ୍ରୀ ପଣ୍ଡାଙ୍କ ବାପା ଙ୍କର କିଡନୀ ରୋଗ ଯୋଗୁଁ ଡାଇଲସିସ ପାଇଁ ବାପା ମା କଟକ ଯାଇଥିବାରୁ ଘରେ କେବଳ ତାଙ୍କ ସ୍ତ୍ରୀ ସସ୍ମିତା ଥିଲେ ।ତାଙ୍କ ଛୋଟ ଝିଅ ଜିଦ କରିବାରୁ ସସ୍ମିତା ଘର ପାଖରେ ହେଉଥିବା ଯାତ୍ରା ଦେଖାଇବାକୁ ପିଲାଟିକୁ ସେଠାରେ ଛାଡିଦେବାକୁ ଯାଇଥିଲେ । ରାତି ପ୍ରାୟ ୧୦ଟା ସମୟରେ ଚୋର ମାନେ ପ୍ରଥମେ ଗେଟ ଚାବି ଭାଙ୍ଗି ଭିତରକୁ ଯାଇ ଘରର କବାଟ ଚାବି ଭାଙ୍ଗିଛନ୍ତି ପରେ ଗଡ଼ରେଜ ଭାଙ୍ଗି ନଗଦ ୫୦ ହଜାର ଟଙ୍କା ଓ ସୁନା କାନଫୁଲ ଚୋରାଇ ନେଇଛନ୍ତି । ଏ ନେଇ ସସ୍ମିତା ପଣ୍ଡା ଥାନାରେ ଜଣାଇବାରୁ ପୋଲିସ ୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଆଞ୍ଚଳିକ ପ୍ରବନ୍ଧକଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଞ୍ଚଳିକ ପ୍ରବନ୍ଧକ ଭାବନୀ ଶଙ୍କର ମହାନ୍ତି, ଏଫଆଇ ମ୍ୟାନେଜର ସୂର୍ଯ୍ୟକାନ୍ତ ସାହୁ, ସହଜ ବିସିର ରାଜ୍ୟ ପରିଚାଳକ ବିବେକାନନ୍ଦ ପାଣିଗ୍ରାହୀ,ସହଜ ବିସିର ଏଫଆଇ ମ୍ୟାନେଜର ସଞ୍ଜୟ ଦାସଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଗ୍ରାହକ ସେବାକେନ୍ଦ୍ର କଟକ ଜିଲ୍ଲା ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ଅନୁପ କୁମାର ମଲ୍ଲ, ବଳଦେବ ସ୍ୱାଇଁ, ହରପ୍ରସାଦ ଶତପଥି,ସ୍ମିତିରଞ୍ଜ ପାଣି, ପ୍ରକାଶ ସିଂ, ତପନ ତରାଇ, ସେକ କଲିମ, ଶରତ ଜେନା ପ୍ରମୁଖ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡ଼ି ଯୁବକ ମୃତ

ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି । ବେତଣ୍ଡା ଗ୍ରାମର ତାରିଣୀ କିଙ୍କର ପାତ୍ର ଧର୍ମଶାଳା ପୋଲିସକୁ ଜଣାଇଛନ୍ତି ଯେ, ତାଙ୍କ ବଡ଼ବାପାଙ୍କ ପୁଅ ରାଜକିଶୋର ପାତ୍ର ସ୍ଥାନୀୟ ପୋଖରୀକୁ ଶନିବାର ରାତିରେ ଶୌଚ୍ ହେବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ । ପରିବାର ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଧର୍ମଶାଳା ପୋଲିସ୍ ଶବ ଜବତ କରିବା ସହ ୩/୨୫ରେ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଦୀର୍ଘ ୩୧ବର୍ଷ ପରେ ଏକାଠି ହୋଇଛନ୍ତି ପୁରାତନ ଛାତ୍ରଛାତ୍ରୀ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୩ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କର ପର୍ଯ୍ୟଟନସ୍ଥଳୀ ପୀରଜାହାନିଆ ପୀଠରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି । ବନ୍ଧୁମିଳନ ଉତ୍ସବରେ ବ୍ୟାଚର ଛାତ୍ରଛାତ୍ରୀ ଯୋଗଦେଇ ସ୍କୁଲ ସମୟର ସ୍ମୃତିକୁ ମନେ ପକାଇବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଏହି ବ୍ୟାଚର ଛାତ୍ରଛାତ୍ରୀ ମାନେ ସେବାମୂଳକ କାର୍ଯ୍ୟ ହାତକୁ ନେବାକୁ ନିଷ୍ପତ୍ତି ନେଇଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ବନ୍ଧୁ ଏକତ୍ରିତ ହୋଇଥିଲେ ।

# ସମାଜସେବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମର ବିଶିଷ୍ଟ ସମାଜସେବୀ ଶୁକଦେବ ଦାସଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ମୀରପାଟଣାସ୍ଥିତ ବାସଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ସେ ସରକାରୀ ଚାକିରୀରୁ ଅବସର ଗ୍ରହଣ ପରେ ସାମାଜିକ କାର୍ଯ୍ୟ ଓ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ବୋଲି ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପୂର୍ବତନ ପୌରାଧକ୍ଷ ତଥା ଜିଲ୍ଲା ବିଜେଡି ସଭାପତି ଧିରେନ କୁମାର ସାହୁ, ଯୁବ ନେତା ରାଜେଶ ପଣ୍ଡା, ଡେରାବିଶ ବ୍ଲକ ବିଡିଓ ନମିତା ବାରିକ, ଇଂ ସତ୍ୟପ୍ରକାଶ ସାହୁ, ପୂର୍ବତନ ଏବିଡିଓ ଭଞ୍ଜ କିଶୋର ନାୟକ, ଅଭୟା ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଜନ୍ମେଜୟ ଶତପଥୀ, ସାମ୍ବାଦିକ ପ୍ରମୋଦ କୁମାର ଦାସ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି ଓ ଶୁକଦେବ ସାହୁ ପ୍ରମୁଖ ବହୁ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ରାୟଗଡ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ

ରାୟଗଡ଼ (ଭାସ୍କର ନ୍ୟୁଜ): ନେହେରୁ ଯୁବ କେନ୍ଦ୍ର ରାୟଗଡା, ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଏନଏସଏସୟୁଆରସି, ଏନସିସି ମିଳିତ ଉଦ୍ୟମରେ ରାୟଗଡ ସ୍ୱୟଂ ଶାସିତ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପତ୍ର ଯୋଗଦେଇ ଆଗାମୀ ଦିନରେ ଯୁବକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ୨୦୪୭କୁ ବିକଶିତ ରାଷ୍ଟ୍ର ଗଠନରେ ସାମିଲ ହେବେ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେରେ ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଅଧକ୍ଷ ଡ଼ଃ ବବିଲତା ସାରାଫ, ନବରଙ୍ଗପୁର ମହା ବିଦ୍ୟାଳୟର ରାଜନୈତିକ ବିଜ୍ଞାନ ପ୍ରାଧପକ ବିଜୟ କୁମାର ମିଶ୍ର, ସାମାଜିକ କର୍ମୀ ଡଃ ଗୌରାଙ୍ଗ ଚରଣ ରାଉତ, ଶିକ୍ଷାବିତ୍ ଅକ୍ଷୟ ରଥ, ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଇଂରାଜୀ ପ୍ରାଧାପକ ଡ଼ଃ . ସରସ୍ୱତୀ ରାୟ ନେହେରୁ ଯୁବ କେନ୍ଦ୍ରର ଏମଟିଏସ୍ ଲକ୍ଷ୍ମୀନାରାୟଣ ସେଠୀ ପ୍ରଭୃତି ବ୍ୟକ୍ତି ମାନେ ଯୋଗ ଦେଇ ସ୍ୱାମୀ ବି




# ମହର୍ଷି ଯୋଗିଜୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଗୋବିନ୍ଦପୁରସ୍ଥିତ ମହର୍ଷି ବେଦ ବିଜ୍ଞାନ ବିଦ୍ୟାପୀଠ ପ୍ରାଙ୍ଗଣରେ ପରମ ପୂଜ୍ୟ ମହର୍ଷି ମହେଶ ଯୋଗିଜୀଙ୍କର ୧୦୮ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଅଛି । ବିଶ୍ୱଶାନ୍ତି କଲ୍ୟାଣାର୍ଥେ ତଥା ମହର୍ଷି ଦୈବିକ ଅମର ଆତ୍ମାର ସଦ୍‌ଗତି କାମନା କରି ରୁଦ୍ରାଭିଷେକ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା । ପରମ ପୂଜ୍ୟ ମହର୍ଷି ମହେଶ ଯୋଗିଜୀଙ୍କର ୧୦୮ତମ ଜନ୍ମ ଜୟନ୍ତୀ ପାଳନ ସଭାକାର୍ଯ୍ୟ ବିଦ୍ୟାପୀଠ ପ୍ରଭାରୀ ବ୍ରଜ ସୁନ୍ଦର ନାୟକଙ୍କ ସଭାପତିତ୍ୱରେ ପ୍ରାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି, ମୁଖ୍ୟବକ୍ତା ତଥା ବିଦ୍ୟାପୀଠ ପ୍ରଭାରୀଙ୍କ ଦ୍ୱାରା ମହର୍ଷିଜୀଙ୍କ ଜନ୍ମ ବୃତାନ୍ତ, ଜୀବନୀ ଓ ଜଣେ ମେଧାବୀ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ପଦାର୍ଥ ବିଜ୍ଞାନୀ ଛାତ୍ର ଜୀବନୀ ଠାରୁ ଜଣେ ଅସାଧାରଣ, ଅତିମାନବ ମହର୍ଷି ପଦପ୍ରାପ୍ତି ପର୍ଯ୍ୟନ୍ତ ସମସ୍ତ ବିଷୟ ଉପରେ ଛାତ୍ର ତଥା ଉପସ୍ଥିତ ପ୍ରବୁଦ୍ଧ ନାଗରିକମାନଙ୍କୁ ଅବଗତ କରାଯାଇଥିଲା । ପରେଶ ମିଶ୍ର, ବ୍ରହ୍ମାନନ୍ଦ ସାମଲ, କୈଳାସ ଚନ୍ଦ୍ର ମହାରଣା, ସଂଗ୍ରାମ କେଶରୀ ସ୍ୱାଇଁ, ସନ୍ତୋଷ କୁମାର ସକ୍ସେନା, ମାନସ ରନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## କଳାହାଣ୍ଡିରୁ ଅଯୋଧ୍ୟା-ପ୍ରୟାଗରାଜକୁ ଗଡ଼ିଲା ସ୍ୱତନ୍ତ୍ର ବସ୍




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପବିତ୍ର ମକର ସଂକ୍ରାନ୍ତି ଠାରୁ ପୁଣ୍ୟଭୂମି ପ୍ରୟାଗ ତୀର୍ଥ ଠାରେ ଅନୁଷ୍ଠିତ ହେଉଥିବା ମହାକୁମ୍ଭ ମେଳା ଦର୍ଶନ କରିବା ନିମନ୍ତେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନଙ୍କୁ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅତ୍ୟାଧୁନିକ ବସ୍ ଯାତ୍ରାର ଆୟୋଜନ କରାଯାଇଛି। ଏହି କ୍ରମରେ ରବିବାର ଦିନ ପୂର୍ବାହ୍ନରେ କଳାହାଣ୍ଡିର ଭବାନୀପାଟଣାରୁ ମଧ୍ୟ ଏକ ବସ୍ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି। ନିଜେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେଏହି ପବିତ୍ର ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ନୂଆ ବସଷ୍ଟାଣ୍ଡ ଭବାନୀପାଟଣା ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିଲା। ଏଥିରେ କଳାହାଣ୍ଡି ଲୋକସଭା ସଦସ୍ୟା ମାଳବିକା ଦେଓ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଓ ସିଡିଇଓ ଦୟାମୟ ପାଢ଼ୀ ଉପସ୍ଥିତ ଥିଲେ। ଅତିଥି ମାନେ ନୀଳ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବହୁ ନିମନ୍ତ୍ରିତ ଅତିଥି, ଗଣମାଧ୍ୟମ ପ୍ରତିନିଧି ଓ ରାଜନୈତିକ ଦଳର ନେତା ତଥା ଜନସାଧାରଣ ଉପସ୍ଥିତ ଥିଲେ। ଏହି ଭବାନୀପାଟଣା - ଅଯୋଧ୍ୟା ବସ୍‌ଟି କଳାହାଣ୍ଡିରୁ ବାହାରି ନୂଆପଡା, ବିଳାସପୁର, ଅମ୍ବିକାପୁର, ବାରଣାସୀ ହୋଇ ପ୍ରୟାଗରାଜ ଠାରେ ପହଞ୍ଚିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

## କଳାହାଣ୍ଡି ଉତ୍ସବ 'ଘୁମୁରା' ଉପଲକ୍ଷେ ରାହାଗିରି



- କଳାମୟ ହେଲା ଜେଲ୍ ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାସ୍ତା
- ଦର୍ଶକଙ୍କ ଭିଡରେ ଉତ୍ସାହିତ ଛାତ୍ରଛାତ୍ରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ରବିବାର ସ୍ୱଳ୍ପ କୁହୁଡି ସତ୍ତ୍ୱେ ସକାଳୁ ସକାଳୁ ଲୋକାରଣ୍ୟ ହୋଇ ପଡିଥିଲା ଭବାନୀପାଟଣାସହରର ଜେଲ୍ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାଜରାସ୍ତା। ପ୍ରଶାସନିକ ଅଧିକାରୀ, କଳାହାଣ୍ଡି ଉତ୍ସବ ରାହାଗିରି କାର୍ଯ୍ୟକ୍ରମର ଆୟୋଜକ, ପ୍ରତିଯୋଗିତାର ମୂଲ୍ୟାୟନ କରିବାକୁ ଥିବା ବିଚାରକ ଦଳ, କୁନିକୁନି ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ହାଇସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ,ଅଧ୍ୟାପକ ଅଧ୍ୟାପିକା, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି,କାର୍ଯ୍ୟକ୍ରମର ସମ୍ମାନିତ ଅତିଥିଙ୍କ ଗହଣରେ ଭରି ହେଇଯାଇଥିଲା ରାଜପଥ। କେଉଁଠି ପିଲାମାନଙ୍କ ନୃତ୍ୟ ଗୀତ ତ କେଉଁଠି ଚିତ୍ର ଆଙ୍କିବାରେ ବ୍ୟସ୍ତ ରହିଥିବା କୁନି ହାତର ରଙ୍ଗତୁଳୀର ଚାତୁରୀ ଦେଖଣାହାରୀଙ୍କୁ ଯେ ମନ୍ତ୍ରମୁଗ୍ଧ କରୁଥିଲା ତାହା ନୁହେଁ, ଅଭିଭାବକ ମାନେ ମଧ୍ୟ ନିଜ ଆଖିକୁ ବିଶ୍ୱାସ କରିପାରୁ ନଥିଲେ ସେମାନଙ୍କ ପିଲାମାନଙ୍କ କଳା ପ୍ରତିଭାକୁ।ଆଜି ରବିବାର ଥିବାରୁ ରାସ୍ତାରେ ଦର୍ଶକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।ରାହାଗିରୀ କମିଟିର ନୋଡାଲ ଅଫିସର ତଥା ଡେପୁଟି ଡାଇରେକ୍ଟର, ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଅଧ୍ୟକ୍ଷ ଡ.ଅଜୟ କୁମାର ମିଶ୍ର ଓ ଆବାହକ ସଞ୍ଜୟ କୁମାରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମ ୧୩ ତାରିଖ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ



କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ୍ ମହିମା ପଞ୍ଚାୟତ ଭୂର୍ଷାଗୁଡା ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ଦ୍ୱାରା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଛି। ସଂଘର ସଭାପତି ଶିବାନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ଦୁର୍ଜନ ମାଝୀ, ଦୈତାରୀ ମାଝୀ, ଟଙ୍କଧର ନାଏକ, ରାଜମୋହନ ଧଙ୍ଗଡାମାଝୀ, ଔରତ ମାଝୀ, ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ସ୍ୱାମୀଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ପାଠ କରାଯାଇଥିଲା। ସଂଘ ସଂପାଦକ କ୍ଷୀରୋଦ କୁମାର ନାଏକ, ସହ ସଂପାଦକ ସେନାପତି ନିଆଲ, ଉପସଭାପତି ସୁଦର୍ଶନ ମାଝୀ, ଲଳିତ ଦିଆରୀ, ଉପଦେଷ୍ଟା ଲବ ମାଝୀ ନିଜ ନିଜ ଅଭିଭାଷଣ ରଖିଥିଲେ। ଜିତେନ୍ଦ୍ର କୁମାର ଠାକୁର କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ସଂଘ ସଦସ୍ୟ ପଦ୍ମଲୋଚନ ମାଝୀ, ଉମ୍ବରୁଧର ନାଏକ, ଅଶୋକ ନାଏକ, ତୁଳସୀ ରଣା, ବିଷ୍ଣୁ ପ୍ରସାଦ ମାଝୀ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଗୋବର୍ଦ୍ଧନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଘୁମୁରା' ଉପଲକ୍ଷେ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫-ଧର୍ମଗଡ଼ ଉପଲେକ୍ଷ ମହିଳାମାନଙ୍କ ପାଇଁ ଝୋଟି, ରଙ୍ଗୋଲି, ହୁଳହୁଳି, ଶଙ୍ଖ ଫୁଙ୍କା, ମେହେନ୍ଦି, ସିଲେଇ, ରୋଷେଇ ଆଦି ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଧର୍ମଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଧିମାନ ଚକମା, ଡ. ମୋନିକା ଚକମା, ଅର୍ଥ କମିଟି ଉପ-ଅଧ୍ୟକ୍ଷ ସୁଶ୍ରୀ ହୀରା ବାଗ, ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ବିରଞ୍ଚି ଜାଲ, ସହକାରୀ ଜିଲ୍ଲାପାଳ ଅଜିତ ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆରୁପାନନ୍ଦ ଭୋଇ ଉପସ୍ଥିତ ରହି ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିବା ସହିତ ବିଭିନ୍ନ ପ୍ରତିଯୋଗିତାକୁ ବୁଲି ଦେଖିଥିଲେ। ସାଂସ୍କୃତିକ ପ୍ରତିଯୋଗିତା ଉପ କମିଟି ଅଧ୍ୟକ୍ଷ ନିରଞ୍ଜନ ମୁଦୁଲିଙ୍କ ସମେତ କମିଟି ସଭ୍ୟ ସରୋଜ ପଣ୍ଡା, ଦିନେଶ ପତ୍ର, ଦେବେଶ ପଣ୍ଡା, ରାଜେନ୍ଦ୍ର ଆଚାର୍ଯ୍ୟ, ମୁକେଶ ଛତ୍ରିଆ, ଉଦ୍ଧବ ପ୍ରଧାନୀ, ଚିତ୍ତରଞ୍ଜନ କୁମାର, ସୁଧନ୍ୟା ମେହେର, ସଞ୍ଜୀବ ମୁଣ୍ଡ ଆଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପ୍ରତିଯୋଗିତା ସମ୍ପନ୍ନ ହୋଇଥିଲା। ବିଭିନ୍ନ ବିଭାଗରେ ବିଚାରକ ଭାବରେ ଶ୍ରୀମତୀ ପ୍ରିୟମ୍ବଦା ଚାନ୍ଦ, ସିଡ଼ିପିଓ, ଧର୍ମଗଡ, ରୋଜଳିନୀ ମୁଣ୍ଡ, ସବିତା ପାଇକରାଏ, ମମତା ତ୍ରିପାଠୀ, ବେବିନା ମୁଣ୍ଡ, ନିବେଦିତା ଡାକୁଆ, ସୋଫିନା ପ୍ରଧାନ ଓ ଦେବେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ 'ଘୁମୁରା' ଉଦ୍‌ଯାପିତ



କେସିଙ୍ଗା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କଳାହାଣ୍ଡି ଉତ୍ସବ ଘୁମୁରା ଇତିମଧ୍ୟରେ ୨୭ ତମ ବର୍ଷରେ । କଳାହାଣ୍ଡି ଉତ୍ସବର ଆସର ପ୍ରଥମେ ପଞ୍ଚାୟତସ୍ତରୀୟ ତାପରେ ବ୍ଲକ୍‌ସ୍ତରୀୟ ପୁଣି ଏନ୍‌ଏସି ସ୍ତରୀୟ ଶେଷରେ ପ୍ରତିବର୍ଷ ଜାନୁଆରୀ ୧୪ ରୁ ଆରମ୍ଭ ହୋଇଥାଏ ଜିଲ୍ଲାସ୍ତରୀୟ ଉତ୍ସବ। ଏହି ମର୍ମରେ ଶନିବାର ଦିନ କେସିଙ୍ଗା ବ୍ଲକ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ପରିସରରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସଦର ବିଧାୟକ ସାଗର ଚରଣ ଦାସ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ । ଅନ୍ୟ ମାନଙ୍କ ମଧ୍ୟରେ କେସିଙ୍ଗା ର ପୂର୍ବତନ ବିଡ଼ିଓ ପଦ୍ମନାଭ ପୁରୋହିତ, ଭାର ପ୍ରାପ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେର,ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ବ୍ଲକ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହ ରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ସିଂଦେଓ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ବିଶିଷ୍ଟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଏବଂ ପି ଡି ଦୟାମୟ ପାଢ଼ୀ ଅନ୍ୟତମ ଅତିଥି ଭାବେ ପୂର୍ବତନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂହ ଯୋଗ ଦେଇଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସମ୍ବଲପୁରୀ କଳାକାର ମାନଙ୍କ ଦ୍ୱାରା ମେଲୋଡି ପ୍ରଦର୍ଶନ ଓ ଓଲିଉଡ କଳାକାର ରାନୀ ପ୍ରିୟଦର୍ଶିନୀ ତାଙ୍କର ନୃତ୍ୟ ପ୍ରଦର୍ଶନ କରିଥିଲେ।ଏହି କାର୍ଯ୍ୟକ୍ରମରେ କେତେକ ସରପଞ୍ଚ ଓ ସମିତିସଭ୍ୟ ଅନୁପସ୍ଥିତ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ହୋଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନଙ୍କୁ ପୁଷ୍ପଗୁଚ୍ଛ , ଉପଢ଼ୌକନ ମାନପତ୍ର ଦେଇ ସମ୍ମାନିତ କରାଯାଇଥିବାବେଳେ ବ୍ଲକର ଦକ୍ଷ ଓ କର୍ମଠ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତ୍ରିଲୋଚନ ବେହେରା, ଜଳେଶ୍ୱର ନାୟକ, ଧର୍ମେନ୍ଦ୍ର ସେଠି, ବିନାୟକ ବିଶ୍ୱାଳ, ସୁଶାନ୍ତ ସ୍ୱାଇଁ, ରାକେଶ ବୋଧ ପ୍ରମୁଖ ସହଯୋଗ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଜ୍ଞାନେନ୍ଦ୍ର ଭୋଇ ଓ ତପନ ଦାଶ। ଏହିକାର୍ଯ୍ୟକ୍ରମରେ ଦର୍ଶକଙ୍କ ପ୍ରବଳ ଭିଡ଼ ଅନୁଭୂତ ହୋଇଥିଲା ।

## 'ଚାପମୁକ୍ତ ଜୀବନ ପାଇଁ ଯୋଗ ଓ ଧ୍ୟାନର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ'




ଧର୍ମଗଡ଼ (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଉପଲକ୍ଷେ ଧର୍ମଗଡ଼ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଦୁଇ ଦିନ ଧରି ଯୋଗ ଓ ଧ୍ୟାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକ ସୁସ୍ଥ ଓ ନିରାମୟ ଜୀବନ ପାଇଁ ଯୋଗ ଓ ଧ୍ୟାନର ଉପାଦେୟତା ଉପରେ ଯୁକ୍ତ ରାଷ୍ଟ୍ର ଆମେରିକାରେ ବିଶେଷଜ୍ଞ ଭାବେ ପଞ୍ଜୀକୃତ ଯୋଗ ଓ ଧ୍ୟାନ ବିଶେଷଜ୍ଞ ଡାକ୍ତର ମୋନିକା ପରଶିରା ଶିବିରାର୍ଥି ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଦୈନନ୍ଦିନ ଜୀବନରେ ଚାପ ମୁକ୍ତ ହୋଇ ସାକାରାତ୍ମକ ଭାବନାକୁ ଗ୍ରହଣ କରିବା ପାଇଁ ଯୋଗ ଓ ଧ୍ୟାନର ଉପକାରିତା ଉପରେ ଡାକ୍ତର ମୋନିକା ପ୍ରଦର୍ଶନ ଜରିଆରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଡାକ୍ତର ମୋନିକାଙ୍କ ସ୍ୱାମୀ ତଥା ଉପଜିଲ୍ଲାପାଳ ଧୀମାନ ଚକମା, ସିଦ୍ଧାର୍ଥ ଫାଉଣ୍ଡେସନ ର ସମ୍ପାଦକ ଆଚାର୍ଯ୍ୟ ହୃଷିକେଶ ମିଶ୍ର, ଧର୍ମଗଡ଼ ବ୍ୟବସାୟୀ ସଙ୍ଘ ର ସଭାପତି ବିଦ୍ୟାଧର ସାହୁ, ସତ୍ ସଙ୍ଗ ସେବା କେନ୍ଦ୍ର ର ସଦସ୍ୟ ବୃନ୍ଦ, ବିଜେପି ନେତା ହିମାଂଶୁ ପଣ୍ଡା, ବରିଷ୍ଠ ସାମ୍ବାଦିକ ଇଙ୍ଗିତ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀ ଜୟନ୍ତ ମୁଣ୍ଡ, ବ୍ରଜେଶ୍ ପଣ୍ଡା, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନ ରୁ ଆସିଥିବା ପ୍ରତିନିଧି ଓ ଶିକ୍ଷକ, ଶିକ୍ଷୟତ୍ରୀ,ଛାତ୍ର ଛାତ୍ରୀ ମାନେ ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ଏହି ଦୁଇ ଦିନିଆ ଯୋଗ ଓ ଧ୍ୟାନ ଶିବିର କୁ କ୍ରୀଡା କମିଟିର ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ।

## 'କଳା, କଳାକାର ଓ ଦର୍ଶକଙ୍କ ମହାମିଳନର ପର୍ବ 'ଘୁମୁରା'



ଜୁନାଗଡ଼ (ଭାସ୍କର ନ୍ୟୁଜ ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଉଦଘାଟିତ ହୋଇଛି। କଳାହାଣ୍ଡି କଳାର ହାଣ୍ଡି, କଳା ବଞ୍ଚିଲେ କଳାକାର ବଞ୍ଚିବ । କଳାକାର ବଞ୍ଚିଲେ କଳାର ଉନ୍ନତି ହେବ । କଳାହାଣ୍ଡି ଉତ୍ସବ ଏକ ବନ୍ଧୁମିଳନର ଉତ୍ସବ । ଲୋକ ବାଦ୍ୟ, ଲୋକ ନୃତ୍ୟ, ଲୋକ ପରମ୍ପରା, ଲୋକ ସଂସ୍କୃତିକୁ ବଜାଇ ରଖିବା ତଥା କଳା, କଳାକାର ଓ ଦର୍ଶକଙ୍କ ମହାମିଳନର ପର୍ବ ହେଉଛି କଳାହାଣ୍ଡି ଉତ୍ସବ ବୋଲି ଉଦଘାଟନୀ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଥିଲେ । ସକାଳୁ ମା' ଲଙ୍କେଶ୍ୱରୀ ମନ୍ଦିରକୁ ଜୁନାଗଡ଼ ବ୍ଲକର ୩୪ଟି ପଞ୍ଚାୟତର ମଶାଲ ଆସିବାରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଏକ ମଶାଲ ଶୋଭାଯାତ୍ରାରେ ତ୍ରିନାଥ ମନ୍ଦିର ଠାରୁ କୁରୁଗୁଡା ଶିବ ମନ୍ଦିର ଯାଇ ସେଠାରେ ମଧ୍ୟ ପୂଜାର୍ଚ୍ଚନା କରାଯାଇ,ସେଠାରୁ କଳସ ଶୋଭାଯାତ୍ରା ଓ ମଶାଳ ଯାତ୍ରା ଆସି ମହାବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲା। ପରେ ଜୁନାଗଡ଼ ବିଡ଼ିଓ ଦେବାଶିଷ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ୍ୟା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଜିଲ୍ଲାପରିଷଦ ସଦସ୍ୟ ଲାଲବାହାଦୂର ଯାନୀ, ରେଣୁକା କୁମାର, ସଂଗୀତା ଖର୍ସେଲ, ସରପଞ୍ଚ ସଙ୍ଘ ସଭାପତି ତାରାଶଙ୍କର ରାୟଗୁରୁ, ଭଇଁରିଗୁଡା ସରପଞ୍ଚ ବୀଣାପାଣି କନ୍ଧପାନ, ସମିତିସଭ୍ୟ ଜବରସିଂ ତାଣ୍ଡି ,ନାଏବ ସରପଞ୍ଚ ଈଶ୍ୱର ଚନ୍ଦ୍ର ଜାମଗଛିଆ ପ୍ରମୁଖ ଉଦବୋଧନ ଦେଇଥିଲେ। ବିଏସଏସ ଓ ତୁଷାର ରଞ୍ଜନ ସାହୁ ମଞ୍ଚ ପରିଚଳନା କରିଥିଲେ । କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷ୍ୟା ସବିତା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେଓ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ୍ୟା ସୁଧିରା ମେହେର,ଭଇଁରିଗୁଡା ସରପଞ୍ଚ ବୀଣାପାଣି କନ୍ଧପାନ ପ୍ରମୁଖ ଉଦବୋଧନ ଦେଇଥିଲେ । ବିନୟ କୁମାର ସାହୁଙ୍କ ନେତୃତ୍ୱରେ ମନୋଜ ମେହେର, ବେଣୁଧର ବାଗ, ଅନୁବନ୍ଧନ ଭରଦ୍ୱାଜ, ଖୋଲାନନ୍ଦ ଝାଙ୍କର, ସନ୍ତୋଷ ମେହେର, ନିତେଶ ଯୋଶୀ, ଲିପ୍ସା ଦଣ୍ଡସେନା, ସୁଧାମୟୀ ପଣ୍ଡା, ସୂର୍ଯ୍ୟ ପ୍ରକାଶ ଠାକୁର, ଦେବେନ୍ଦ୍ର ସାହୁ, ରଘୁମଣି ପୁଝାରି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଲିଓଡ଼ ଗଗାୟିକା ପମେଲା ଜୈନ ସାଥୀଙ୍କ ମେଲୋଡି ଦର୍ଶକଙ୍କୁ ମଧ୍ୟରାତ୍ର ପର୍ଯ୍ୟନ୍ତ ମତୁଆଲା କରିଥିଲା ।ଜୁନାଗଡ଼ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଖଳା ରକ୍ଷ୍ୟା କରାଯାଇଥିଲା।

## ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ

## ପୁନେ ଗଲେ କଳାହାଣ୍ଡିର ୪୦ ଯୁବକ-ଯୁବତୀ




ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସାପ୍ତାହିକ ବଜାର ନିକଟରେ ଥିବା କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ କ୍ୟାମ୍ପ ପରିସରରେ ୧୬ ତମ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମର ୪ର୍ଥ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ନେହେରୁ ଯୁବ କେନ୍ଦ୍ର ମାଇଁ ଭାରତ କଳାହାଣ୍ଡି ଶାଖା ଏବଂ ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପକ୍ଷରୁ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ସଦର ବ୍ଲକ ଅଞ୍ଚଳରୁ ୪୦ ଜଣ ଯୁବକ ଯୁବତୀ ମହାରାଷ୍ଟ୍ର ରାଜ୍ୟର ପୁନେ ସହରକୁ ଯାତ୍ରା କରିଛନ୍ତି । ସେଠାରେ ଚଳିତ ମାସ ୧୩ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏକ ସାତ ଦିନିଆ ଯୁବ ବିନିମୟ ଶିବିରରେ ସେମାନେ ଯୋଗଦେବେ। ଶିବିରରେ ଅନ୍ୟାନ୍ୟ ରାଜ୍ୟର ଜନଜାତି ଯୁବକ ଯୁବତୀମାନେ ମଧ୍ୟ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି। କଳାହାଣ୍ଡି ଜିଲ୍ଲାରୁ ଯାଉଥିବା ଏହି ଜନଜାତିର ଯୁବଗୋଷ୍ଠୀଙ୍କ ଯାତ୍ରାର ଶୁଭାରମ୍ଭ କରିବା ନିମନ୍ତ ସ୍ଥାନୀୟ ସିଆରପିଏଫ୍ କ୍ୟାମ୍ପ୍ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପଙ୍କଜ ଚୌଧୁରୀ, କମାଣ୍ଡାଣ୍ଟ କଳାହାଣ୍ଡି ୬୪ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ପ୍ରଶାନ୍ତ କୁମାର ମିଶ୍ର ସେକେଣ୍ଡ ଇନ୍ କମାଣ୍ଡ, ସଞ୍ଜୟ ରଜକ, ସିଏମ୍‌ଓ., ଜିତଭାନ ରୋରାନ୍, ଡେପୁଟି କମାଣ୍ଡାଣ୍ଟ, ସଚ୍ଚିଦାନନ୍ଦ ପାତ୍ର ଡେପୁଟି କମାଣ୍ଡାଣ୍ଟ ତଥା ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ପ୍ରମୁଖ ଯୋଗ ଦେଇ ଶିବିରର ବିଭିନ୍ନ କାର୍ଯ୍ୟକ୍ରମରେ କିଭଳି ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରି ଜିଲ୍ଲାର କଳା ସଂସ୍କୃତିକୁ ପରିବେଷଣ କରି କଳାହାଣ୍ଡି ମାଟିକୁ ସୁନାମ ଆଣିପାରିବେ ସେ ନେଇ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ ସୂଚନା ଦେଇଥିଲେ। ପରେ ପରେ ୬୪ ସିଆରପିଏଫ୍ କମାଣ୍ଡାଣ୍ଟ ଶ୍ରୀ ଚୌଧୁରୀ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଜନଜାତି ଯୁବକ ଯୁବତୀମାନଙ୍କ ସହିତ ଏସକର୍ଟ ଭାବେ ସିଆରପିଏଫର ଏଏସ୍ ଆଇ.ଗୋବିନ୍ଦ ରାଜୁଲୁ, ହେଡ କନେଷ୍ଟବଳ ପ୍ରକାଶ ଖାଣ୍ଡରେ, ମହିଳା ଏ ଏସ୍ ଆଇ ଉପମା ମହାରଥ ଓ ମହିଳା କନେଷ୍ଟବଳ ମଧୁଛନ୍ଦା ବେହେରା ମଧ୍ୟ ମହାରାଷ୍ଟ୍ରର ପୁନେ ସହରକୁ ଯାତ୍ରା କରିଛନ୍ତି।

## ରାଶିଫଳ


ସୋମବାର, ୧୩ ଜାନୁଆରୀ ୨୦୨୫



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ । ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ । ବ୍ୟବସାୟ ଭଲ ହେବ । ଖର୍ଚ୍ଚ ବୃଦ୍ଧି ପାଇବ । ବିବାଦକୁ ବଢ଼ାନ୍ତୁ ନାହିଁ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି । ଏହା ବହୁତ ଲାଭଦାୟକ ହୋଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।




**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ । ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ। ଦିନଟି ଭଲ ରହିବ । କାରବାରକୁ ଶୀଘ୍ର କର ନାହିଁ । ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ । ଉପକୃତ ହେବ ।




**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ତୁମକୁ ସମ୍ମାନ ମିଳିବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । କିଛି ବଡ ଘଟଣା ହୋଇପାରେ । ବ୍ୟବସାୟ ଅନୁକୂଳ ଲାଭ ଦେବ । ଖୁସିରେ ଦିନଟି କଟିବ।




**ବିଛା:** କିଛି ବଡ ଅସୁବିଧା ଆସିପାରେ । ତାହା ଅଧିକ ଦ୍ରୁତ ଗତିରେ ଆସିବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ । ଆୟ ହେବ । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ । ଅନାବଶ୍ୟକ ନକାରାତ୍ମକତା ଦେଖାଯିବ । ଅଳସୁଆତା ଜିତିବ ।




**ଧନୁ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବେ । ପିକନିକ୍ ଉପଭୋଗ କରିବେ । ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ । ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ । ସହଭାଗୀମାନେ ସମର୍ଥନ ପାଇବେ ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ । ଦ୍ୱନ୍ଦ୍ୱ ଆସିପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ । କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ । ବ୍ୟବସାୟ ଲାଭଦାୟକ ହେବ ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ । ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ମିଳିବ ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ ।



ପ୍ରସ୍ତୁତିରେ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯